ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା : ୧୩୫
୨୩ ଅକ୍ଟୋବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 135
23rd October, 2025 Thursday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

**ଅମ୍ବିକା ପ୍ରସାଦ ଦାସଙ୍କ**
**'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ**
**ସେଇ ଦର୍ଶନର ଅନୁଭୂତି ଥିଲା ନିଆରା**

## ପୀତବାସ ହତ୍ୟା ମାମଲାରେ ବିକ୍ରମ ଗିରଫ

**ବ୍ରହ୍ମପୁର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗିରଫ କରିଛି ପୋଲିସ। ଗିରଫ ପରେ ବିକ୍ରମ ପଣ୍ଡାଙ୍କୁ କୋର୍ଟରେ ହାଜର କରାଯାଇଛି। ମଙ୍ଗଳବାର ରାତିରୁ ବିକ୍ରମ ପଣ୍ଡାଙ୍କୁ ଅଟକ ରଖି ଜେରା କରୁଥିଲା ପୋଲିସ।

ବ୍ରହ୍ମପୁର ଏସ୍‌ପି ସାମ୍ବାଦିକ ସମ୍ମିଳନୀ ଜରିଆରେ ହତ୍ୟାକାଣ୍ଡର ପୁରା ପ୍ଲାନ ଜଣାଇଥିଲେ। କେମିତି ହତ୍ୟା କରିଥିଲେ, ଆଉ କିଏ କିଏ ଏହି ପ୍ଲାନରେ ସାମିଲ ଥିଲେ। ପୁରା ଘଟଣା ସଂପର୍କରେ ସବିଶେଷ ତଥ୍ୟ ରଖିଛନ୍ତି ବ୍ରହ୍ମପୁର ଏସ୍‌ପି। ବ୍ରହ୍ମପୁର ଏସ୍‌ପିଙ୍କ କହିବାନୁସାରେ, ଅକ୍ଟୋବର ୬ ତାରିଖ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ପୀତବାସ ପଣ୍ଡାଙ୍କୁ ଫାୟାରିଂ କରି ହତ୍ୟା କରାଯାଇଥିଲା। ଯାହାକୁ ନେଇ ବୈଦ୍ୟନାଥପୁର ଥାନାରେ ୫୧୮ କେସ୍ ନମ୍ବର ରେଜିଷ୍ଟ୍ରି ହେଲା। ଏହାପରେ ପୋଲିସ ଆରମ୍ଭ କଲା ତନାଘନା। ପୀତବାସ ପଣ୍ଡାଙ୍କୁ ହତ୍ୟା ପାଇଁ କୁଆଡେ ସେପ୍ଟେମ୍ବର ମାସରୁ ଯୋଜନା



ହୋଇଥିଲା। ମଳୟ ବିଷୋୟୀ ଓ ମଦନ ପଲେଇ ପୁରା ଷଡଯନ୍ତ୍ର କରିଥିଲେ। ମଳୟ ବିଷୋୟୀ ଓ ମଦନ ପଲେଇଙ୍କ ଜରିଆରେ ଷଡଯନ୍ତ୍ର କରିଥିଲେ ବିକ୍ରମ ପଣ୍ଡା ଓ ପିଣ୍ଟୁ ଦାସ। ସେପ୍ଟେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ବିହାରରୁ ଏକ ଟିମ୍ ବ୍ରହ୍ମପୁର ଆସିଥିଲା। ସେମାନଙ୍କୁ ଆଣିଥିଲେ ମଳୟ ବିଷୋୟୀ ଓରଫ ଉମା। ବ୍ରହ୍ମପୁର ଆସିବା ପରେ ରେକି କରିଥିଲେ। ଉମା ବିଷୋୟୀଙ୍କ ସହଯୋଗୀ ଯୋଗେନ୍ଦ୍ର ରାଉତ ପଶ୍ଚିମବଙ୍ଗରେ ରହୁଥିବା ହିଞ୍ଜିଳିର ବିପିନ ସ୍ୱାଇଁଙ୍କୁ ଡାକିଥିଲେ। ବିପିନ ସ୍ୱାଇଁଙ୍କ କିଛି ସୁଟରଙ୍କ ସହିତ ଚିହ୍ନା ଜଣା ଥିବାରୁ, ସେମାନଙ୍କୁ ଡାକିଥିଲେ। ସେମାନଙ୍କୁ ସୀମାଞ୍ଚଳ ନାୟକ ଠିକ କରିଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଫସାଇ ଦିଆଯାଇଛି: ବିଜେଡି

**ଭୁବନେଶ୍ୱର,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମପୁରର ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ପୂର୍ବତନ ବିଧାୟକ ତଥା ବିଜେଡି ନେତା ବିକ୍ରମ ପଣ୍ଡାଙ୍କୁ ଜାଣିଶୁଣି ଫସାଇ ଦିଆଯାଇଛି। ଶଙ୍ଖ ଭବନରେ ପ୍ରେସମିଟ୍ କରି ଏଭଳି ଅଭିଯୋଗ ଆଣିଛି ବିଜେଡି। ବିକ୍ରମ ପଣ୍ଡା ରାଜନୈତିକ ଷଡ଼ଯନ୍ତ୍ରର ଶିକାର



ହୋଇଛନ୍ତି। ବିଜେଡି ଏହା ବିରୋଧରେ ଆଇନଗତ ଲଢେଇ ଲଢ଼ିବ। ବିକ୍ରମଙ୍କ ବିରୋଧରେ କୌଣସି ବଳିଷ୍ଠ ପ୍ରମାଣ ନାହିଁ। ଏହି ପ୍ରସଙ୍ଗକୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଅପରାଧକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି।

ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ହତ୍ୟାକାଣ୍ଡ ପରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ପୂର୍ବତନ ବିଜେପି ଜିଲ୍ଲା ପରିଷଦ ସଦସ୍ୟ। ମନ୍ତ୍ରୀଙ୍କୁ ସୁରକ୍ଷା *(ଶେଷ ପୃଷ୍ଠା ଦେଖନ୍ତୁ)*

## ମହିଳା ଏସ୍‌ଆଇଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଇଆଇସି ଗିରଫ

**ଭୁବନେଶ୍ୱର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜରେ ଶାନ୍ତି-ଶୃଙ୍ଖଳା ସ୍ଥାପନ ପାଇଁ ଦାୟିତ୍ୱ ନେଇଥିବା ପୁଲିସ କର୍ମଚାରୀମାନେ ମଧ୍ୟ ବିଶୃଙ୍ଖଳିତ ଆଚରଣ କରୁଥିବା ଦେଖାଯାଉଛି। ସରକାର ପୁଲିସ କର୍ମଚାରୀଙ୍କୁ ବିଶୃଙ୍ଖଳିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟିତ୍ୱ ଦେଇଥିବା ବେଳେ ପୁଲିସ ନିଜେ ଏହିଭଳି ଗତିବିଧିରେ ସଂପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଶାରୀରିକ ଏବଂ ମାନସିକ ନିର୍ଯାତନା ନେଇ ମହିଳା ଏସ୍‌ଆଇଙ୍କ ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୁଲିସ ଜଣେ ଆଇଆଇସିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଆଇଆଇସି ହେଲେ ଯଶୋବନ୍ତ ଆଚାର୍ଯ୍ୟ।

ସବ୍ ଇନ୍‌ସପେକ୍ଟରଙ୍କ ଅଭିଯୋଗ ଅନୁସାରେ ବିବାହର ପ୍ରତିଶ୍ରୁତି ଦେଇ ଥାନା ଅଧିକାରୀ ଦୀର୍ଘଦିନ ଧରି ଶାରୀରିକ ସଂପର୍କ ରଖିଥିଲେ। ଏପରିକି ଗର୍ଭବତୀ କରାଇ ଥିଲେ ଏବଂ ପରେ ଗର୍ଭ ନଷ୍ଟ କରିଥିଲେ। ୨୦୧୭ ବ୍ୟାଚର ଏହି ଅଧିକାରୀ ପଦୋନ୍ନତି *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏସ୍‌ଆଇ ନିଯୁକ୍ତି ଦୁର୍ନୀତିର ତଦନ୍ତ କରିବ ସିବିଆଇ

**ଭୁବନେଶ୍ୱର,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ ସିବିଆଇକୁ ହସ୍ତାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। କ୍ରାଇମବ୍ରାଂଚ ତଦନ୍ତରେ ଆଖିଦୃଶିଆ ସଫଳତା ନମିଳିବା, ଗୃହ ସଚିବ ଓ ଓଡିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଅଧ୍ୟକ୍ଷଙ୍କ ବିରୁଦ୍ଧରେ ବିରୋଧୀ ଦଳର ସିଧାସଳଖ ଅଭିଯୋଗ, ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଇଟିଆଇ ଓ ସିଲିକନ୍ ପ୍ରତି ରାଜ୍ୟ ପ୍ରଶାସନର ଅହେତୁକ ଅନୁକମ୍ପା, ତଦନ୍ତ ପ୍ରକ୍ରିୟାକୁ ନେଇ କ୍ରାଇମବ୍ରାଂଚ ଡିଜି ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଭୁବନେଶ୍ୱର ୧ ନମ୍ବର ହାଟରେ ଅଗ୍ନିକାଣ୍ଡ

# ଜଳିଗଲା ୪୦ ଦୋକାନ

**ଭୁବନେଶ୍ୱର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଭୁବନେଶ୍ୱରର ସବୁଠାରୁ ବଡ ହାଟ 'ୟୁନିଟ୍-୧'ରେ ଆଜି ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି। ଏକ ତେଜରାତି ଦୋକାନରୁ ଆରମ୍ଭ ହୋଇଥିବା ନିଆଁ ପ୍ରାୟ ୪୦ଟି ଦୋକାନକୁ ଧ୍ୱଂସ କରିଦେଇଛି। ଫଳରେ ବ୍ୟବସାୟୀମାନଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ ହୋଇଯାଇଛି।



ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି ଭୁବନେଶ୍ୱର ୟୁନିଟ-୧ ହାଟରେ ଥିବା ତେଜରାତି ଦୋକାନଗୁଡିକରେ ଅପରାହ୍ଣ ପ୍ରାୟ ୨ଟା ୪୦ରେ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ମିଳିବା ପରେ ତୁରନ୍ତ ଅଗ୍ନିଶମମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା। ନିଆଁ ଲିଭାଇବାକୁ ଶତାଧିକ କର୍ମଚାରୀ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଝାଳବୁହା ପରିଶ୍ରମ କରିଥିଲେ।

ଅଗ୍ନିଶମ ବିଭାଗର ଅଧିକାରୀ ରମେଶ ମାଝୀ କହିଛନ୍ତି, ୟୁନିଟ୍-୧ ମାର୍କେଟ୍‌ରେ ନିଆଁ ଲାଗିବା ନେଇ ଆମକୁ ୨ଟା ୪୦ରେ ସୂଚନା ମିଳିଥିଲା। ସୂଚନା ମିଳିବାର ମାତ୍ର ୩ ମିନିଟ୍ ମଧ୍ୟରେ ଆମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କର କାମ ଆରମ୍ଭ କରିଦେଇଥିଲେ। ନିଆଁ ଲିଭାଇବା ପାଇଁ ୧୫ ଗାଡି ବ୍ୟବହାର କରାଯାଇଥିଲା। ଏଥିରେ ୧୪୦ ଜଣ ଅଗ୍ନିଶମ ମୁତୟନ ଥିଲେ। ଦୋକାନରେ ଦହନଶୀଳ ଜିନିଷ ଥିଲା। ଏଥିପାଇଁ କମ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆଜିଠୁ ଉପକୂଳ ଜିଲ୍ଲାରେ ବଢ଼ିବ ବର୍ଷା !

**ଭୁବନେଶ୍ୱର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଗାମୀ ୧୨ ଘଣ୍ଟା ଭିତରେ ନେବ ଅବପାତର ରୂପ। ଅବପାତର ୧୨ ଘଣ୍ଟା ମଧ୍ୟରେ ଏହା ଉତ୍ତର ତାମିଲନାଡୁର ପୁଡୁଚେରୀ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ଗତି କରିବା ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୪ ତାରିଖରେ ରାଜ୍ୟର ଉପକୂଳ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ବୃଦ୍ଧି ପାଇବା ସମ୍ଭାବନା ରହିଛି। ୨୫ ଓ ୨୬ରେ ଉପକୂଳ ସମେତ ଉପକୂଳକୁ ଲାଗିଥିବା ଅନେକ ଜିଲ୍ଲାରେ ବର୍ଷା ହେବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୭ ଓ ୨୮ରେ ବି କିଛି ଜିଲାରେ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ଯାଏ ରହିବା ସମ୍ଭାବନା ଅଛି।

## ଭିଏନାରେ ଆଇଆରୟୁର ବୋର୍ଡ ମିଟିଂ

**ସାମିଲ ହେଲେ ଓଡ଼ିଆ ସମବାୟବିତ୍ ଅମ୍ବିକା ପ୍ରସାଦ ଦାସ**



**ଭିଏନା/ଭୁବନେଶ୍ୱର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରିଷ୍ଠ ସମବାୟବିତ୍ ତଥା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ନ୍ୟାସନାଲ ଫେଡ଼େରେସନ ଅଫ ଷ୍ଟେଟ୍ କୋଅପରେଟିଭ୍ ବ୍ୟାଙ୍କ (ନାଫସ୍କବ)ର ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ଦାସ ଆଜି ଅଷ୍ଟ୍ରିୟାର ଭିଏନାଠାରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ରାଇଫେସନ ୟୁନିୟନ (ଆଇଆରୟୁ)ର ବୋର୍ଡ଼ ମିଟିଂ ଏବଂ କୋଅପରେଟିଭ୍ କଂଗ୍ରେସରେ ଯୋଗଦାନ କରିଛନ୍ତି।

ଅନ୍ତର୍ଜାତୀୟ ସ୍ତରର ଏହି ସଂଗଠନରେ ବିଶ୍ୱବ୍ୟାପୀ ୧୦୦ ରାଷ୍ଟ୍ରର ବିଭିନ୍ନ ଶୀର୍ଷ ସମବାୟ ଅନୁଷ୍ଠାନ ସମେତ ୯ଲକ୍ଷ ସମବାୟ ଅନୁଷ୍ଠାନ ସଦସ୍ୟ ରହିଛନ୍ତି। ଭାରତ ସମେତ ନେଦରଲ୍ୟାଣ୍ଡ, ଅଷ୍ଟ୍ରିୟା, ପାରାଗୁଏ, ସୁଇଜରଲ୍ୟାଣ୍ଡ, ଥାଇଲ୍ୟାଣ୍ଡ, ବେଲଜିୟମ, ଇଟାଲୀ, ଜର୍ମାନ, ଲକ୍ସେମବର୍ଗ ଆଦି ରାଷ୍ଟ୍ରର ପ୍ରତିନିଧିମାନେ ଏଥିରେ ଯୋଗଦାନ କରିଛନ୍ତି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀ ଦାସ ଆଜି ଆନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ଏଠାରେ ଆୟୋଜିତ କୋଅପରେଟିଭ୍ କଂଗ୍ରେସରେ ଉଦ୍‌ବୋଧନ ଦେଇ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲଜେନ୍ସି ଏବଂ ସାଇବର କ୍ରାଇମ୍ ନିୟନ୍ତ୍ରଣ ସଂପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପିତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଭାରତୀୟ ଚାଉଳ ରପ୍ତାନୀକାରୀ ମହାସଂଘକୁ ସହଯୋଗ କରିବ ଓଡ଼ିଶା

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସରକାର ଭାରତ ଆନ୍ତର୍ଜାତୀୟ ଚାଉଳ ସମ୍ମିଳନୀ (ବିଆଇଆରସି) ୨୦୨୫ ସହିତ ନିଜର ସହଯୋଗକୁ ନିଶ୍ଚିତ କରିଛନ୍ତି। ଚାଉଳ କ୍ଷେତ୍ର ପାଇଁ ଏହା ବିଶ୍ୱର ସର୍ବବୃହତ ସମ୍ମିଳନୀ। ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅକ୍ଟୋବର ୩୦ ଏବଂ ୩୧ ତାରିଖରେ ହେବାକୁ ଥିବା ବିଆଇଆରସି-୨୦୨୫ ହେଉଛି ଏକ ଐତିହାସିକ ପଦକ୍ଷେପ ଯାହା ବିଶ୍ୱ ଚାଉଳ ଶିଳ୍ପରେ ଭାରତର ସ୍ଥିତିକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଓଡ଼ିଶାର ସହଯୋଗ ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ଆନ୍ତର୍ଜାତୀୟ ଚାଉଳ ବାଣିଜ୍ୟ ଉଭୟରେ ରାଜ୍ୟର ଅବଦାନକୁ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସମ୍ମିଳନୀ ଆୟୋଜକଙ୍କ ଏକ ବିବୃତିରେ କହିଛନ୍ତି। ଅନନ୍ୟ ସ୍ୱଦେଶୀ ଏବଂ ଜଳବାୟୁ-ପ୍ରତିରୋଧୀ କିସମ ସମେତ ଧାନ ଚାଷରେ ସମୃଦ୍ଧ ବିବିଧତା ପାଇଁ ପ୍ରସିଦ୍ଧ, ଓଡ଼ିଶା ଏହାର ପ୍ରଗତିଶୀଳ କୃଷି ନୀତି ଏବଂ କୃଷକ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ ଆଲୋକପାତ କରିବା ପାଇଁ ବିଆଇଆରସି ପ୍ଲାଟଫର୍ମକୁ ବ୍ୟବହାର କରିବ।

ଅଂଶ ଗ୍ରହଣ ସ୍ୱରୂପ, ଓଡିଶା ଭାରତୀୟ ଚାଉଳ ଉପରେ କଫି ଟେବୁଲ୍ ବୁକ୍ ପାଇଁ ମଧ୍ୟ ଅବଦାନ ଦେବ ଏବଂ ବିକଶିତ ଭାରତ ୨୦୪୭ରେ ଚାଉଳ କ୍ଷେତ୍ରର ଅବଦାନ ପାଇଁ ଦୃଷ୍ଟିକୋଣ ଏବଂ ରୋଡମ୍ୟାପ୍ ଭାବେ ସ୍ଥାୟୀ କୃଷି ଅଭିବୃଦ୍ଧି ପାଇଁ ଏକ ବ୍ଲୁପ୍ରିଣ୍ଟ ରଚନା କରିବ।

ଆୟୋଜକଙ୍କ ଅନୁଯାୟୀ, ଓଡ଼ିଶା ସରକାର ଏହି ସହଭାଗୀତାକୁ ବିଶ୍ୱସ୍ତରୀୟ ଅଂଶୀଦାରମାନଙ୍କ ସହିତ ସଂଯୋଗ ସ୍ଥାପନ କରି କୃଷି *(ଶେଷ ପୃଷ୍ଠା ଦେଖନ୍ତୁ)*

## ନୂଆପଡ଼ା ଉପନିର୍ବାଚନ: ୧୪ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ବଳବତ୍ତର

**ନୂଆପଡ଼ା,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ହୋଇଛି। ସମୁଦାୟ ୧୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ପ୍ରାର୍ଥିତ୍ୱ ନାକଚ ହୋଇଥିବା ପ୍ରାର୍ଥୀମାନେ ହେଲେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ ଏବଂ ଭୁଜବଳ ଆଡ଼ବଙ୍ଗ। ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀଙ୍କ ପ୍ରାର୍ଥିତ୍ୱ ବଳବତ୍ତର ରହିଛି। ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସହ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଠିକ୍ ରହିଛି। ଆଜି ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଏବଂ ରିଟର୍ଣ୍ଣିଂ ଅଫିସର ସୁର୍ମି ସୋରେନ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାରେ ଦୁଇ ଶହ ଶିଶୁ ପୁଷ୍ଟିହୀନ

**ଭୁବନେଶ୍ୱର,୨୨।୧୦: ତଥ୍ୟ**

ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭକରି ନବଜାତକଙ୍କ ପର୍ଯ୍ୟନ୍ତ ସରକାର ସମସ୍ତଙ୍କୁ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯୋଗାଉଥିବାବେଳେ ସରକାରୀ ହିସାବରେ ଏବେ ବି ରାଜ୍ୟରେ ପୁଷ୍ଟିହୀନତାର ଶିକାର ଛୋଟ ଛୋଟ ଶିଶୁଙ୍କ ସଂଖ୍ୟା ପ୍ରାୟ ୧୦ ହଜାର। ଖୋଦ୍ ଖୋରଧା ଜିଲ୍ଲାର ଦୁଇ ଶହ ଶିଶୁ ଏହି ତାଲିକାରେ ଅଛନ୍ତି। ଶିଶୁଙ୍କ ଠାରେ ପୁଷ୍ଟିହୀନତା ଦୂର ପାଇଁ ସରକାର ମା' ପେଟରୁ ଶିଶୁମାନଙ୍କ ଯତ୍ନ ନେଉଛନ୍ତି । ଗର୍ଭବତୀ ମହିଳାଙ୍କୁ କେବଳ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉନାହିଁ, ସେମାନଙ୍କୁ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯୋଗାଇ ଦିଅଯାଉଛି। ପିଲା ଜନ୍ମ ପରେ ଆର୍ଥିକ ସହାୟତା ବି ମିଳୁଛି। ଏଥିରେ ସୁଷମଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଉଛି। ସେହିଭଳି ନବଜାତକଙ୍କୁ ବିଭିନ୍ନ ପ୍ରକାର ଭିଟାମିନ୍ ସହିତ ଅଙ୍ଗନବାଡିରେ ବି ପୁଷ୍ଟିକର ଖାଦ୍ୟ ମିଳୁଛି।

ଏହା ସତ୍ତ୍ୱେ ବି ସରକାର ହିସାବରେ ରାଜ୍ୟରେ ପୁଷ୍ଟହୀନତାର ଶିକାର ହେଉଥିବା ୬ମାସରୁ ୫ବର୍ଷ ବୟସର ଶିଶୁଙ୍କ ସଂଖ୍ୟା ପାଖାପାଖି ୧୦ହଜାର ରହିଛି। ଏମାନଙ୍କ ମଧ୍ୟରେ ହଜାରେରୁ ଅଧିକ ଶିଶୁ ମୟୁରଭଞ୍ଜ ଜିଲ୍ଲାରେ ରହିଥିବାବେଳେ କେନ୍ଦୁଝରରେ ଏମାନଙ୍କ ସଂଖ୍ୟା ୮ଶହରୁ ଅଧିକ। ସେହିଭଳି ମାଲକାନଗିରିରେ ଏଭଳି ଶିଶୁଙ୍କ ସଂଖ୍ୟା ୬ଶହରୁ ଅଧିକ ରହିଥିବାବେଳେ ବାଲେଶ୍ୱର, ଗଞ୍ଜାମ, କଳାହାଣ୍ଡି ଜିଲ୍ଲାରେ ପୁଷ୍ଟିହୀନତାର ଶିକାର ଶିଶୁଙ୍କ ସଂଖ୍ୟା ୫ଶହାରୁ ଅଧିକ ରହିଛି। ସବୁଠାରୁ କମ୍ ପୁଷ୍ଟିହୀନତାର ଶିକାର ଶିଶୁ ରହିଛନ୍ତି ବୌଦ ଜିଲ୍ଲାରେ। ଏଠାରେ ୪୮ଜଣ ପୁଷ୍ଟିହୀନ ଶିଶୁ ଥିବାବେଳେ ଜଗତ୍‌ସିଂହପୁରରେ ଏହି ସଂଖ୍ୟା ୬୯ ଓ ପୁରୀରେ ୭୪ ରହିଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ସାକ୍ଷରତା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ଏକ ନମ୍ବର ମାନ୍ୟତା ପାଇଥିବା ଖୋରଧା ଜିଲ୍ଲାରେ ୨ଶହ ପୁଷ୍ଟିହୀନ ଶିକାର ଶିଶୁ ଥିବାବେଳେ କଟକରେ ଏହି ସଂଖ୍ୟା ୨ଶହରୁ ଅଧିକ ରହିଛି। କେନ୍ଦ୍ରାପଡାରେ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ଦେଢଶହ ରେକର୍ଡ କରାଯାଇଛି।

ସରକାରୀ ସୂଚନା ଅନୁଯାୟୀ ରାଜ୍ୟରେ ଶିଶୁମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟଗତ ଉନ୍ନତି ନିମନ୍ତେ ପରିପୂରକ ପୁଷ୍ଟି ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜିକୃତ ସମସ୍ତ ୬ମାସରୁ ୬ବର୍ଷ ବୟସର ଶିଶୁଙ୍କୁ ପ୍ରତି ମାସରେ ୨୫ଦିନ ହିସାବରେ ବର୍ଷକୁ ୩୦୦ ଦିନ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ୬ମାସରୁ ୩ବର୍ଷ ବୟସର ପିଲାଙ୍କୁ ଛତୁଆ, ଅଣ୍ଡା, ଲଡୁ, ଶୁଖିଲା ରାସନ ଦିଆଯାଉଛି। ଯେଉଁମାନେ ଅଣ୍ଡା ଖାଇବେ ନାହିଁ ସେମାନଙ୍କୁ ଅତିରିକ୍ତ ଲଡୁ ଯୋଗାଇ ଦିଆଯାଉଛି। ୩ବର୍ଷରୁ ୬ବର୍ଷ ବୟସରୁ ଶିଶୁଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ସକାଳ ଜଳଖିଆ ସହିତ ଗରମ ରନ୍ଧାଖାଦ୍ୟରେ ମାସକୁ ୨୦ଟି ଅଣ୍ଡା ମିଳୁଛି।

ଏହାବାଦ୍ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅତିଶୟ ପୁଷ୍ଟିହୀନ ପିଲାଙ୍କୁ ଛତୁଆ ଯୋଗାଇ ଦିଅଯାଉଛି । ଯେଉଁମାନଙ୍କର ସ୍ୱାସ୍ଥ୍ୟଗତ ଜଟିଳତା ରହୁଛି ସେମାନଙ୍କୁ ପୁର୍ନବାସ କେନ୍ଦ୍ରରୁ ପଠାଇ ସେଠାରେ ଯତ୍ନ ଦିଆଯାଉଛି। କମ୍ ଓଜନର ଶିଶୁଙ୍କୁ ବେସନ ଅଟା, କଦଳୀ ଓ ଅଣ୍ଡା କ୍ରମାଗତ ଭାବେ ୭୫ଦିନ ପାଇଁ ଯୋଗାଇ ଦିଆଯାଉଛି।

ଏତେ ସବୁ ସତ୍ତ୍ୱେ ସରକାରୀ ହିସାବରେ ରାଜ୍ୟରେ ୧୦ହଜାର ପିଲା ପୁଷ୍ଟିହୀନତାର ଶିକାର ବୋଲି ରେକର୍ଡ ହୋଇଛି। ତେବେ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ଏହି ସଂଖ୍ୟା ବାସ୍ତବରେ ଢେର ଅଧିକ ବୋଲି ମତ ଦେଉଛନ୍ତି। ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଯୋଗାଯାଉଥିବା ଖାଦ୍ୟର ମାନକୁ କଡାକଡି ଯାଞ୍ଚ ସହିତ ଏଥିପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇ ପାରିଲେ ସ୍ଥିତିରେ ସୁଧାର ଆସିପାରନ୍ତା ବୋଲି କହୁଛନ୍ତି।

## ଏଫଏମ ପୀଡ଼ିତା ଆତ୍ମାହୂତି ମାମଲା
# ୨ ଅଭିଯୁକ୍ତଙ୍କୁ ଜାମିନ: ଆଉ ୨ ନିରାଶ

**କଟକ,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଏଫଏମ ପୀଡ଼ିତା ଆତ୍ମହୂତି ମାମଲାରେ ହାଇକୋର୍ଟରୁ ୨ ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ହାଇକୋର୍ଟରୁ ବୁଧବାର ଦୁଇ ଅଭିଯୁକ୍ତ ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଶୁଭ୍ରସମ୍ବିତ ନାୟକଙ୍କୁ ଜାମିନ ମିଳିଛି। ତେବେ ମାମଲାର ମୁଖ୍ୟ ଅଭିଯୁକ୍ତ ଅଧାପକ ସମୀର ସାହୁଙ୍କ ଜାମିନ ଖାରଜ ହୋଇଯାଇଛି । ଏଥି ସହ କଲେଜ ଅଧକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନକୁ ହାଇକୋର୍ଟ ମଧ୍ୟ ଖାରଜ କରିଦେଇଛନ୍ତି । ଚାର୍ଜସିଟ ଦାଖିଲ ପରେ ସାନି ଜାମିନ ଆବେଦନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୧ ତାରିଖରେ ବାଲେଶ୍ୱର ଏଫଏମ ସ୍ୱୟଂଶାସିତ କଲେଜର ଦ୍ୱିତୀୟବର୍ଷ ଇଣ୍ଟିଗ୍ରେଟେଡ଼ ବିଏଡ଼ର ଛାତ୍ରୀ ସଂଗୀନ ଅଭିଯୋଗ ଆଣିଥିଲେ । ଅଧାପକ ସମୀର ସାହୁଙ୍କ ବିରୋଧରେ ଫେବର ମାଗୁଥିବା ନେଇ କଲେଜର ପ୍ରିନିସପାଲ ଦିଲ୍ଲୀପ ଘୋଷକୁ ଜଣାଇଥିଲେ । ସମସ୍ତେ ଜାଣିଥିଲେ ହେଁ, ତାଙ୍କ କଥାକୁ କେହି ଗୁରୁତର ସହ ନେଇ ନଥିଲେ। ଶେଷରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜଙ୍ଗଲୀ ବାରହା ଆକ୍ରମଣରେ ୪ ଆହତ, ଜଣେ ଗୁରୁତର

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ଫୁଲଝର ଗ୍ରାମରେ ବୁଧବାର ସକାଳେ ଏକ ଜଙ୍ଗଲୀ ବାରହା ଆକ୍ରମଣରେ ଚ଼ାରି ଜଣ ଲୋକ ଆହତ ହୋଇଛନ୍ତି । ଯେଉଁଥିରୁ ଜଣେ ଗୁରୁତର ଅବସ୍ଥାରେ ଅଛନ୍ତି । ସୂଚ଼ନା ଅନୁସାରେ, ଘମା ପୂର୍ତ୍ତି (ବୟସ ୫୦) ନିଜ ବାଗିଚ଼ାରେ କାମ କରୁଥିବା ବେଳେ ଜଙ୍ଗଲୀ ବାରହା ଆକ୍ରମଣ କରିଥିଲା । ତାଙ୍କ ଚ଼ିତ୍କାର ଶୁଣି ଆସିଥିବା ଅନ୍ୟ ୪/୫ ଗ୍ରାମବାସୀଙ୍କୁ ମଧ୍ୟ ବାରହା ଆକ୍ରମଣ କରି ଆହତ କରିଥିଲା । ଆହତମାନଙ୍କୁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ହୋଇ ଯାଜପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ଘଟଣା ସୂଚ଼ନା ପାଇ ଟମକା ଜଙ୍ଗଲ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଅଞ୍ଚଳରେ ପିଛଲା କିଛି ମାସ ଧରି ଜଙ୍ଗଲୀ ବାରହା ଓ ହାତୀ ଦେଖାଦେବା ଘଟଣା ବଢ଼ିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ, ଜଙ୍ଗଲ ହ୍ରାସ ଓ ପରିବେଶ ସନ୍ତୁଳନ ଭାଙ୍ଗିବାରୁ ଜଙ୍ଗଲୀ ପଶୁମାନେ ବାସସ୍ଥାନ ହରାଇ ଗାଁ ଅଞ୍ଚଳକୁ ପଶୁଛନ୍ତି । ସେମାନେ ଜଙ୍ଗଲ ବିଭାଗର ଅବହେଳା ଓ ନିରୀକ୍ଷଣ ଅଭାବକୁ ଏହି ପରିସ୍ଥିତି ପାଇଁ ଦାୟୀ କରୁଛନ୍ତି । ସ୍ଥାନୀୟ ଲୋକ ଓ ସାମାଜିକ ସଂଗଠନମାନେ ଦାବି କରିଛନ୍ତି ଯେ, ଗ୍ରାମ ପରିସରରେ ପଶୁ ପ୍ରତିରୋଧ ବାଡ଼, ଆଲୋକ ସୁବିଧା ଓ ନିରୀକ୍ଷଣ ବ୍ୟବସ୍ଥା ଶକ୍ତିଶାଳୀ କରିବା ସହ ଆହତମାନଙ୍କୁ ତତ୍କାଳ ଆର୍ଥିକ ସାହାଯ୍ୟ ଯୋଗାଇବା ଉଚ଼ିତ । ଫୁଲଝର ଅଞ୍ଚଳର ଏହି ଘଟଣା ପୁନରାୟ ସ୍ପଷ୍ଟ କରିଦେଲା, ପରିବେଶ ସନ୍ତୁଳନ ରହିଲେ ହିଁ ମନୁଷ୍ୟ ଓ ପଶୁ ଉଭୟ ସୁରକ୍ଷିତ ରହିପାରିବେ ।

## ଦୀପାବଳି ବାଣନିଆଁରେ ବହୁ ବ୍ୟକ୍ତି ଆହତ

**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀର ପୁରପଲ୍ଲୀରେ ସୋମବାର ଆଲୋକର ପର୍ବ ଦୀପାବଳୀ ପାରମ୍ପରିକ ଭାବେ ପାଳନ ହୋଇଛି। ଏହି ଦିବସରେ ପିତୃପୁରୁଷଙ୍କୁ ଆବାହନ କରି 'ପୟାଶ୍ରାଦ୍ଧ' ଦିଆଯାଇଛି। ଗୃହ ସମ୍ମୁଖରେ କାଉଁରିଆ କାଠି ପ୍ରଜ୍ୱଳନ କରିବା ସହ ପୂର୍ବପୁରୁଷଙ୍କୁ ସ୍ମରଣ କରି ବିଦାୟ ଦିଆଯାଇଛି। ପ୍ରଶାସନିକ କଟକଣା ସତ୍ତ୍ୱେ ଚଳିତ ଦୀପାବଳି ଉତ୍ସବର ବାଣଫୁଟା ପୂର୍ବର ସବୁକୁ ଟପିଯାଇଛି। ବାୟୁ ପ୍ରଦୂଷଣର ମାତ୍ରାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସବୁଜ ବାଣକୁ ଅନୁମତି ମିଳିଥିଲା। ପୁଲିସ ପକ୍ଷରୁ କେତେକ ବେଆଇନ ବାଣ ପ୍ରସ୍ତୁତି ଓ ମହଜୁଦ ଉପରେ ଚଢାଉ ହୋଇଥିଲା। ହେଲେ ସବୁ କଟକଣାକୁ ଏଡାଇ ଗାଁ ଗହଳି ସବୁଠି ଶହ ଶହ ବେଆଇନ ବାଣ ଦୋକାନ ଖୋଲିଥିଲା। ଏତେ ପରିମାଣରେ କଲିକତି ବାଣ ପରିବହନକୁ ପୁଲିସ ଜାଣି ଅଜଣା ହୋଇଥିଲା। ପିଲା ଓ ଯୁବକ ବର୍ଗ ବାଣପୁଟାରେ ମତୁଆଲା ହୋଇ ଉଚ୍ଚ ଆଲୋକ, ଶବ୍ଦ ଓ ପ୍ରବଳ ଧୂମ୍ରଯୁକ୍ତ ବାଣ ଅପରାହ୍ନ ୪ଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଫୁଟାଇ ଚାଲିଥିଲେ। ଫଳରେ ଚତୁର୍ଦ୍ଦିଗ ଧୂଆଁମୟ ହୋଇଯାଇଥିଲା। ବାୟୁ ପ୍ରଦୂଷଣ ସର୍ବୋଚ୍ଚ ସ୍ତରକୁ ଆସିଥିଲା। ବାଣନିଆଁରେ ୧୨ଜଣ ଜଣ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତରଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରମ୍ପରା ପାଳନ ନାମରେ ଉଭୟ ଶବ୍ଦ ଓ ବାୟୁ ପ୍ରଦୂଷଣକୁ ସଚେତନ ନାଗରିକମାନେ ଗ୍ରହଣ କରିପାରି ନାହାନ୍ତି। ବାଣ ପ୍ରସ୍ତୁତି ଓ ପରିବହନକୁ କଡାକଡି ରୋକା ନଗଲେ ଜନସାଧାରଣଙ୍କ ଉପରେ ବାଣଫୁଟା ନିଷେଧାଦେଶ ଗୁରୁତ୍ୱହୀନ ହୋଇଯାଇଛି।

## ୩୦ରେ ଧାରଣା ନିମନ୍ତେ ଉପଜିଲ୍ଲାପାଳଙ୍କୁ ଅବଗତ

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଚ଼ିକିତ୍ସାଳୟ ରକ୍ତକେନ୍ଦ୍ରରେ ଟେକ୍ନିସିଆନ୍ ପଦବୀ ଓ ନାକ - ପିସିଆର ଟେଷ୍ଟ ହେଉ ନ ଥିବାରୁ ରୋଗୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ, ନାକ-ପିସିଆର ଟେଷ୍ଟ ଓ ଟେକ୍ନିସିଆନ୍ ପଦବୀ ପୂରଣ ପାଇଁ ନୀଳଗିରି ରକ୍ତଦାତା ସଂଘ ତରଫରୁ ଗତ ୧୪ ତାରିଖରେ ସଂଘ ପକ୍ଷରୁ ଏକ ଦାବୀପତ୍ର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ସେଥିପାଇଁ ସଂଘ ପକ୍ଷରୁ ଆସନ୍ତା ତିରିଶ ତାରିଖରେ ନୀଳଗିରି ଉପଖଣ୍ଡ ଚ଼ିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ମଙ୍ଗଳବାର ସଂଘ ପକ୍ଷରୁ ଲିଖିତ ଭାବେ ଉପଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି । ତତସହିତ ଉପଖଣ୍ଡ ଚ଼ିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ନୀଳଗିରି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ସଂଘର ସଭାପତି, ଗୋପାଳ ଚ଼ନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପସଭାପତି ଭଗବାନ ମହାନ୍ତି, ବ୍ରଜବିହାରୀ ଦାସ, ତପସ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଲିଖିତ ପତ୍ର ପ୍ରଦାନ କରିଥିବା ଜଣାଯାଇଛି ।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**



କୋଣାର୍କ କାକଟପୁର ରାସ୍ତା ଜମରା ଗ୍ରାମ ହାତୀମଲା ଠାରେ ସଡକ ଦୁର୍ଘଟଣାରେ ଜଣେ ବାଇକ ଚ଼ାଳକ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ବ୍ୟକ୍ତି ଜଣଙ୍କ ହେଉଛନ୍ତି ବାଲିଦୋକାନରେ ରହୁଥିବା ଭୈରବ ରାଉତ (୫୦) । କୋଣାର୍କରୁ ନିଜ ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଏକ ଅଟୋ ସହିତ ଧକ୍କା ହୋଇଥିଲା । ଭୟଙ୍କର ଦୁର୍ଘଟଣାରେ ବାଇକ ଚ଼ାଳକଙ୍କ ମୁଣ୍ଡ, ମୁହଁ ଏବଂ ଗୋଡ଼ରେ ଗୁରୁତର ଆଘାତ ହୋଇ ପଡ଼ିଥିଲେ । ବାଟରେ ଯାଉଥିବା ଲୋକଙ୍କ ସହଯୋଗରେ କଲ୍ କରିବା ଅଧ ଘଣ୍ଟା ପରେ କୋଣାର୍କ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କୁ ଗୋପ ମେଡିକାଲକୁ ନେଇଥିଲେ । ବ୍ୟକ୍ତି ଜଣକ ଅବସ୍ଥା ଗୁରୁତର ଥିବାରୁ ତତକ୍ଷଣାତ ଗୋପ ମେଡିକାଲରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ଉକ୍ତ ରାସ୍ତାରେ ଦୈନିକ ଛୋଟବଡ଼ ଦୁର୍ଘଟଣା ମାନ ମାନ। ଅନାବନା ଗଛ ମାଡ଼ି ବସିବା, ରାସ୍ତା ଅଣଓସାରିଆ ସହିତ ଅଧିକାଂଶ ସ୍ଥାନରେ ବାଙ୍କ ରହୁଥିବା ହେତୁ ଦୈନିକ ଦୁର୍ଘଟଣା କ୍ରମଶଃ ବୃଦ୍ଧି ପାଉଛି । ସବୁଠୁ ଦୁଃଖଦାୟକ ଘଟଣାଟି ହେଉଛି କୋଣାର୍କ ଅଞ୍ଚଳରେ ସଡକ ଦୁର୍ଘଟଣା ହେଲେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ କୋଣାର୍କ ହସ୍ପିଟାଲକୁ ନଯାଇ ଗୋପ ହସ୍ପିଟାଲକୁ ଆସିଥାନ୍ତି । ଯାହାଫଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଆହୁରି ୨୦ରୁ ୨୫ କିଲୋମିଟର ଅଧିକ ବାଟ ଆସିବାକୁ ପଡୁଛି । ତା'ସତ୍ତ୍ୱେ ଗୋପରେ ମଧ୍ୟ ସଠିକ ଉପଚ଼ାର ମିଳୁନାହିଁ । ରୋଗୀଙ୍କୁ ଭୁବନେଶ୍ୱର, କଟକ କିମ୍ବା ପୁରୀ ହସ୍ପିଟାଲକୁ ସ୍ଥାନାନ୍ତରିତ ହେବାକୁ ପଡିଥାଏ । ସରକାର କୋଟି କୋଟି ଟଙ୍କା ସ୍ୱାସ୍ଥ୍ୟ କାର୍ଡ ପାଇଁ ଗଛିତ କରୁଛନ୍ତି ସତ କିନ୍ତୁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ଭିତ୍ତିଭୂମିର ବିକାଶ ହେଉନାହିଁ । ଯାହା ଫଳରେ ଦୁର୍ଘଟଣାର ଗୁରୁତ୍ୱପୂର୍ଣ୍ଣ ଏକ ଘଣ୍ଟା ପୀଡ଼ିତଙ୍କ ପାଇଁ କାଳ ସାଜୁଛି । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ନିବେଦନ କରାଯାଉଛି ।

## ବିଭିନ୍ନ ସ୍ଥାନରେ ଚଢ଼ାଉ: ବିପୁଳ ମାତ୍ରାରେ ବେଆଇନ ବାଣ ଜବତ

**ସୋରଃ ଏକ୍ସପ୍ରେସ ନ୍ୟୁଜ୍**

ସୋର ବ୍ଲକ ସର୍ବରା ପଞ୍ଚାୟତ ରାଧିକାନଗର ଗ୍ରାମରେ ସୋର ପୁଲିସ ପକ୍ଷରୁ ଜବତ କରାଯାଇଥିବା ବେଆଇନ ବାଣକୁ ନିଷ୍କ୍ରିୟତା ବେଳେ ଲୋକଙ୍କ ଘର କାନ୍ଥ ଫାଟିବା ସହିତ ଝରକା ଭାଙ୍ଗି ଥିବା ଅଭିଯୋଗ ହୋଇଛି । ସୋର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ମାତ୍ରାରେ ବେଆଇନ ବାଣ ଜବତ କରାଯାଇଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଉକ୍ତ ଜବତ ବାଣକୁ ନିଷ୍କ୍ରିୟ ପାଇଁ ସୋର ପୁଲିସ ସୋର ଅଗ୍ନିଶମ ବିଭାଗ ସହଯୋଗରେ ସବିରା ପଞ୍ଚାୟତ ରାଧିକାନଗର ନିକଟ କାଂଶବାଂଶ ନଦୀକୂଳରେ ଥିବା ଏକ ଖୋଲା ସ୍ଥାନକୁ ଚୟନ କରିଥିଲେ। ସେଠାରେ ଗାତ ଖୋଳି କିଛି ବାଣକୁ ପୋତା ଯାଇଥିବା ବେଳେ ଅନେକ ବାଣରେ ନିଆଁ ଲଗାଯାଇଥିଲା। ଯାହାଦ୍ୱାରା ହୋଇଥିବା ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ୬ଟି ଗାଁ ସମେତ ଆଖପାଖ ଅଞ୍ଚଳ ହୁଲୁସ୍ଥୁଲ ହୋଇଯାଇଥିଲା। ଆକାଶରେ ଏକ ବିସ୍ଫୋରଣର ଧୂଆଁ ଦେଖିବାକୁ ମିଳିଥିଲା। ଏଥିରେ ସବିରା ଓ ତଳନଗର ପଞ୍ଚାୟତର ୬ଟି ଗାଁର ଅନେକ ଲୋକଙ୍କ ଘର କାନ୍ଥ ଫାଟିବା ସହିତ କବାଟ ଝରକା ଭାଙ୍ଗିଥିବା ଗଆମବାସୀମାନେ ଅଭିଯୋଗ କରିଛନ୍ତି । ପୁଲିସ ପକ୍ଷରୁ କରାଯାଇଥିବା ଏପରି କାର୍ଯ୍ୟକୁ ବିରୋଧ କରାଯିବ ସହିତ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ବାଣ ନିଆଁରୁ ଅଗ୍ନିକାଣ୍ଡ, ଦୁଇ ବଖରା ଘର ପୋଡି ପାଉଁଶ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଥିବା ବେଳେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ୧୦ଟି ଗୋରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସରକାରଙ୍କ ପକ୍ଷରୁ ସଂଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ନିର୍ଦ୍ଦେଶ ଥିବା ବେଳେ ସୋରରେ ପ୍ରଶାସନର ଅବହେଳା ପାଇଁ ଲୋକେ ରାତି ୧୧ଟା ପର୍ଯ୍ୟନ୍ତ ବାଣ ଫୁଟାଇଥିବା ଜଣାପଡିଛି । ରାତିରେ ବାଣ ଫୁଟାଇବା କାରଣରୁ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗି ଦୁଇ ବଖରା ଘର ପୋଡି ପାଉଁଶ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ମଙ୍ଗଳବାର ରାତି ୧୦ ଟାରେ ସୋର ପୌରପାଳିକା ଅଧିନ ୧୦ ନମ୍ବର ୱାର୍ଡର ଜୟନ୍ତ କୁମାର ଭୋଇଙ୍କ ଚାଳ ଘରେ ବାଣ ନିଆଁରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ଘର ନିକଟରେ ଥିବା ଗୁହାଳ ଘରୁ ୧୦ ଟି ଗୋରୁଙ୍କୁ ଫିଟାଇଦେଇଥିଲେ । ଖବର ପାଇ ସୋର ଅଗ୍ନିଶମ ବିଭାଗର ଗୋଟିଏ ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଦୁଇ ବଖରା ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଜୟନ୍ତ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା କପଡା ଦୋକାନ

**ଗୁଣପୁର: ଏକ୍ସପ୍ରେସ ନ୍ୟୁଜ୍**




ରାୟଗଡା ଜିଲ୍ଲା ଗୁଣପୁର ସହର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଆୟାପା ଡ୍ରେସେସ୍ ନାମକ ଏକ ଗାର୍ମେଣ୍ଟ କପଡ଼ା ଦୋକାନରେ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ।

ଦୋକାନର ଉପର ମହଲା କପଡା ଗୋଦାମରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଖବରପାଇ ଗୁଣପୁର ଓ ଗୁମୁଡା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି । ପ୍ରଥମେ ବିଦ୍ୟୁତ ଯୋଗାଣ ବନ୍ଦ କରିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ମହଲା ତଳେ ଥିବା ଦୋକାନର କୌଣସି କ୍ଷତି ହୋଇନଥିଲା । ଅପର ପକ୍ଷରେ ଅଗ୍ନିକାଣ୍ଡ ଯୋଗୁଁ ବିପଦରେ ରହିଥିବା ପାର୍ଶ୍ୱର ଉପର ମହଲାରେ ରହୁଥିବା ଲକ୍ଷ୍ମୀ ମିଷ୍ଟାନ୍ନ ଦୋକାନର ୪ ଜଣ କର୍ମଚ଼ାରୀଙ୍କୁ ଅଗ୍ନିଶମ କର୍ମଚ଼ାରୀମାନେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ । ଅଗ୍ନିକାଣ୍ଡ ବିଳମ୍ବିତ ରାତ୍ର ୧ଟାରୁ ସାଢେ ୧ଟା ମଧ୍ୟରେ ଘଟିଥିବା ବେଳେ ଦୋକାନ ମାଲିକଙ୍କ ନାମ ଆପିଗା ବୋଲି ଜଣାପଡିଛି । ସ୍ଥାନୀୟ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି ।

## ବାଣ ଫୁଟାଇବା ବେଳେ ଅଘଟଣ , ଜଣେ ଗୁରୁତର

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବାଣ ଫୁଟାଇବା ଅଘଟଣରେ ବୁଗୁଡ଼ା ବ୍ଲକ ପାଙ୍ଗିଡି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମର ଜନୈକ ବ୍ୟକ୍ତି ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଜଣକ ହେଲେ ବେଲପୁର ଗ୍ରାମର ପ୍ରଭାକର ସ୍ୱାଇଁ । ଘଟଣାରୁ ପ୍ରକାଶ ଯେ, ଦୀପାବଳି ରାତିରେ ବେଲପୁର ଗ୍ରାମରେ ବାଣ ଫୁଟା ଚାଲିଥିବା ବେଳେ ପ୍ରଭାକର ଛିଡା ହୋଇ ଦେଖୁଥିଲେ । ଏ ସମୟରେ ଏକ ବାଣ ଆସି ତାଙ୍କର ଅତି ନିକଟରେ ଫୁଟିଥିଲା । ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କ ସହ ଅନ୍ୟ କେତେଜଣ ମଧ୍ୟ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ । ଲୋକେ ପ୍ରଭାକରଙ୍କୁ ଆହତ ଅବସ୍ଥାରେ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ନିଆଯାଇଥିଲା । ସେହିପରି ବୁଗୁଡ଼ା ଶକ୍ତିନଗର ସାହିର କୁନି ଝିଅଟିଏ ବାଣ ଫୁଟାଇବା ବେଳେ ଆହତ ହୋଇ ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାଯାଇଛି ।

## ମହିଳାଙ୍କ ପ୍ରେମରେ ଉବୁଟୁବୁ ହେଉଥିଲେ କିରାଣୀ: ଧରାପଡି ଛେଚ଼ା ଖାଇଲେ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଉତ୍ତାରଣ ଅମ୍ବିକା ନୋଡାଲ ବିଦ୍ୟାପୀଠର କିରାଣୀ ମାନସ ଦାସ ଉକ୍ତ ବିଦ୍ୟାଳୟରେ ଝାଡୁ ମାରୁଥିବା ଜଣେ ଠିକାରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚ଼ାରୀ ପ୍ରେମରେ ଉବୁଟୁବୁ ହେଉଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଏହାକୁ ଦେଖି ବାରମ୍ବାର ବିରୋଧ କରୁଥିଲେ । ସମ୍ପୃକ୍ତ କିରାଣୀ ଏହାକୁ ଭ୍ରୁକ୍ଷେପ ନ କରି ପୁନର୍ବାର ସେ ଏହି କାର୍ଯ୍ୟରେ ଲିପ୍ତ ରହୁଥିଲେ । ବୁଧବାର ଏହି ଘଟଣା ଭୟଙ୍କର ରୂପ ନେଇଥିଲା । ଏହି ଦିନ କିରାଣୀ ମାନସ ଦାସକୁ ଗ୍ରାମବାସୀମାନେ ମହିଳାଙ୍କ ସହ ଧରିବା ପରେ ନିଧୂମ ଛେଚ଼ିଥିଲେ । ଗାଁ ପାଲା ମଣ୍ଡପରେ ବସାଇ ଗ୍ରାମବାସୀମାନେ ସମ୍ପୃକ୍ତ କିରାଣୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଏକ ଚୁକ୍ତି ନାମା ଲେଖିଥିଲେ । କିରାଣୀ ମଧ୍ୟ ସ୍ୱଇଚ୍ଛାରେ ଏଠାରୁ ବଦଳି ହୋଇଯିବେ ବୋଲି ଲିଖିତ ଆକାରରେ ଗ୍ରାମବାସୀଙ୍କୁ ଦେଇଛନ୍ତି । ଏହି ଘଟଣା ଗ୍ରାମରେ ଏକପ୍ରକାର ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲା । ପୂର୍ବରୁ ସ୍କୁଲରେ ଚ଼ାଉଳ ବିକିବା, ପିଲାମାନଙ୍କୁ ଦୁର୍ବ୍ୟବହାର କରିବା, ଉପରିସ୍ଥଙ୍କୁ ଦୁର୍ବ୍ୟବହାର କରିବାକୁ ମଧ୍ୟ ପଛାଇ ନାହାନ୍ତି । ଏ ନେଇ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚ଼ାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଏଠାରେ ସୂଚ଼ନା ଥାଉ କି ଏସଓଜି ଗ୍ରୁପ ଦ୍ୱାରା ନିଯୁକ୍ତି ପାଇଥିବା ମହିଳା ପରିଷ୍କାର ପରିଶ୍ରମ ବଦଳରେ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି । ସମ୍ପୃକ୍ତ ମହିଳାଙ୍କୁ ଏଠାରୁ ବାହାର କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଖପୁରିଆପଦାରେ ମା' ଆଦ୍ୟ କାଳୀପୂଜା

**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ମଞ୍ଜୁରୀରୋଡ ଅଞ୍ଚଳର ବନ୍ଧାଳା-ମଢିଆଳି ପଞ୍ଚାୟତ ଅନ୍ତର୍ଗତ ଖପୁରିଆପଦା ଗ୍ରାମରେ ମା' ଆଦ୍ୟକାଳୀଙ୍କ ପୂଜାତ୍ସୋବ ସୋମବାର ରାତ୍ରରୁ ଆରମ୍ଭ ହୋଇଛି । ପୂଜକ ଚୌଧୁରୀ ଭରତ ନନ୍ଦ ଜଳଘଟ ଉତ୍ତୋଳନ ଓ ସଙ୍କଳ୍ପ କାର୍ଯ୍ୟ ଏବଂ ପୁସ୍ତାକାଚ଼ାର୍ଯ୍ୟ ଅଭିରାମ ପାଢ଼ୀ ଚଣ୍ଡିପାଠ କରୁଛନ୍ତି । ଖପୁରିଆପଦା କାଳୀଙ୍କୁ ଆଦ୍ୟକାଳୀ ବୋଲି ମଧ୍ୟ ବିବେଚନା କରାଯାଇ ସ୍ୱତନ୍ତ୍ର ଭାବେ ପୂଜା କରାଯାଇଥାଏ । ସାଧାରଣତଃ କାଳୀପୂଜାରେ ଶ୍ୟାମଳ ରଙ୍ଗର ମା' ଶ୍ୟାମାକାଳୀଙ୍କୁ ପୂଜା କରାଯାଇଥାଏ । ମାତ୍ର ଖପୁରିଆପଦା କାଳୀ ସମ୍ପୂର୍ଣ୍ଣ କଳାରଙ୍ଗର ଅଟେ । ପୃଥକ ରଙ୍ଗ, ଗଢ଼ଣ, ସ୍ୱରୂପ ଓ ଆୟୁଧ ମା'ଙ୍କର ଥିବାରୁ ତାଙ୍କୁ ଆଦ୍ୟକାଳୀ ଭାବେ ବିବେଚନା କରାଯାଇଥାଏ । କଲିକତା ମୁକାମରୁ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ସତ୍ତା ବିରଜାମଣ୍ଡଳକୁ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଅଣାଯାଇ ପୂଜା କରାଯାଉଥିଲା । ଜମିଦାର ଚୌଧୁରୀ ଅନନ୍ତ ପ୍ରସାଦ ନନ୍ଦ ଯାଜପୁର ବିରଜାମଣ୍ଡଳରୁ ମା'ଙ୍କ ସତ୍ତା ଭାବେ 'ଯନ୍ତ୍ର'କୁ ନିଜର ଅନ୍ୟତମ ତାଲୁକ ବୈତରଣୀ ନଦୀର ବଡ଼ଶଙ୍ଖନାଳ କୂଳରେ ଅବସ୍ଥିତ ଖପୁରିଆପଦାକୁ ଆଣି ପୂଜା ଆରମ୍ଭ କରିଥିଲେ ପ୍ରାୟ ୧୬୦ବର୍ଷ ପୂର୍ବେ । ଦେବୀଙ୍କ ଯନ୍ତ୍ର ଚୌଧୁରୀ ପରିବାର ଦ୍ୱାରା ଦୈନିକ ପୂଜା ପାଆନ୍ତି । କାରଣ ଦେବୀଙ୍କୁ ଏହି ଅଞ୍ଚଳରେ ପ୍ରତ୍ୟକ୍ଷ ମାତା ଭାବେ ଜନମାନସରେ ଗ୍ରହଣ କରାଯାଇଛି । ଖପୁରିଆପଦା ଗ୍ରାମବାସୀଙ୍କ ମା ହେଉଛନ୍ତି ଆରାଧ୍ୟା ଦେବୀ । କାଳୀ ପୂଜା ପାଇଁ ଛିନ୍ନମୁଣ୍ଡ, ନରଦେହ, ଖଡଗ ଖର୍ପର ଧାରିଣୀ କଳା ରଙ୍ଗର ମୃଣ୍ମୟୀ ମୂର୍ତ୍ତୀ କାରିଗର ନିର୍ମାଣ କରିଥାଏ । ମାତ୍ର ୨୦୧୯ ମସିହାରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ବଦଳରେ ପଥର ନିର୍ମିତ ମୂର୍ତ୍ତି ନିର୍ମାଣ କରାଯାଇ ପ୍ରତିଷ୍ଠା କରାଯାଇ ପରମ୍ପରା ମତେ ପୂଜାର୍ଚ୍ଚନା କରାଯାଉଛି । କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଚୌଧୁରୀ ବଂଶର ଦାୟାଦ ଭରତ ନନ୍ଦ, ଲଳିତ ନନ୍ଦ, ସତ୍ୟବ୍ରତ ନନ୍ଦ ଓ ପ୍ରଶାନ୍ତ ନନ୍ଦ ବୈତରଣୀ ନଦୀରୁ ପବିତ୍ର ଜଳଘଟ ଉତ୍ତୋଳନ କରି ପୂଜା ଆରମ୍ଭ କରିନ୍ତି । ପୂଜକଙ୍କ ଦ୍ୱାରା କାଳୀପୂଜାରେ ଚଣ୍ଡିପୁରାଣ, କାଳୀକା ପୁରାଣ ଓ ତନ୍ତ୍ରଧାରା ଅନୁଯାୟୀ ସ୍ୱତନ୍ତ୍ର ପୂଜା କାର୍ଯ୍ୟ କରାଯାଇଥାଏ । ତିନି ଦିନ ଓ ତିନି ରାତ୍ର ପୂଜା କରାଯିବା ପରେ ଦ୍ୱିତୀୟା ତିଥିରେ ମା'ଙ୍କୁ ବିସର୍ଜନ ଦିଆଯାଇଥାଏ ।

## ବାଣିଜ୍ୟ

## ଅଶୋଧିତ ତୈଳ ୬୦ ଡଲାରକୁ ହ୍ରାସ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୬୦ ଡଲାରକୁ ହ୍ରାସ ପାଇଛି । ବଜାରରେ ଚ଼ାହିଦା ତୁଳନାରେ ଅଧିକ ତେଲ ରହିଥିବାରୁ ଦାମ୍ କମ୍ ହୋଇଛି । ମଙ୍ଗଳବାର ବ୍ରେଣ୍ଟ୍ କ୍ରୁଡ୍ର ବ୍ୟାରେଲ ପିଛା ଦାମ୍ ୬୦.୮୭ ଡଲାରକୁ ଖସିଆସିଛି । ସେହି ସମୟରେ ୟୁଏସ୍ ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ଦାମ୍ ୫୭.୪୫ ଡଲାରକୁ ହ୍ରାସ ପାଇଛି । ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୨୭ ଟଙ୍କା ହ୍ରାସ ପାଇ ୫୦୨୬ ଟଙ୍କା ହୋଇଛି ।

ତେବେ, ତୈଳ ଦରରେ ହ୍ରାସର ଏହି ଧାରା ଅଧିକ ଦିନ ବଜାୟ ରହିବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି । କାରଣ ଅନ୍ତର୍ଜାତୀୟ ସ୍ତରରେ ଏଭଳି ଅନେକ ଘଟଣା ଘଟୁଛି ଯାହା ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିବାକୁ ଯଥେଷ୍ଟ । କୌଣସି ପ୍ରକାର ଅନିଶ୍ଚିତତା ଦେଖାଦେଲେ ତେଲ ଦରକୁ ତାହା ପ୍ରଭାବିତ କରିବ । ଭାରତ ଏହାର ୮୫ ପ୍ରତିଶତ ତେଲ ଆମଦାନୀ କରୁଛି । ତେଣୁ ଦରରେ ଯେକୌଣସି ପ୍ରକାର ହ୍ରାସ ନିଶ୍ଚିତ ରୂପେ ଆମ ଦେଶ ପାଇଁ ଲାଭଦାୟକ । ଏହି ଲାଭ କିନ୍ତୁ କମ୍ପାନିଗୁଡିକ ଭିତରେ ସୀମିତ ରହିଯାଉଛି । ଦିନ ଥିଲା ଅଶୋଧିତ ତୈଳ ଦରରେ ହେଉଥିବା ପରିବର୍ତ୍ତନ ଦେଶରେ ବିକ୍ରି ହେଉଥିବା ପେଟ୍ରୋଲ୍, ଡିଜେଲ ଦାମ୍କୁ ପ୍ରଭାବିତ କରୁଥିଲା । କିନ୍ତୁ ବହୁଦିନ ଧରି ଏହି ଦୁଇ ପ୍ରକାର ତେଲ ଦରକୁ ଅପରିବର୍ତ୍ତିତ ରଖାଯାଇଛି । ତୈଳ ଦରରେ ହେଉଥିବା ହ୍ରାସର କୌଣସି ପ୍ରଭାବ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡୁନାହିଁ । କେବଳ ଗୁରୁତ୍ୱପୂର୍ଣ୍ଣ ନିର୍ବାଚ଼ନ ସମୟରେ ଦରରେ ଯାହା କିଛିଟା ହ୍ରାସ କରାଯାଉଛି । ତେଣୁ ଏଥର ମଧ୍ୟ ତେଲ ଦରରେ ହୋଇଥିବା ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ସମ୍ଭାବନା କମ୍ ରହିଛି ।

## ସରସଦା ସମିତିରେ ପୁଣି ପଡିଲା ତାଲା




**ଭଣ୍ଡାରିପୋଖରୀ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ଭଙ୍ଗାଯିବା ୪ ଦିନ ବ୍ୟବଧାନରେ ବୁଧବାର ସକାଳେ ପୁଣି ତାଲା ପକାଯାଇଛି । ଏ ସମ୍ପର୍କରେ ସମିତିର ଭାରପ୍ରାପ୍ତ ସମ୍ପାଦକ ବୁଧବାର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ମାତ୍ର କୌଣସି ମାମଲା ରୁଜୁ ହୋଇନଥିବା କିମ୍ବା ତାଲା ଖୋଲା ଯାଇନଥିବା ଜଣାଯାଇଛି । ଏଥିପୂର୍ବରୁ ଗତ ଅଗଷ୍ଟ ୨୫ ତାରିଖରେ ସମିତିର ନିଲମ୍ବିତ ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସିନଥିଲେ । ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା । ତାଲାକୁ ଗତ ୧୭ ତାରିଖରେ ପ୍ରଶାସନ ଭାଙ୍ଗି ଦେଇଥିଲା । ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ବେହେରାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ନିଲମ୍ବିତ କରାଯାଇ ସମିତିର ଅର୍ଥ ପରିଚାଳକ ବିରଞ୍ଚି ନାରାୟଣ ରାଉତଙ୍କୁ ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା । ଶ୍ରୀ ବେହେରା ଦାୟିତ୍ୱ ହସ୍ତାନ୍ତର କରିନଥିଲେ କି ତାଲା ଖୋଲିନଥିଲେ । ଜିଲ୍ଲା ସମବାୟ ନିବନ୍ଧକ ଶ୍ରୀ ବେହେରାଙ୍କୁ ସୁରକ୍ଷା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ । ମାମଲା ନ୍ୟାୟାଳୟକୁ ଯାଇଥିଲା । ଶେଷରେ ପ୍ରଶାସନ ତାଲା ଭାଙ୍ଗି ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା । ଏଥିପାଇଁ ଜିଲ୍ଲା ସମବାୟ ନିବନ୍ଧକଙ୍କ ଅନୁରୋଧ ଫଳରେ ଉପଜିଲ୍ଲାପାଳ ଗତ ସେପ୍ଟେମ୍ବର ୨୬ ତାରିଖ ଆଦେଶ ସଂଖ୍ୟା ୧୭୩୭ ଅନୁଯାୟୀ ସ୍ଥାନୀୟ ତହସିଲଦାରଙ୍କୁ ତାଲା ଭାଙ୍ଗି ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ୧୭ ତାରିଖ ମଧ୍ୟାହ୍ନ ୧୨ଟା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଜିଲ୍ଲା ସମବାୟ ନିବନ୍ଧକ ପ୍ରତିନିଧି ସତ୍ୟପ୍ରକାଶ ସେଠୀ, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସ୍ଥାନୀୟ ଶାଖା ସହ ପରିଚାଳକ ପ୍ୟାରିମୋହନ ନାୟକ ଓ ସ୍ଥାନୀୟ ପୁଲିସ ସମିତି କାର୍ଯ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗି ଦେଇଥିଲେ । ସେହି ସମୟରେ ସେଠାରେ କେତେକ ବ୍ୟକ୍ତି ପୁନର୍ବାର ତାଲା ପକାଇବାକୁ ଉଦ୍ୟମ କରିଥିଲେ । ସେଥିଯୋଗୁଁ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ପ୍ରଶାସନ ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା । ହେଲେ ଆଜି ପୁଣି ତାଲା ପକାଇଛି ।

## ଗଣ୍ଡଗୋଳ ଘଟଣାରେ ଜଣେ କୋର୍ଟ ଚାଲାଣ

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ତେତେଲଙ୍ଗା ଗ୍ରାମରେ ଏକ ଗଣ୍ଡଗୋଳ ଘଟଣାରେ ଜଣଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ଏହି ଗାଁର କ୍ରିଷ୍ଣା କାବେରୀ ମଳିକ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଶ୍ୱଶୁର କ୍ଷୀରୋଦ ମଳିକ ଓ ଶାଶୁ ଶୋଭା ମଳିକଙ୍କୁ ସେହି ଗାଁର ଶ୍ରୀଧର ମଳିକ (୩୨) ବାଡେଇ ଗୋଡ ଭାଙ୍ଗି ଦେଇଥିଲା । ସେ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ଶ୍ରୀଧରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।



## ସିନେମାଫିନେମା ଟିଭିଫିଭି

## ଖୁବଶୀଘ୍ର ଓଟିଟିରେ ରିଲିଜ ହେବ 'ଥାମା'




**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ହରର-କମେଡି ଫିଲ୍ମ 'ଥାମା' ମଙ୍ଗଳବାର ଅର୍ଥାତ ଅକ୍ଟୋବର ୨୧ ତାରିଖରେ ସିନେମା ହଲରେ ମୁକ୍ତିଲାଭ କରିଥିଲା । ଆୟୁଷ୍ମାନ ଖୁରାନା ଏବଂ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଫିଲ୍ମ 'ଥାମା' ପ୍ରଥମ ଦିନରେ ବକ୍ସ ଅଫିସରେ ବକ୍ସ ଅଫିସରେ ଧମାକା ସୃଷ୍ଟି କରିଛି । ରିଲିଜର ପ୍ରଥମ ଦିନରେ ରେକର୍ଡ ଭାଙ୍ଗିବା ସହ ମୋଟା ଅଙ୍କର କଲେକ୍ସନ କରିଛି । ସମସ୍ତେ ରଶ୍ମିକା ଏବଂ ଆୟୁଷ୍ମାନଙ୍କୁ ପ୍ରଶଂସା କରୁଛନ୍ତି । ସିନେମା ହଲରେ ଫିଲ୍ମ ଦେଖିବା ପାଇଁ ଭିଡ଼ ହେଉଥିବା ବେଳେ, କିଛି ପ୍ରଶଂସକ ଏହାର ଓଟିଟି ରିଲିଜ୍ ପାଇଁ ଉତ୍ସାହିତ ଅଛନ୍ତି ।

ଓଟିଟି ପ୍ଲେର ଏକ ରିପୋର୍ଟ ଅନୁଯାୟୀ, ଆୟୁଷ୍ମାନ ଖୁରାନା ଏବଂ ରଶ୍ମିକା ମନ୍ଦାନାଙ୍କ 'ଥାମା' ଓଟିଟି ପ୍ଲାଟଫର୍ମ ପ୍ରାଇମ୍ ଭିଡିଓରେ ରିଲିଜ୍ ହେବ । ଏକ ହିନ୍ଦୀ ଫିଲ୍ମ ସାଧାରଣତଃ ଥିଏଟର ରିଲିଜ୍ ହେବାର ୮ ସପ୍ତାହ ପରେ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହୁଏ । ତେଣୁ, 'ଥାମା' ନୂତନ ବର୍ଷ କିମ୍ବା ଖ୍ରୀଷ୍ଟମାସ ପାଖାପାଖି ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହୋଇପାରେ । ତଥାପି, ନିର୍ମାତା ଏପର୍ଯ୍ୟନ୍ତ ଫିଲ୍ମର ଓଟିଟି ରିଲିଜ୍ ସମ୍ପର୍କରେ କୌଣସି ଆନୁଷ୍ଠାନିକ ସୂଚ଼ନା ଜାରି କରିନାହାଁନ୍ତି । 'ଥାମା' ରିଲିଜ୍ ହେବା ପରେ ଅନେକ ଫିଲ୍ମ ରେକର୍ଡ ଭାଙ୍ଗିଛି । ଫିଲ୍ମଟି ପ୍ରଥମ ଦିନରେ ବକ୍ସ ଅଫିସରେ ବିପୁଳ ପରିମାଣର ଆୟ କରିଛି । ସାକନିକର ଏକ ରିପୋର୍ଟ ଅନୁଯାୟୀ, 'ଥାମା' ପ୍ରଥମ ଦିନରେ ୨୪ କୋଟି ଆୟ କରିଛି, ଯାହା ଏହାକୁ ୨୦୨୫ର ଶ୍ରେଷ୍ଠ ପାଞ୍ଚଟି ଓପନର ମଧ୍ୟରୁ ଗୋଟିଏ କରିଛି । 'ଥାମା' ୨୪ କୋଟି ସହିତ ପଞ୍ଚମ ସ୍ଥାନରେ ଅଛି । 'ଥାମା' ନିର୍ଦ୍ଦେଶନା ଦେଇଛନ୍ତି ଆଦିତ୍ୟ ସରପୋତଦାର । ନୱାଜୁଦ୍ଦିନ ସିଦ୍ଦିକି ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ।

# ବିପର୍ଯ୍ୟସ୍ତ ଭାଟି ପାଇଁ କିଆଫୁଲର ଅଭାବୀ ବିକ୍ରି ବଢୁଛି





**୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପାଳପୁର:ଗଞ୍ଜାମ ଜିଲାରୁ କିଆଫୁଲରୁ ପ୍ରସ୍ତୁତ ଅତରର ଚାହିଦା ରାଜ୍ୟ ବାହାରେ ରହିଛି । ପ୍ରତ୍ୟକ୍ଷ ଓ ପରୋକ୍ଷରେ ହଜାର ହଜାର ପରିବାର ଏହି ଚାଷରୁ ଗୁଜରାଣ ମେଣ୍ଟାଉଛନ୍ତି । ହେଲେ ଆଜିଯାଏଁ ଏହି ବ୍ୟବସାୟ ସୁନିୟନ୍ତ୍ରିତ ଢଙ୍ଗରେ ପରିଚାଳନା ହେଉନଥିବାରୁ ଅଧିକାଂଶ ସମୟରେ ଏହି ଫୁଲର ଅଭାବୀ ବିକ୍ରି ହେଉଛି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଅଧିକ ଫୁଲ ଉତ୍ପାଦନ ହୋଇଥିଲା । ସେସବୁକୁ କ୍ରୟ କରି ଭାଟି ମାଲିକମାନେ ଅତର ପ୍ରସ୍ତୁତ କରିବା ପରେ ଆଉ ଦ୍ୱିତୀୟ ପର୍ଯ୍ୟାୟ ଉତ୍ପାଦନକୁ ଅପେକ୍ଷା ନକରି ଅଧିକାଂଶ କିଆଫୁଲ ଭାଟି ବନ୍ଦ କରିଦେଇଛନ୍ତି । ଫଳରେ ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ପାଦିତ ଫୁଲ କିଣିବାକୁ ଭାଟିମାଲିକମାନେ ଆଉ ଧରାଛୁଆଁ ଦେଉ ନାହାଁନ୍ତି । ଏଣେ ଫୁଲ ତୋଳି ଦେଇଥିବା ଚାଷୀ କମ୍ ଦରରେ ଭାଟିମାଲିକଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି ।

ଗଞ୍ଜାମ ଜିଲାର ୪ଟି ଉପକୂଳବର୍ତ୍ତୀ ବ୍ଲକ ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଏବଂ ଚିକିଟିର ପ୍ରାୟ ୧୧୦ଟି ଗ୍ରାମରେ କିଆଫୁଲ ଚାଷ ହେଉଥିବା ବେଳେ ଏହାର ଉତ୍ପାଦନ, ସଂଗ୍ରହ ଏବଂ ପ୍ରକ୍ରିୟାକରଣ ୟୁନିଟ ହଜାର ହଜାର ପରିବାର ପାଇଁ ଜୀବିକା ନିର୍ବାହର ଏକ ପ୍ରମୁଖ ଉତ୍ସ ହୋଇଛି । ଏହିସବୁ ଅଞ୍ଚଳରେ ପ୍ରାୟ ୨୨୦ଟି କିଆଫୁଲ ଅତର ପ୍ରକ୍ରିୟାକରଣ ୟୁନିଟ୍ ରହିଛି । ଚାଷ ଓ ବିକ୍ରି କରିବା ନିମନ୍ତେ ଆଗ୍ରହାମ, କେଲୁଆପାଲି ଏବଂ ସିଦ୍ଧ ଭୈରବୀ ନାମରେ ୩ଟି ମଣ୍ଡି ରହିଛି । ଭାଟି ମାଲିକଙ୍କ ସହିତ ସମନ୍ୱୟ ରକ୍ଷା କରି ଫୁଲର ଉନ୍ନତ ବ୍ୟବସାୟିକ ସୂତ୍ର ବାହାର କରାଯାଇଥାଏ । ପ୍ରତ୍ୟେକ ମଣ୍ଡିର ଚାଷୀ ଏବଂ ପ୍ରକ୍ରିୟାକରଣ ୟୁନିଟ ମାଲିକ ବର୍ଷକୁ ଥରେ ଏକାଠି ହୋଇ ଫୁଲର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଥାନ୍ତିଛ ଚଳିତ ବର୍ଷ ପ୍ରତି ଫୁଲ ପାଇଁ ୩୩ ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହାକି ଅନ୍ୟାନ୍ୟ ବର୍ଷ ତୁଳନାରେ ଅଧିକ । ଏହି ଫୁଲରୁ ଉତ୍ପାଦ ହେଉଥିବା ସାମଗ୍ରୀ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଉତ୍ତର ପ୍ରଦେଶର କନୌଜ, କାନପୁର, ଆଲିଗଡ଼ ଏବଂ ଲକ୍ଷ୍ନୌରେ ରହିଛି । ଭାଟି ମାଲିକମାନେ ଉତ୍ପାଦିତ ସାମଗ୍ରୀଗୁଡିକୁ ଏହିସବୁ ସ୍ଥାନରେ ବିକ୍ରି କରିଥାନ୍ତି ।

ପ୍ରତିବର୍ଷ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ଏହି ଫୁଲ ସର୍ବାଧିକ ଉତ୍ପାଦନ ହୋଇଥାଏ । ଏହି ସମୟରେ ଶତକଡା ପ୍ରାୟ ୭୦ ଭାଗ ଉତ୍ପାଦନ ହେଉଥିବା ବେଳେ ବାକି ୩୦ ଭାଗ ଗ୍ରୀଷ୍ମ ଏବଂ ଶୀତ ଋତୁରେ ଉତ୍ପାଦିତ ହୁଏ । ଚଳିତ ବର୍ଷ ଅଗଷ୍ଟ ଏବଂ ସେପ୍ଟେମ୍ବର ପ୍ରାଥମିକ ଋତୁରେ କିଆଫୁଲ ଅଧିକ ଉତ୍ପାଦନ ହୋଇଥିଲା । ଭାଟି ମାଲିକମାନେ ଦ୍ୱିତୀୟ ଫସଲକୁ ଅପେକ୍ଷା ନକରି ସେମାନଙ୍କର ଉତ୍ପାଦନ ଲକ୍ଷ୍ୟ ପୂରଣ କରିସାରି ଅକ୍ଟୋବରର ପ୍ରଥମ ସପ୍ତାହରୁ ଭାଟି ବନ୍ଦ କରି ଦେଇଛନ୍ତି । ଏହାସହିତ ଦୀପାବଳି ଉତ୍ତର ଭାରତର ବଡ ପର୍ବ ହୋଇଥିବାରୁ କନୌଜ, କାନପୁର, ଆଲିଗଡ଼ ଏବଂ ଲକ୍ଷ୍ନୌ ସହରରେ ରହୁଥିବା ଭାଟି ମାଲିକମାନେ ଏଠାରେ ଭାଟି ବନ୍ଦ କରି ଚାଲି ଯାଇଛନ୍ତି । ଏପରି ସ୍ଥିତିରେ ବିଭିନ୍ନ ଆଳ ଦେଖାଇ କେତେକ ଭାଟି ମାଲିକ ଚାଷୀଙ୍କଠାରୁ କମ୍ ଦରରେ ଫୁଲ କିଣୁଥିବା ଅଭିଯୋଗ ହୋଇଛି ।

କିଛି ମଣ୍ଡିରେ ଦୁଇଟି ଫୁଲକୁ ଗୋଟିଏ ଏବଂ ଅନ୍ୟ ଭାଟିରେ ତିନୋଟି ଫୁଲକୁ ଗୋଟିଏ ୟୁନିଟ୍ ଭାବରେ ଗଣନା କରି ଚାଷୀଙ୍କ ଠାରୁ ଅଧା କିମ୍ବା ଏକ ତୃତୀୟାଂଶ ଦରରେ କିଣାଯାଉଛି । ଚାଷୀଙ୍କ ନିକଟରେ ବିକଳ୍ପ ନଥିବାରୁ ସେମାନେ ବାଧ ହୋଇ ଫୁଲକୁ କମ ଦରରେ ବିକ୍ରି କରୁଛନ୍ତି । ତୋଳା ଯାଉଥିବା ଫୁଲକୁ କିଛି ସମୟ ମଧ୍ୟରେ ପ୍ରକ୍ରିୟାକରଣ କରାନଗଲେ ସେଗୁଡିକ ନଷ୍ଟ ହୋଇଯାଏ । ଚାଷୀଙ୍କୁ ଆର୍ଥିକ ଏଂ ମାନସିକ ଭାବେ ଦୁର୍ବଳ କରିବା ପାଇଁ ଏହା ଏକ ସୁଚିନ୍ତିତ ବ୍ୟବସାୟିକ ରଣନୀତି ବୋଲି କୁହାଯାଉଛି । ଫୁଲର ଅଭାବୀ ବିକ୍ରି ଧାରା ଜାରି ରହିଲେ ଚାଷୀ ପ୍ରତିବାଦ କରିବାକୁ ବାଧ ହେବେ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ୍. ଡମ୍ବରୁ ରେଡ୍ଡୀ ପ୍ରକାଶ କରିବା ସହ ଘଟଣା ସମ୍ପର୍କରେ ଗଞ୍ଜାମ ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରି ଏହାର ସ୍ଥାୟୀ ସମାଧାନର ରାସ୍ତା ବାହାର କରିବାକୁ ନିବେଦନ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଦ୍ୱିତୀୟା |
|---|---|
| ୨୩.୧୦.୨୦୨୫ | ନକ୍ଷତ୍ର– ବିଶାଖା, ତୁଳାଚନ୍ଦ୍ର |

| | |
|---|---|
| ମେଷ | : ଖୁସି ସମୟ ଆଗମନ । |
| ବୃଷ | : ହସଖୁସିରେ ଦିନଟି କଟିବ । |
| ମିଥୁନ | : ଖୁସି ଖବର ପାଇବେ । |
| କର୍କଟ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ସିଂହ | : ଅପଦସ୍ତ ହେବେ । |
| କନ୍ୟା | : ଆର୍ଥିକ ଲାଭ ହେବ । |
| ତୁଳା | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ବିଛା | : ସାହସିକ କାର୍ଯ୍ୟ କରିବେ । |
| ଧନୁ | : ଭଲ କାମ ଖୁସି ପାଇବେ । |
| ମକର | : ବନ୍ଧୁ ଦର୍ଶନ ହେବ । |
| କୁମ୍ଭ | : ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| ମୀନ | : ଉପକାରୀ ବନ୍ଧୁ ମିଳନ । |

## ଅଳ ତଳଙ୍ଗ ଓ ସିଠାଳରେ ଖୋଲିଚି ଚୋରା ବାଲିଘାଟ

**ନିଆଲି, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଲି ତହସିଲ ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ, ରାଣୀଓଳା ପଞ୍ଚାୟତ ଅଳ ତଳଙ୍ଗ ଗ୍ରାମରେ ଦେବୀ ନଦୀରେ ନଦୀ ବନ୍ଧ କଟାଯାଇ ଏକ ଚୋରା ବାଲି ଘାଟ ଖୋଲାଯାଇ ଦିନ ରାତି ସହ ସହ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରାଯାଉଛି । ସେହିଭଳି ଉକ୍ତ ତହସିଲ ଅଧିନସ୍ତ ସିଠାଳ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ଆଗରେ ଚୋରା ବାଲିଘାଟ ଖୋଲା ଯାଇଛି । କନ୍ଦଳ ନଦୀ ବନ୍ଧ ଦୁର୍ବଳ ହେଉଥିବାରୁ ଏହାର ବନ୍ଧ ତଳେ ବସବାସ କରୁଥିବା ହରିଜନ ସାହିର ଲୋକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଦୁଇଟି ଘାଟରୁ ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ ସରକାରଙ୍କର ଲକ୍ଷାଧିକ ଟଙ୍କା ହାନି ହେଉଛି । ନଦୀ ବନ୍ଧ ଦୁର୍ବଳ ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ଲୋକମାନେ ନିଆଲି ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏ ନେଇ ଜିଲ୍ଲା ମାଇନ୍ସ ଅଧିକାରୀ ସମ୍ବିତ ସାହୁଙ୍କୁ ପଚାରିବାରୁ ୧୦ ଦିନ ତଳେ ସମସ୍ତ ଘାଟ ତଡା ହୋଇଥିଲା । ଯଦି ପୁନର୍ବାର ଚାଲୁଥାଏ ପୋଲିସ ସହାୟତାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଯୁବତୀଙ୍କଠାରୁ ସ୍ମାର୍ଟଫୋନ ଝାମ୍ପିନେଇ ଚମ୍ପଟ

**ବେତନଟୀ, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ–ବଡସାହି ରାସ୍ତାର ମହୁଲିଆ ଛକ ଅନତିଦୂରରେ ଜନୈକା ଯୁବତୀ ସାଇକେଲଯୋଗେ ଘରକୁ ଫେରୁଥିବା ବେଳେ ଦୁଇଜଣ ଯୁବକ ବାଇକଯୋଗେ ପଛପଟୁ ଦ୍ରୁତଗତିରେ ଆସି ଦୁଇଜଣ ବାଇକ ଆରୋହୀ ଯୁବକ ଆଖିପିଛୁଳାକେ ଯୁବତୀଙ୍କ ନିକଟରୁ ସ୍ମାର୍ଟଫୋନ ଝାମ୍ପିନେଇ ଘଟଣାସ୍ଥଳରୁ ସମ୍ପଟ ମାରିଥିଲେ । ଏତଲାକାରିଣୀ ବଡସାହି ଥାନା ଅଧୀନ ପତରାପଦା ଗ୍ରାମର ବୃନ୍ଦାବନ ବାସଙ୍ଗଙ୍କ ଝିଅ ସଙ୍ଗୀତା ବାସଙ୍ଗଙ୍କ ଅଭିଯୋଗ ମୁତାବକ ସେ ବେତନଟୀରୁ ପାଠପଢା ସାରି ଅପରାହ୍ନ ସାଢେ଼୧୨ଟା ପାଖାପାଖିରେ ଘରକୁ ଫେରୁଥିବା ବେଳେ ମହୁଲିଆ ଛକ ଅନତି ଦୂରରେ ପଛପଟୁ ଦୁଇଜଣ ଯୁବକ ବାଇକ ଯୋଗେ ଆସି ତାଙ୍କ ହାତରୁ ସ୍ମାର୍ଟଫୋନ ଝାମ୍ପିନେଇ ଆଖିପିଛୁଳାକେ ଚମ୍ପଟ ମାରିଥିଲେ । ଏନେଇ ସଙ୍ଗୀତାଙ୍କ ଏତଲାମୂଳେ ବେତନଟୀ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

## ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ

**ବୈଶିଙ୍ଗା, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ଦିନ ଧରି ନକଲି ବିଦେଶୀ ମଦ ବ୍ୟବସାୟ କରି ଆସୁଥିବା ଧନଞ୍ଜୟ ସିଂଙ୍କ ଘରର ବାଡି ପଟୁ ମାଟିତଳୁ ନକଲି ବିଦେଶୀ ମଦ ଜବତ କରି ଅବକାରୀ ବିଭାଗ ଏକ ସଫଳତା ଅର୍ଜନ କରିଛି । ବାରିପଦା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା ଓ ଟିମ୍ ମଙ୍ଗଳବାର ଦିନ ୧୦.୩୦ ମିନିଟ ସମୟରେ ବୈଶିଙ୍ଗା ଥାନା ଅଧୀନ ହାତୀଝୁରୀ ଗ୍ରାମର ଧନଞ୍ଜୟ ସିଂଙ୍କ ଘରେ ଚଢ଼ାଉ କରିଥିଲେ । ଚଢାଉ ସମୟରେ ବାଡିପଟରେ ମାଟିତଳୁ ପୋତା ଯାଇଥିବା ୫୪ଟି ପ୍ଲାଷ୍ଟିକ ବୋତଲରେ ୫୦ଲି ପାଖାପାଖି ନକଲି ବିଷାକ୍ତ ମଦ ଜବତ କରାଯାଇଥିଲା । ଏହି ନକଲି ମଦ କଇଁଫୁଲିଆ ଗ୍ରାମର ଯଦୁ ନାମକ ବ୍ୟକ୍ତି ଯୋଗାଉ ଥିବା ଅବକାରୀ ପୁଲିସ ପ୍ରକାଶ କରିଛି । ତେବେ ଏହି ମଦ ବିଦେଶକୁ ରପ୍ତାନି ହେବାପାଇଁ ଗଚ୍ଛିତ ଥିବାର ପୁଲିସ ସୂଚନା ପାଇଥିଲା । ମୁଖ୍ୟ ଅଭିଯୁକ୍ତ ଧନଞ୍ଜୟ ଫେରାର ହୋଇ ଯାଇଥିବା ବେଳେ ଏହି ନକଲି ବିଦେଶୀ ମଦ କାରବାରର ମାଷ୍ଟର ମାଇଣ୍ଡକୁ ଧରିବା ପାଇଁ ଅବକାରୀ ବିଭାଗ ତଦନ୍ତ ଚଳାଇଥିବା ଜଣାଯାଇଛି ।

## ବାଣ ବିସ୍ଫୋରଣରେ ୬ ନାବାଳକଙ୍କ ସମେତ ୧୨ ଆହତ

**ସୋର, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀପାବଳୀରେ ବାଣ ଫୁଟିଯିବାରୁ ଅଘଟଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଥିବା ବେଳେ ୬ ଜଣ ନାବାଳକଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସୂଚନା ଅନୁସାରେ ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬) ଚାଇନା ବାଣ ଫୁଟାଉଥିବା ବେଳେ ହଠାତ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫାଟି ଯାଇଥିଲା। ଫଳରେ ହାତରୁ ପାପୁଲି ଅଲଗା ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସଂଧ୍ୟାରେ ବାଣ ଫୁଟାଉଥିବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ଼(୫), ସୌମ୍ୟାଶୁ ପଲେଇ(୧୨), ଶୁଭ୍ରଜିତ ସ(୧୪),ବିଷ୍ଣୁପ୍ରସାଦ ସାହୁ(୧୩),ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି ।

## ବେଆଇନ ମଦ ବିକ୍ରିକୁ ନେଇ ଉତ୍ତ୍ୟକ୍ତ ମହିଳାଙ୍କ ଫାଣ୍ଡିରେ ଭଙ୍ଗାରୁଜା

**ମାହାଙ୍ଗା, ୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଫାଣ୍ଡିରେ ଘଟିଛି ଅଭାବନୀୟ ଘଟଣା, ବେଆଇନ ମଦ ବିକ୍ରିକୁ ନେଇ ଉତ୍ତ୍ୟକ୍ତ ମହିଳାମାନେ ଫାଣ୍ଡିକୁ ଯାଇଥିବା ବେଳେ ପୁଲିସ ଓ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉତ୍ତ୍ୟକ୍ତ ମହିଳା ଫାଣ୍ଡି ଭିତରକୁ ଧସେଇ ପଶିବା ସହ ଝରକା କାଚକୁ ଢେଲା ମାରି ଭାଙ୍ଗିଥିବା ଦେଖିବାକୁ ମିଳିଛି । ତେବେ ପୁଲିସ ମହିଳାମାନେ ଆକ୍ରମଣ କରିଥିବା ନେଇ କହିଥିବା ବେଳେ ଥାନାର କୌଣସି କର୍ମଚାରୀ ଆଗେ ଜଣେ ପୁରୁଷ ଲୋକଙ୍କୁ ମାଡ଼ ମାରିବାରୁ ମହିଳାମାନେ ଏଭଳି କାଣ୍ଡ ଭିଆଇ ଥିବା କହିଛନ୍ତି । ଦୀର୍ଘ ଦୁଇ ଘଣ୍ଟା ଧରି ଫାଣ୍ଡି ପରିସରରେ ଉତ୍ତେଜନା ଲାଗି ରହିବା ସହ ପରିସ୍ଥିତି ଅଣାୟତ୍ତ ହୋଇଥିଲା । ଖବର ପାଇଁ



ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ମାହାଙ୍ଗା ଆଇଆଇସି ତପନ କୁମାର ରାଉତ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ ଦାସ, ସାଲେପୁର ଆଇଆଇସି ଅନିତା ସାହୁ ପୋଲିସ ଫୋର୍ସ ସହ ପହଞ୍ଚି ଉତ୍ତେଜନାକୁ ଆୟତ କରିଥିଲେ । ଉତ୍ତ୍ୟକ୍ତ ମହିଳାଙ୍କୁ ଏସ୍‌ଡିପିଓ ଶ୍ରୀ ପତି ବୁଝାସୁଝା କରିବା ପରେ ମହିଳାମାନେ ଫାଣ୍ଡି ପରିସରରୁ ହଟିଥିଲେ । ପୁଲିସ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଥିବା ବେଳେ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ ଏହି ଫାଣ୍ଡି ଅଧିନ ଅରିଲୋ ଗ୍ରାମରେ ଗତ କିଛିଦିନ ପୂର୍ବେ ବେଆଇନ ମଦ ବିକ୍ରିକୁ ନେଇ ମଦ ବେପାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । କିଛି ମହିଳା ସମ୍ପୃକ୍ତ ମଦ ବ୍ୟବସାୟୀଙ୍କ ଠାରୁ ମଦ ଜବତ କରି ଫାଣ୍ଡି ପୁଲିସ ଜିମା ଦେଇଥିଲେ । ତେବେ ମଦ ବ୍ୟବସାୟୀ ଜଣକ ମହିଳାମାନେ ତାଙ୍କ ଘରକୁ ଯାଇ ମାଡ଼ ମାରିବା ସହ ମଦ ବୋତଲ ଭାଙ୍ଗିଥିବା ନେଇ ଅନୁରୂପ ଅଭିଯୋଗ କରିଥିଲେ । ଯାହାକୁ ନେଇ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଫାଣ୍ଡିକୁ ଡାକି ଥିବାବେଳେ କେହି ଜଣେ ପୁରୁଷ ଲୋକ ପୁଲିସକୁ ଗାଳିଗୁଲଜ କରିଥିଲେ । ଏହାକୁ ବିରୋଧ କରି ସମ୍ପୃକ୍ତ ଯୁବକଙ୍କୁ ପୁଲିସ କାବୁକରି ନେଉଥିବା ବେଳେ ସେଠାରେ ଉପସ୍ଥିତ ମହିଳାମାନେ ଏହାକୁ ବିରୋଧ କରିବାରୁ ବଚସା ହୋଇଥିଲା । ପରେ ଏହା ଉଗ୍ରରୂପ ଧାରଣ କରିବାରୁ ମହିଳାମାନେ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରି ଫାଣ୍ଡି ଝରକା ଭଙ୍ଗାରୁଜା କରିଥିବା ଜଣାଯାଇଛି ।

## ଟ୍ରେନ୍ ଧକ୍କାରେ ନାବାଳକ ମୃତ

**ପୁରୀ, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ସନ୍ଧ୍ୟାରେ ପୁରୀ ସଦର ଚନ୍ଦନପୁର ଥାନା ନିକଟ ଯାନକାଦେଇପୁର ଷ୍ଟେସନ ରେଳ ଫାଟକଠାରେ ଟ୍ରେନ୍ ଧକ୍କାରେ ନାବାଳକ ମୃତ ଘଟିଛି । ମୃତ ନାବାଳକ ଜଣଙ୍କ ପୁରୀ ମଙ୍ଗଳାଘାଟ ଅଞ୍ଚଳର ବିଶ୍ୱଜିତ ସାହୁ (୧୫) । ସେ ବୀରଗୋବିନ୍ଦପୁରକୁ ଦକ୍ଷୀଣକାଳୀଙ୍କ ଦର୍ଶନ କରିବାକୁ ଯାଇଥିଲେ । ସେଠାରୁ ବୀରପ୍ରତାପପୁର କାମରୂପାଙ୍କ ଦର୍ଶନ କରି ଯାନକାଦେଇପୁର ଷ୍ଟେସନ ନିକଟରେ ପହଞ୍ଚିଥିଲେ । ସେଠାରେ ଟ୍ରେନ୍ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ହୋଇଛି ।

## ବର୍ଷାରେ ସୁଗ୍ରୀବ ମହାବୀର ମନ୍ଦିର ଜଳବନ୍ଦୀ

**ପୁରୀ, ୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଳ ଘେରରେ ସୁଗ୍ରୀବ ମହାବୀର ମନ୍ଦିର । ବର୍ଷାରେ ସହର ତଳି ଅଞ୍ଚଳ ସହ ବୁଡ଼ି ରହିଛି ଏହି ମନ୍ଦିର । ପାଣି ଘେରରେ ରହିଛି ମନ୍ଦିର ସମ୍ମୁଖ ଦୟଣା ପିଣ୍ଡି । ଶ୍ରୀଦାଣ୍ଡ ନିର୍ମାଣ ପରେ ଏହି ସମସ୍ୟା ପିଛା ଛାଡୁନାହିଁ । ବର୍ଷା ଋତୁ ଆସିଲେ ସୁଗ୍ରୀବ ମନ୍ଦିର ସମେତ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଅନୁଷ୍ଠିତ ହେଉଥିବା ପିଣ୍ଡି ପାଣିରେ ବୁଡ଼ି ରହିବା ଋତୁ ଭିତ୍ତିକ ସମସ୍ୟାରେ ପରିଣତ ହୋଇଛି ।



ଜଗନ୍ନାଥ ବଲ୍ଲଭ ମଠ ବିଜେସ୍ଥଳୀରେ ଥିବା ମନ୍ଦିରରେ ଠାକୁରମାନଙ୍କ ବ୍ୟତୀତ ମଠର ଉଦ୍ୟାନ ଭିତରେ ୫ଟି ମନ୍ଦିର ରହିଛି । ହନୁମାନଙ୍କ ବ୍ୟତୀତ ସୁଗ୍ରୀବ, ଗୁମ୍ଫା ମହାବୀର, ସୁପାରି ହନୁମାନ ମଧ୍ୟ ପୂଜା ପାଉଛନ୍ତି । ଶ୍ରୀକ୍ଷେତ୍ରର ଏହି ସଂସ୍କୃତି ସମଗ୍ର ରାଜ୍ୟରେ ବିରଳଛ ମାତ୍ର ସୁଗ୍ରୀବଙ୍କ ମନ୍ଦିରକୁ ଆଜିଯାଏ ଉନ୍ନତି କରିବା ନେଇ ସେପରି ପଦକ୍ଷେପ ନିଆଯାଇନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯେବେ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସର୍ଟକଟ୍ ମାର୍ଗ ନିର୍ମାଣ ହେଲା, ସୁଗ୍ରୀବ ମହାବୀରଙ୍କ ମନ୍ଦିର ଶ୍ରୀଦାଣ୍ଡର ଡାହାଣ ପାର୍ଶ୍ୱରେ ରହିଗଲା । ରାସ୍ତା ଉଚ୍ଚା କରିବା ପରେ ମହାବୀରଙ୍କ ମନ୍ଦିର ଖାଲୁଆ ହୋଇଗଲା । ତେଣୁ ବର୍ଷା ହେଲେ ସୁଗ୍ରୀବର ମହାବୀରଙ୍କ ମନ୍ଦିର ଚତୁଃପାର୍ଶ୍ୱ ଜଳମଗ୍ନ ହୋଇଯାଏ । କେବଳ ସେତିକି ନୁହେଁ ଖୋଲା ସ୍ଥାନ ହୋଇଥିବାରୁ ନଳା ଓ ଯାବତୀୟ ଆବର୍ଜନା ପାଣି ଆସି ଜମା ହୋଇ ରୁହେ । ତେଣୁ ଭକ୍ତଟିଏ ଚାହିଁଲେ ମଧ୍ୟ ମନ୍ଦିରକୁ ଯାଇ ଦର୍ଶନ କରିବା ମାସମାସ ଧରି ସମ୍ଭବ ହୁଏ ନାହିଁ ।

ସୁଗ୍ରୀବ ତଥା ବଡ଼ ମହାବୀରଙ୍କୁ ଏଠାରେ ଭିନ୍ନ ଅବତାରରେ ଦର୍ଶନ କରିବାର ସୁଯୋଗ ମିଳେ । ଡାହାଣ ହାତରେ ପର୍ବତ, ବାମ ହାତରେ ଗଦା ଏବଂ ମୁହଁ ଓ ପାଦ ବାମ ପଟକୁ ରହିଥାଏଛ ମହାବୀରଙ୍କ ବାମ ପାର୍ଶ୍ୱରେ ଅଞ୍ଜନା ଦେବୀଙ୍କ ମନ୍ଦିର ଏବଂ ଅଞ୍ଜନା ଦେବୀଙ୍କ ଡାହାଣ ପାର୍ଶ୍ୱରେ ବଲ୍ଲଭେଶ୍ୱର ମହାଦେବ ପୂଜା ପାଉଛନ୍ତି । ଉଦ୍ୟାନର ବାମ ପାର୍ଶ୍ୱରେ ଗୁଆବାଡ଼ି ବା ସୁପାରି ହନୁମାନ ରହିଛନ୍ତି । ପ୍ରତ୍ୟେକ ମନ୍ଦିରର ଭିନ୍ନଭିନ୍ନ କିମ୍ବଦନ୍ତୀ ରହିଛି । ମାତ୍ର ଶହଶହ କୋଟି ଟଙ୍କାରେ ଏହି ନୂଆ ମାର୍ଗ ଓ ପ୍ରମୋଦ ଉଦ୍ୟାନ ପରିସରର ଉନ୍ନତି କରାଯାଇଥିଲେ ହେଁ ଆଜିଯାଏ ବଲ୍ଲଭ ପରିସରରେ ଥିବା ମନ୍ଦିରର ଉନ୍ନତି ନେଇ ସରକାର କିମ୍ବା ପ୍ରଶାସନ ଗୁରୁତ୍ୱ ଦେଇନାହିଁ ।

ପବିତ୍ର ଅନଙ୍ଗ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ପାଳିତ ହୁଏ । ବିମାନବଡୁମାନେ ରାମକୃଷ୍ଣଙ୍କୁ ପାଲିଙ୍କିରେ ନେଇ ଜଗନ୍ନାଥ ବଲ୍ଲଭ ମଠକୁ ଆସନ୍ତି । ସେଠାରେ ରାମ ଓ କୃଷ୍ଣ ଉଦ୍ୟାନରେ ନିଶାର୍ଦ୍ଧରେ ଦୟଣା ଚୋରି କରିବାର ବିଧି ଏହି ସୁଗ୍ରୀବ ମହାବୀର ମନ୍ଦିର ସମ୍ମୁଖରେ ଥିବା ପିଣ୍ଡିରେ ପାଳିତ ହୁଏ । ଏହି ଦୟଣା ପିଣ୍ଡି ମଧ୍ୟ ଆବର୍ଜନା ପାଣିରେ ବୁଡ଼ି ରହିଛି । ମହାପ୍ରଭୁଙ୍କ ସହ ନୀତିକାନ୍ତିରେ ସମ୍ପର୍କରେ ବନ୍ଧା ଥିଲେ ହେଁ ପ୍ରଶାସନ ପକ୍ଷରୁ ଏହି କ୍ଷେତ୍ରର ଉନ୍ନତି ନେଇ ଆନ୍ତରିକତାର ନାହିଁ କି ଗୁରୁତ୍ୱ ନାହିଁ ।

## ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ବୈଶିଙ୍ଗା, ୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥରେ ସୋମବାର ଦୁଇଟି ପୃଥକ ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଗୋଟିଏ ଦୁର୍ଘଟଣା ୧୮ନଂ ଜାତୀୟ ରାଜପଥର ଖଇର ବଣି ରୟାଲ ଢାବା ନିକଟରେ ରବିବାର ବିଳମ୍ବିତ ରାତିରେ ଘଟିଯାଇଛି । ବାଲେଶ୍ୱର ଜିଲ୍ଲା ଦରଖୋଳି ଗ୍ରାମର ଗୋରା ସିଂ ର ପୁଅ ଶାନ୍ତନୁ ସିଂ(୨୮) ନିଜ ବାଇକ ରେ ଯାଉଥିବା ବେଳେ ଢାବା ନିକଟରେ ଆଗରେ ଯାଉଥିବା ଏକ ଲମ୍ବା ଟ୍ରେଲର ପଛରେ ପିଟି ହୋଇ ତଳେ ଛିଟିକି ପଡ଼ିଥିଲା । ଘଟଣା ସ୍ଥଳରେ ହିଁ ତା'ର ମୃତ୍ୟୁ ଘଟି ଯାଇଥିଲା । ବୈଶିଙ୍ଗା ପୁଲିସ ଖବର ପାଇ ମୃତକକୁ ବୈଶିଙ୍ଗା ଡାକ୍ତରଖାନା ଆଣି ରଖିଥିଲେଛ ସୋମବାର ବ୍ୟବଛେଦ ପାଇଁ ପଠାଇଥିଲେ ।

ସେହିଭଳି ସୋମବାର ସନ୍ଧ୍ୟାରେ ୧୮ନଂ ଜାତୀୟ ରାଜପଥର ରଙ୍ଗା ମାଟିଆ ଛକରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଥାନା ଅଧିନ ପଦ୍ମନାଭପୁର ଗ୍ରାମର ଶ୍ରୀଧର ମାଝିର ପୁଅ ରାମେଶ୍ୱର ମାଝି'(୩୨) ନିଜ ବାଇକ ଯୋଗେ ଘରକୁ ଯାଉଥିବା ସମୟରେ ରଙ୍ଗାମାଟିଆ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ସକାଳେ ବୈଶିଙ୍ଗା ପୁଲିସ ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି ।

## କାଜୁ ଫ୍ୟାକ୍ଟ୍ରିରେ ନିଆଁ ଲାଗି ୫୦ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ

**ଗଜପତି, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କାଜୁ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଲାଗି ଜଳିପୋଡ଼ି ପାଉଁଶ ହୋଇଗଲା ୫୦ ଲକ୍ଷ ଟଙ୍କାର ସମ୍ପତ୍ତି । ଏଥିରେ ଫ୍ୟାକ୍ଟ୍ରି ମାଲିକ ଗୁରୁତର ହୋଇଛନ୍ତି । ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଜଗନ୍ନାଥପୁର କାଜୁ ଫ୍ୟାକ୍ଟ୍ରିରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଥିଲା । ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ଗୋଷାଣି ବ୍ଲକର ଲାବଣ୍ୟ ଗଡ଼ ପଞ୍ଚାୟତର ଜଗନ୍ନାଥପୁର ଗାଁ ନିକଟରେ ଥିବା ଶ୍ରୀଜଗନ୍ନାଥ କାଜୁ ଇଣ୍ଡଷ୍ଟ୍ରିରେ ସୋମବାର ରାତ୍ରି ସାଢ଼େ ୯ଟା ସମୟରେ ବିଦ୍ୟୁତ୍ ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି । ସୋମବାର ଦୀପାବଳି ଥିବାରୁ ଅପରାହ୍ନରେ ଶୀଘ୍ର ଫ୍ୟାକ୍ଟ୍ରି ବନ୍ଦକରି ମାଲିକଙ୍କ ସମେତ ସମସ୍ତେ ଚାଲି ଯାଇଥିଲେ । ରାତିରେ ହଠାତ୍ ନିଆଁ ଲାଗିଥିବା ଖବର ପାଇ ମାଲିକ ଜଗନ୍ନାଥ ରାଓ ଆସି ଗୋଦାମର କବାଟ ଖୋଲି ଦେବାରୁ ଅଗ୍ନି ଧାସ ବାଜି ଗୁରୁତର ହୋଇଥିଲେ । ପ୍ରଥମେ ତାଙ୍କୁ ପଲାସା ଏବଂ ପରେ ବିଶାଖାପାଟଣା ସ୍ଥିତ ମେଡିକେର୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି । କାଜୁ ତେଲଯୁକ୍ତ ଥିବାରୁ ଦେଖୁ ଦେଖୁ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲାଛ ଗୋଦାମରେ ଗଚ୍ଛିତ ଥିବା ୧୨୦୦ ରୁ ୧୩୦୦ ପେଟି କାଜୁ ପୋଡ଼ି ଯାଇଛି । ଯାହାର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଏହା ସହିତ ଅନ୍ୟ ସାମଗ୍ରୀ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି । ଘଟଣା ସ୍ଥଳରେ ପାରଳା ଅଗ୍ନିଶମ ବିଭାଗର ଯବାନମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ କରୁଥିବା ବେଳେ ୩ଟି ଗାଡ଼ି ଲିଭାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଖବର ଲେଖାହେଲା ପର୍ଯ୍ୟନ୍ତ ମଙ୍ଗଳାବାର ମଧାହ୍ନ ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଚାଲିଥିଲା ।

### ଦାନଗଦି ତହସିଲ ଅଞ୍ଚଳରେ ପୁଣି ଜମି ଦଖଲ ଚର୍ଚ୍ଚାରେ

# ସରକାରୀ ଜମିରେ ବେଆଇନ ଘର ନିର୍ମାଣ : ପ୍ରଶାସନ ଚୁପ !

**କଳିଙ୍ଗନଗର, ୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଦାନଗଦି ତହସିଲ ଅଞ୍ଚଳରେ ଜମି ମାଫିଆମାନେ ପୁଣି ସକ୍ରିୟ ହୋଇଉଠିଛନ୍ତି । ସରକାରୀ ଜମି, ଜଙ୍ଗଲ ଜମି ଓ ଗୋଚର ଜମିକୁ ବେଆଇନ ଭାବରେ ଦଖଲ କରି ଘର, ଦୋକାନ ଓ ବ୍ୟବସାୟିକ ଘର ବନେଇ ଭଡା ସୂତ୍ରରେ ଦେବା ଘଟଣା ବେପରୁଆ ଭାବରେ ଚାଲିଛି । ଏପରି ବେଆଇନ ନିର୍ମାଣ ଓ ଜମି ଦଖଲ ଉପରେ ତହସିଲ ପ୍ରଶାସନର ନୀରବତା ନେଇ ସାଧାରଣ ମଧ୍ୟରେ ଚର୍ଚ୍ଚା ତିବ୍ର ହୋଇପଡ଼ିଛି । ଯଖପୁରା ଓ ରାବଣା ଛକରେ ନୂଆ ଦଖଲ ମାଫିଆମାନେ କରିବାରେ ଲାଗିଛନ୍ତି ।

ସୂଚନା ଅନୁସାରେ, ଦାନଗଦି ତହସିଲ ଅନ୍ତର୍ଗତ ଶିଳ୍ପାଞ୍ଚଳର ବହୁ ମୂଲ୍ୟବାନ ଯଖପୁରା ଷ୍ଟେସନ ଛକ ବହୁ ଚର୍ଚ୍ଚିତ ୩୫୦ ଖାତା ନମ୍ବରର ୨୪. ୬୬ ଏକର ହେଉ କିମ୍ବା ମାଣତୀରା ପଞ୍ଚାୟତ ର ରାବଣା ଛକ ଅଞ୍ଚଳରେ ପୁଣି ଜମି ଜବରଦଖଲର ଘଟଣା ଦେଖାଯାଇଛି । ଖାତା ନଂ ୧୯୧ ଓ ପ୍ଲଟ ନଂ ୪, ଯାହା କି ଛୋଟ ଜଙ୍ଗଲ ଶ୍ରେଣୀରେ ଥିବା ସରକାରୀ ଜମି, ସେଠାରେ ଏବେ ମାଫିଆ ମାନେ ଘର ଓ ଦେକାନ ନିର୍ମାଣ କରୁଛନ୍ତି । ଏହି ଜମିକୁ ନିଜ ସ୍ୱାମୀତ୍ୱ ଦାବି କରି ଭଡାରେ ଦେବା ମଧ୍ୟ ଆରମ୍ଭ ହୋଇଛି । ରାସ୍ତା ଉପରକୁ ମାଡିଆସିଲେଣି ଦୋକାନ ଘର । ଏହା ଏକ ବହୁ ବେସ୍ତ ରାସ୍ତା ହେବା ସତ୍ତ୍ୱେ, ଅନେକ ଦୋକାନ ଗୃହ ରାସ୍ତା ଉପରକୁ ମାଡି ଆସିଥିବାରୁ ରାସ୍ତା



ସଙ୍କୁଚିତ ହେଉଛି । ଦୋକାନ ଆଗରେ ଗାଡ଼ି ରଖିବା, ଭଡା ବସାଣି ଓ ବେପାରିକ କାର୍ଯ୍ୟ ହେତୁ ରାସ୍ତାର ଚଳଚଳ ଅସୁବିଧା ସୃଷ୍ଟି ହୋଇଉଠିଛି । ଏହାର ପରିଣାମ ସ୍ୱରୂପ ଅନେକ ସମୟ ଦୁର୍ଘଟଣା ଘଟି ଜନ ଓ ଧନ କ୍ଷତି ହେଉଛ । ସ୍କୁଲ ଓ ଡାକ୍ତରଖାନା ଆଗରେ ମଧ୍ୟ ଦଖଲ ବେଦାଖଲ ଚାଲିଛି । ରାବଣା ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଜମି ଉପରେ ମଧ୍ୟ ଏବେ ବେଆଇନ ଘର ଓ ଦୋକାନ ନିର୍ମାଣ ହେଉଛି । ଫଳରେ ଛାତ୍ରଛାତ୍ରୀ ଓ ରୋଗୀମାନେ ଯାଉଥିବା ସମୟରେ ଅନେକ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ହୋଇଥିଲା ଉଚ୍ଛେଦ ଅଭିଯାନ କୁ ମାନୁନି ମାଫିଆ ଆଇନ କାନୁନକୁ ଫୁ' କରି ଫେର ଚାଲିଛି ଜବରଦସ୍ତ ଦଖଲ । କିଛି ମାସ ପୂର୍ବରୁ ଦାନଗଦି ତହସିଲ ପକ୍ଷରୁ ରାବଣା ଛକ ଅଞ୍ଚଳରେ ଜମି ଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା । ଏହାକୁ ନେଇ ସେତେବେଳେ ମାଫିଆମାନେ ଛନକି ଯାଇଥିଲେ । କିନ୍ତୁ ଏବେ ଆଉଥରେ ତାହା ପୁଣି ପୁରୁଣା ଅବସ୍ଥାକୁ ଫେରିଛି । ପ୍ରଶାସନର ନୀରବତା ଉପରେ ସାଧାରଣ ଅସନ୍ତୋଷ ସରକାରୀ ଜମି ଉପରେ ନିରନ୍ତର ଦଖଲ ହୋଇ ଉଠୁଥିବା ସତ୍ତ୍ୱେ ତହସିଲ ପ୍ରଶାସନ ନିରବ । ଦିନକୁ ଦିନ ଦଖଲ ବୃଦ୍ଧି ହେଉଥିବାରୁ ରାବଣା ଛକ ପୁରାପୁରି ଜମି ମାଫିଆଙ୍କ ଅକ୍ତିଆରରେ ପଡ଼ିଯାଇଛି । ସାଧାରଣ ଲୋକଙ୍କ ଅଭିଯୋଗ ଉଠୁଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକମାନେ ଦାନଗଦି ତହସିଲଦାରଙ୍କୁ ଆହ୍ୱାନ କରିଛନ୍ତି ଯେ, ରାବଣା ଛକ ଓ ପାର୍ଶ୍ୱବର୍ତ୍ତୀ ସରକାରୀ ଜମି ଉପରେ ଯେଉଁ ବେଆଇନ ନିର୍ମାଣ ହେଉଛି, ସେଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରି ଦାୟୀ ମାଫିଆଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ । ନଚେତ ଆଗାମୀ ଦିନରେ ସାଧାରଣ ରାସ୍ତା, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ସବୁ ମାଫିଆଙ୍କ ଅକ୍ତିଆରରେ ପଡ଼ିଯିବ ବୋଲି ଆଶଙ୍କା ଜଣାଇଛନ୍ତି । ଏବେ ଦେଖିବାକୁ ବାକି ରହିଲା ମାଫିଆଙ୍କ ଉପରେ ପ୍ରଶାସନ ଅଙ୍କୁଶ ଲଗାଇବାରେ କେବେ ହେଉଛି ସଫଳ ।

ଦୀପାବଳୀରେ ବାଣ ଫୁଟାଇବା ସମୟରେ ସାରା ରାଜ୍ୟରେ ଅନେକ ଅଘଟଣ ଘଟିଛି । ଭୁବନେଶ୍ୱରରେ ୬୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । କଟକରେ ଆହତଙ୍କ ସଂଖ୍ୟା ୪୦। ଏମାନଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । କେତେକଙ୍କ ଅବସ୍ଥା ଗୁରୁତର ଥିବାର ଜଣାଯାଏ। ଖବର ପ୍ରକାଶ ପାଇଛି କାଳେ ଏବର୍ଷ ଦୀପାବଳୀରେ ସାରା ଦେଶରେ ଲକ୍ଷାଧିକ କୋଟି ଟଙ୍କାର କାରବାର ହୋଇଛି । ଏଥିମଧ୍ୟରୁ ବାଣ ବାବଦ ଖର୍ଚ୍ଚ ନିଶ୍ଚିତ ଭାବରେ ସବୁଠାରୁ ଅଧିକ ହୋଇଥିବ । ତା'ହେଲେ ଅନୁମାନ କରନ୍ତୁ ଏତେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରି ଆମେ କଲେ କ'ଣ ? ନିଜର ସାମାନ୍ୟ ଆନନ୍ଦ ପାଇଁ ପୂରା ପରିବେଶକୁ ପ୍ରଦୂଷିତ କରି ଛାଡ଼ିଲେ । ସାରା ଦେଶ ଧୂଆଁମୟ ହୋଇଗଲା । ଭାରତବର୍ଷର ପ୍ରତିଟି ସହରେ ପ୍ରଦୂଷଣର ମାତ୍ରା ସୀମା ଟପିଲା ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୩ ଅକ୍ଟୋବର, ୨୦୨୫ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ଆମେ ସଚେତନ ହେଲେ...

ଦୀପାବଳୀ ଦିନ ରାତି ୯ଟା ପରେ ବାଣ ଫୁଟାଇବା ପାଇଁ ସରକାର ମନା କରିଥିଲେ । ଏଇ ଅବଧି ପରେ ବାଣ ଫୁଟାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ରାତି ୯ଟା ତ ଛାଡ଼ ରାତି ୧୧ଟା-୧୨ଟା ଯାଏଁ ମଧ୍ୟ ବାଣ ଫୁଟା ଚାଲିଥିଲା । କେବଳ ଦୀପାବଳୀ ନୁହେଁ ତା' ପରଦିନ ସନ୍ଧ୍ୟାରେ ମଧ୍ୟ ବାଣ ଫୁଟା ଆରମ୍ଭ ହୋଇଥିଲା । ଭୁବନେଶ୍ୱରରେ ଏତେ ବାଣ ଫୁଟିଲା ଯାହାଫଳରେ ସାରା ସହର ଧୂଆଁମୟ ହୋଇଯାଇଥିଲା । ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏ କଟକଣା ଜାରି ହୋଇଥିଲେ ହେଁ ପ୍ରଦୂଷଣ କିନ୍ତୁ ସୀମା ଟପିଥିଲା ।

ଏଥିପାଇଁ କାହାକୁ ଦାୟୀ କରାଯିବ? ନିଶ୍ଚିତ ଭାବେ ସରକାରଙ୍କୁ ଏଥିପାଇଁ କିଛି ଲୋକ ଦାୟୀ କରିବେ । କାରଣ ଲୋକଙ୍କୁ ଚେତେଇ ଦେବାର ଅଧିକାର ଯେମିତି ସରକାରଙ୍କର ଅଛି ସେମିତି କୌଣସି ନିୟମ ବିରୋଧୀ କାର୍ଯ୍ୟରୁ ଲୋକଙ୍କୁ ନିବୃତ ରଖିବା ପାଇଁ ମଧ୍ୟ ସରକାରଙ୍କ ପାଖରେ ଯଥେଷ୍ଟ ବ୍ୟବସ୍ଥା ରହିଛି । ହେଲ୍‌ମେଟ ଚେକିଂକୁ ଏଥିପାଇଁ ଏକ ଉଦାହରଣ ଭାବେ ନିଆଯାଇପାରେ । ହେଲ୍‌ମେଟ ଚେକିଂ ବେଳେ ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଥିବାରୁ ଲୋକେ ଭୟରେ ହେଲ୍‌ମେଟ ପିନ୍ଧୁଛନ୍ତି । ଏହାର କାରଣ ଅର୍ଥଦଣ୍ଡକୁ ସମସ୍ତଙ୍କର ଭୟ। ହାତରୁ ଟଙ୍କା ଚାଲିଗଲେ କାହାକୁ ଭଲ ଲାଗିବ! ଲୋକେ ସବୁ ଦେଇଦେବେ, ଟଙ୍କା ବାଦ୍ ।

ଲୋକଙ୍କର ଏଇ ମାନସିକତାକୁ ଦୃଷ୍ଟି ରେଖି ସରକାର ଯଦି ଦୀପାବଳୀ ଦିନ ତାଙ୍କ ବ୍ୟବସ୍ଥାକୁ ଲଗାଇ ନିର୍ଦ୍ଦିଷ୍ଟ ସମୟସୀମା ପରେ ବାଣ ଫୁଟାଉଥିବା ଲୋକଙ୍କ ଉପରେ ଆର୍ଥିକ ଦଣ୍ଡ ଧାର୍ଯ୍ୟ କରିଥାନ୍ତେ ତା'ହେଲେ ସେ ଯେତେବଡ଼ ସାହସୀ ଲୋକ ହୋଇଥାନ୍ତୁନା କାହିଁକି ବା ଆଇନ୍‌କୁ ଯେତେ ବେଖାତିର କରୁଥାଉ ନା କାହିଁକି ଅଣ୍ଟିରୁ ଟଙ୍କା ଖସି ଗଲେ ମୁହଁ ବଙ୍କା ହୋଇଯିବା ସ୍ୱାଭାବିକ।

କେବଳ ଦୀପାବଳୀ ନୁହେଁ ଏଥିପୂର୍ବରୁ ଭସାଣି ବେଳେ ମଧ୍ୟ ସରକାର କଟକଣା ଜାରି କରିଥିଲେ । ହେଲେ ସେ କଟକଣାକୁ ଲୋକେ ବୃଦ୍ଧାଙ୍ଗୁଷ୍ଠି ଦେଖାଇଲେ । ମଉଜମସ୍ତିରେ ଭସାଣି ଚାଲିଲା।

ଦୀପାବଳୀରେ ବାଣ ଫୁଟାଇବା ସମୟରେ ସାରା ରାଜ୍ୟରେ ଅନେକ ଅଘଟଣ ଘଟିଛି । ଭୁବନେଶ୍ୱରରେ ୬୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । କଟକରେ ଆହତଙ୍କ ସଂଖ୍ୟା ୪୦। ଏମାନଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । କେତେକଙ୍କ ଅବସ୍ଥା ଗୁରୁତର ଥିବାର ଜଣାଯାଏ।

ଖବର ପ୍ରକାଶ ପାଇଛି କାଳେ ଏବର୍ଷ ଦୀପାବଳୀରେ ସାରା ଦେଶରେ ଲକ୍ଷାଧିକ କୋଟି ଟଙ୍କାର କାରବାର ହୋଇଛି । ଏଥିମଧ୍ୟରୁ ବାଣ ବାବଦ ଖର୍ଚ୍ଚ ନିଶ୍ଚିତ ଭାବରେ ସବୁଠାରୁ ଅଧିକ ହୋଇଥିବ । ତା'ହେଲେ ଅନୁମାନ କରନ୍ତୁ ଏତେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରି ଆମେ କଲେ କ'ଣ ? ନିଜର ସାମାନ୍ୟ ଆନନ୍ଦ ପାଇଁ ପୂରା ପରିବେଶକୁ ପ୍ରଦୂଷିତ କରି ଛାଡ଼ିଲେ । ସାରା ଦେଶ ଧୂଆଁମୟ ହୋଇଗଲା । ଭାରତବର୍ଷର ପ୍ରତିଟି ସହରେ ପ୍ରଦୂଷଣର ମାତ୍ରା ସୀମା ଟପିଲା ।

ଏଇଠି ଆମର ସାମାଜିକ କର୍ମୀଙ୍କ କଥା ମନେପଡ଼େ। ଏମାନେ ସମାଜର ହିତ ପାଇଁ ଲୋକଙ୍କୁ ନାନା ପ୍ରକାର ଉପଦେଶ ଦିଅନ୍ତି । ବୃକ୍ଷରୋପଣଠାରୁ ନେଇ ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ ନିବାରଣ ଯାଏଁ ଅନେକ କଥା ପାଇଁ ଲୋକଙ୍କୁ ସଚେତନ କରାନ୍ତି । ସେତେବେଳେ ବଡ଼ ବଡ଼ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରନ୍ତି । ହେଲେ ଦୀପାବଳୀର ଏହି ଲଗାମଛଡ଼ା ଆତସବାଜି ଯାହା ପରିବେଶକୁ ଧ୍ୱଂସ କରୁଛି ସେଥିପାଇଁ କାହିଁକି ଆଗେଇ ଆସୁନାହାନ୍ତି ଭାବିଲେ ବ୍ୟସ୍ତ ଲାଗେ । ଏବର୍ଷ ତ ଗଲାଣି ଆସନ୍ତା ବର୍ଷ ସରକାର ଏମାନଙ୍କ ସହାୟତାରେ ଲୋକଙ୍କୁ ସଚେତନ କରାଇବା ସହିତ ଅର୍ଥଦଣ୍ଡ ବ୍ୟବସ୍ଥା କରିପାରିଲେ ସରକାରୀ ବାରଣକୁ ଆଉ କେହି ବୃଦ୍ଧାଙ୍ଗୁଷ୍ଠି ଦେଖାଇବାକୁ ସାହସ କରନ୍ତେ ନାହିଁ ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଆମର କ୍ଷତି ହେଉଥିବା ସତ୍ତ୍ୱେ ସାମାନ୍ୟ ଆନନ୍ଦ ଉଲ୍ଲାସ ଲାଗି ଆମେ ନିଜେ ସଚେତନ ହେଉନାହୁଁ କାହିଁକି? ଆମେ ସଚେତନ ହେଲେ ସରକାରୀ କଟକଣା ଥାଉ ବା ନଥାଉ ବିବେକର କଟକଣା ଆମକୁ ପ୍ରଦୂଷଣରୁ ମୁକ୍ତି ଦିଅନ୍ତା ।

# ସେଇ ଦର୍ଶନର ଅନୁଭୂତି ଥିଲା ନିଆରା

**ସତ କହିବାକୁ କିଆଁ ଡରିବି**

**◆ ଅମ୍ବିକା ପ୍ରସାଦ ଦାସ ◆**

**ମୁଁ ଭିତରକୁ ଗଲି । ଦେଖିଲି ଗୋଟେପାଖେ ମା' ଦୁର୍ଗା ପୂଜା ପାଉଛନ୍ତି, ଆଉଗୋଟେ ପାଖରେ ରାଧାକୃଷ୍ଣଙ୍କ ଦିବ୍ୟ ମନ୍ଦିର, ଦକ୍ଷିଣ ପାର୍ଶ୍ୱରେ ରାମ-ଲକ୍ଷ୍ମଣ-ସୀତା ଓ ହନୁମାନ ପୂଜା ପାଉଛନ୍ତି । ପ୍ରବଚନ ଚାଲିଥାଏ, ବେଶ୍ କିଛି ଲୋକ ତଳେ ବସି ଶୁଣୁଥିବାର ଲକ୍ଷ୍ୟ କଲି । କିନ୍ତୁ ବାମପାର୍ଶ୍ୱକୁ ଯିବା ପରେ ଚକିତ ହେଲି ମୁଁ ! ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଛନ୍ତି ସେଠି । ବଳଭଦ୍ର, ସୁଭଦ୍ରା, ଜଗନ୍ନାଥଙ୍କ ସହ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଖି ଅଭିଭୂତ ହେଲି ମୁଁ ।**

ଜଗତରନାଥ ଜଗନ୍ନାଥଙ୍କୁ ନେଇ ଅନେକଙ୍କ ମନରେ ଅନେକ ସମୟରେ ପ୍ରଶ୍ନ ଉଠେ- ମହାପ୍ରଭୁ ସତରେ କ'ଣ ଭକ୍ତ ମନର କଥା ପଢ଼ିପାରନ୍ତି? ସେ କ'ଣ କେବଳ ଶ୍ରୀକ୍ଷେତ୍ରରେ ଥାଆନ୍ତି ନା ଯୋଉଠି ଭକ୍ତ ତାଙ୍କୁ ମନେପକାଏ ସେ ସେଠି ଥା'ନ୍ତି? ପୁଣି ଭକ୍ତ କୁହେ- ସିଏ ପରା ଜଗତର ନାଥ, ସେ ଏଠି ସେଠି ସବୁଠି ନଥିବେ କେମିତି?

ସୁଦୁର ହିମାଚଳ ପ୍ରଦେଶର ରାଜଧାନୀ ଶିମ୍‌ଲାରେ ଏଇପରି ଏକ ଅନୁଭୂତି ହୋଇଥିଲା ଜଣେ ଭକ୍ତଙ୍କ କ୍ଷେତ୍ରରେ ।

ସେଦିନ ଥିଲା ସେପ୍ଟେମ୍ବର ୧୩ ଶନିବାର । ଦୁଇଦିନିଆ ଜାତୀୟ ସମବାୟ ସମ୍ମିଳନୀ ଏବଂ ନାଫସ୍କବର ବୋର୍ଡ ଓ ଏଜିବି ମିଟିଂରେ ଯୋଗଦେବା ଲାଗି ପହଞ୍ଚିଥିଲି ଶିମଲାରେ । ହନୁମାନଜୀ ଓ ରାଧାକୃଷ୍ଣଙ୍କ ଦର୍ଶନ ପାଇଁ ମନରେ ଇଚ୍ଛା ଜାଗିଲା । କର୍ମକର୍ତ୍ତା ଆସି କହିଲେ- ଠିକ୍ ୬ଟାରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଆସିବେ । ଆପଣ ଠିକ୍ ସମୟରେ ପହଞ୍ଚିବେ ସଭାସ୍ଥଳରେ ।

ହାତରେ ଥାଏ ମାତ୍ର ଘଣ୍ଟାଟିଏ । ହିମାଚଳ ପ୍ରଦେଶ ରାଜ୍ୟ ସମବାୟ ବ୍ୟାଙ୍କର ଜଣେ ଅଧିକାରୀଙ୍କୁ କହିଲି- ପାଖରେ ଯଦି ମନ୍ଦିର ଥାଏ ତେବେ ଚାଲନ୍ତୁ ସାଙ୍ଗେସାଙ୍ଗେ ଦର୍ଶନ ସାରି ଫେରିଆସିବା । ସେ ରାଜି ହେଲେ । ଡେପୁଟି କମିଶନରଙ୍କ ଅଫିସ୍ ପର୍ଯ୍ୟନ୍ତ ଗାଡ଼ି ଗଡ଼ିଲା । ତା'ପରେ ମନ୍ଦିର ଯିବାକୁ ହେଲେ ପାଦରେ ଚାଲିକି ଯିବାକୁ ପଡ଼ିବ ବୋଲି କହିଲେ ସେ ।

ଆମେ ଦୁହେଁ ପାହାଡ଼ିଆ ରାସ୍ତାରେ ଚାଲିଲୁ । କଥା ପ୍ରସଙ୍ଗରେ ସେ ଜଗନ୍ନାଥ ଧାମ କଥା ଉଲ୍ଲେଖ କଲେ। କହିଲେ- ୧୨-୧୩ ବର୍ଷ ତଳେ ସେ ଓଡ଼ିଶା ଯାଇଥିଲେ । ଶ୍ରୀକ୍ଷେତ୍ରକୁ ବି ଗଲେ । କିନ୍ତୁ ସେଦିନ ଭିଭିଆଇପିଙ୍କ ମୁଭ୍‌ମେଣ୍ଟ ଥିବାରୁ ଅର୍ଥାତ୍ ରାଷ୍ଟ୍ରପତିଙ୍କ ଗସ୍ତ ଥିବାରୁ ସାଧାରଣଙ୍କ ପାଇଁ ଦର୍ଶନ କଟକଣା ଥିଲା । ତେଣୁ ଦର୍ଶନ ବିନା ଫେରିଆସିଥିଲେ ସେ । ଏଇ ପଦକ କହିଲା ବେଳେ ଦର୍ଶନରୁ ବଞ୍ଚିତ ଭକ୍ତ ମନର ଅଭିମାନକୁ ବେଶ୍ ଠଉରେଇପାରୁଥିଲି ମୁଁ । ଏମିତି କଥା ଭିତରେ ଆମେ ପହଞ୍ଚିଲୁ ମନ୍ଦିରରେ । ସେ ମନ୍ଦିର ବାହାରେ ଥାଇ କହିଲେ- ଭିତରେ ଦେଖନ୍ତୁ ରାଧାକୃଷ୍ଣ ଅଛନ୍ତି, ସେପଟେ ରାମ-ଲକ୍ଷ୍ମଣ-ସୀତା ହନୁମାନ ବି ଅଛନ୍ତି । ଆପଣ ଦର୍ଶନ ସାରି ଆସନ୍ତୁ ଫେରିଯିବା ।

ମୁଁ ଭିତରକୁ ଗଲି । ଦେଖିଲି ଗୋଟେପାଖେ ମା' ଦୁର୍ଗା ପୂଜା ପାଉଛନ୍ତି, ଆଉଗୋଟେ ପାଖରେ ରାଧାକୃଷ୍ଣଙ୍କ ଦିବ୍ୟ ମନ୍ଦିର, ଦକ୍ଷିଣ ପାର୍ଶ୍ୱରେ ରାମ-ଲକ୍ଷ୍ମଣ-ସୀତା ଓ ହନୁମାନ ପୂଜା ପାଉଛନ୍ତି । ପ୍ରବଚନ ଚାଲିଥାଏ, ବେଶ୍ କିଛି ଲୋକ ତଳେ ବସି ଶୁଣୁଥିବାର ଲକ୍ଷ୍ୟ କଲି । କିନ୍ତୁ ବାମପାର୍ଶ୍ୱକୁ ଯିବା ପରେ ଚକିତ ହେଲି ମୁଁ ! ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଛନ୍ତି ସେଠି । ବଳଭଦ୍ର, ସୁଭଦ୍ରା, ଜଗନ୍ନାଥଙ୍କ ସହ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଖି ଅଭିଭୂତ ହେଲି ମୁଁ । ମନ୍ଦିର ବାହାରକୁ ଆସି ଅଧିକାରୀ ଜଣଙ୍କୁ ଡାକିଲି । କହିଲି- ଆପଣ ପରା ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିନଥିଲେ ବୋଲି କହୁଥିଲେ! ଭିତରକୁ ଆସନ୍ତୁ । ଏଠି ଦେଖିବେ ମହାପ୍ରଭୁଙ୍କ ଦିବ୍ୟ ମୂର୍ତ୍ତିଙ୍କୁ । ସେ ମୋ ସହ ଚାଲିଲେ। ସମ୍ଭବତଃ ସେଇ ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଉପସ୍ଥିତି ଓ ପୂଜାର୍ଚ୍ଚନା ସମ୍ପର୍କରେ ଅଜଣା ଥିଲା ତାଙ୍କୁ । ତେଣୁ ମୋ' ସହ ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଖୁସି ପ୍ରକଟ କରିଥିଲେ ସେ । ଦର୍ଶନ ସାରି ମନ୍ଦିରରୁ ବାହାରିଲୁ ଆମେ । ପାହାଡ଼ିଆ ରାସ୍ତାରେ ଚାଲିବାକୁ ପଡୁଥିବାରୁ ଧଇଁସଇଁ ଲାଗୁଥିଲା । ବ୍ୟସ୍ତ ହୋଇପଡୁଥିଲେ ସେ । ମୁଁ କିନ୍ତୁ ତାଙ୍କୁ ଆଦୌ ବ୍ୟସ୍ତ ନହେବାକୁ ପରାମର୍ଶ ଦେଇ ଭଗବାନଙ୍କ କଥା ଭିତରେ ବାନ୍ଧି ରଖି ପଥକଷ୍ଟ ଦୂର କରିବାକୁ ଚେଷ୍ଟା କରୁଥିଲି । ତାଙ୍କ ଉଦ୍ଦେଶ୍ୟରେ କହିଲି- ଆପଣ ପରା ପୁରୀ ଯାଇ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିପାରିନଥିଲେ ବୋଲି ଦୁଃଖ କରୁଥିଲେ । ଦେଖିଲେ ତ ! ଆପଣଙ୍କ ପାଖରେ ବି ସେ ଅଛନ୍ତି । ତାଙ୍କ କଥା ଆପଣ ଭାବିଲା ମାତ୍ରେ ସେ କେମିତି ଆପଣଙ୍କୁ ଦର୍ଶନ ଦେଇ ଧନ୍ୟ କଲେ। ଆପଣ ଏଠିକାର ବାସିନ୍ଦା। ମନ୍ଦିରରେ ରାଧାକୃଷ୍ଣ, ବଜରଙ୍ଗବାଲୀଙ୍କ ପୂଜା ହେଉଥିବା କଥା ଆପଣଙ୍କୁ ଜଣା କିନ୍ତୁ ସେଇ ପରିସରରେ ଜଗନ୍ନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ହେଉଛି ତାହା ଜଣାନଥିଲା ଆପଣଙ୍କୁ । ଆଜି ଯେତେବେଳେ ତାଙ୍କୁ ଦର୍ଶନ କରିପାରିନଥିବାର ଦୁଃଖ ବଖାଣିଲେ ସେଇ ମହାପ୍ରଭୁ ହିଁ ଆପଣଙ୍କୁ ଏଠି ଦର୍ଶନ ଦେବାର ବାଟ କଢ଼ାଇ ନେଲେ । ସେ ଜଗତରନାଥ । ତାଙ୍କ ଅବସ୍ଥିତି ସବୁଠି । ଯିଏ ଯେଉଁଠି ତାଙ୍କୁ ମନେପକାଏ ସେ ଭକ୍ତର ମନ ଅନୁସାରେ ଫଳ ଦେଇଥାନ୍ତି ।

ଡିସିଙ୍କ ଅଫିସ୍ ପାଖକୁ ଆସିଲା ପରେ ଗାଡ଼ିରେ ବସିଲୁ ଆମେ । ଠିକ୍ ସମୟରେ ବି ପହଞ୍ଚିଲୁ ଆମେ ସମ୍ମିଳନୀ ସ୍ଥଳରେ । ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର, ନାବାର୍ଡର ପ୍ରମୁଖ ପଦାଧିକାରୀ, ରାଜ୍ୟ ସରକାରଙ୍କର ଶୀର୍ଷାଧିକାରୀ ପହଞ୍ଚିଥାନ୍ତି ସେଠି । ସବୁ କାମ ଏକାଥରେ ହେଲା । ଏପଟେ ସେଇ ଅଧିକାରୀଙ୍କ ଦର୍ଶନର ଭୋକ ମେଣ୍ଟିଲା । ସେପଟେ ସମ୍ମିଳନୀରେ ସକ୍ରିୟ ଭାବେ ସାମିଲ ହେବାରେ ଟିକେ ବି ତ୍ରୁଟିବିଚ୍ୟୁତି ହେଲା ନାହିଁ ।

ମହାପ୍ରଭୁଙ୍କ ପ୍ରସଙ୍ଗକୁ ଶୁଣୁଥିବା ଗାଡ଼ି ଡ୍ରାଇଭର ଅତୁଲ୍ୟ କହିଲା- ଆମେ ଘରେ କହ୍ନେୟାଙ୍କୁ ପୂଜା କରୁ । ସିଏ ଅଛନ୍ତି ମାନେ ସବୁ ସମ୍ଭାଳି ନେବେ ଏହି ଆସ୍ଥା ବିଶ୍ୱାସ ସବୁବେଳେ ରହିଆସିଛି ଆମର ।

ମୁଁ କହିଲି- ଆସ୍ଥା- ବିଶ୍ୱାସ ଠିକ୍ ଯେ କିନ୍ତୁ ଠିକ୍ ରାସ୍ତାରେ ନଚାଲିଲେ...

ସେ କିନ୍ତୁ ଓଲଟା କହିଲା- କହ୍ନେୟାଙ୍କ ଉପରେ ଆସ୍ଥା, ଭରସା, ବିଶ୍ୱାସ ଅତୁଟ ଥିଲେ ସେ କେବେବି ତାଙ୍କ ଆଶ୍ରିତଙ୍କୁ ଭୁଲ୍ ରାସ୍ତାରେ ଯିବାକୁ ଦିଅନ୍ତିନାହିଁ । ଆମେ ମେହେନତ କରୁଛୁ କହ୍ନେୟା ସବୁବେଳେ ଠିକ୍ ରାସ୍ତାରେ ହିଁ ନେଉଛନ୍ତି ଆମକୁ । ଇଏ ଆଜ୍ଞା ସବୁ ଆସ୍ଥା, ଭରସା ଓ ସମର୍ପଣର କଥା ।

ହିମାଚଳ ପ୍ରଦେଶ ରାଜ୍ୟ ସମବାୟ ବ୍ୟାଙ୍କର ସେଇ ଅଧିକାରୀ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ ପାଇନଥିବା ନେଇ ଯେଉଁ ଅଭିମାନ କରୁଥିଲେ ସେଦିନ ଶିମ୍‌ଲାର ସେଇ ମନ୍ଦିରରେ ମହାପ୍ରଭୁଙ୍କର ଦିବ୍ୟ ଉପସ୍ଥିତି ଦେଖି ଧନ୍ୟ ହୋଇଥିଲେ ।

ଜଗନ୍ନାଥଙ୍କ ରୂପରେ ହୁଅନ୍ତୁ, ରାମଙ୍କ ରୂପରେ ହୁଅନ୍ତୁ କି କହ୍ନେୟା ରୂପରେ ହୁଅନ୍ତୁ ଭକ୍ତ ତାଙ୍କୁ ଯେତେବେଳେ ଯେମିତି ମନେପକାଏ ଓ ତାଙ୍କ ପ୍ରତି ଆସ୍ଥା, ବିଶ୍ୱାସ ଯେତେ ଦୃଢ଼ କରେ ସିଏ ତା' ନିକଟକୁ ସେତେ ପାଖେଇ ଆସନ୍ତି । ଆଉ କାହା ପାଇଁ କେମିତି ତାହା ତ ଭିନ୍ନ କଥା ହେଲେ ତାଙ୍କ ପାଇଁ ସେଦିନ ସେଇ ଦର୍ଶନର ଅନୁଭୂତି ଥିଲା ନିଆରା ।

# ଅକ୍ଟୋବର ମାସ - ଲଘୁଚାପ ଓ ବାତ୍ୟା

**■ହିମାଂଶୁ ଶେଖର ଆଚାର୍ଯ୍ୟ■**

ଅକ୍ଟୋବର ମାସ ସରିନି କି ବାତ୍ୟାଭୟ ଯାଇନି । ଓଡ଼ିଶା ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ୨୪ରୁ ୨୬ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ । ଲଘୁଚାପ ଯୋଗୁ ୨୪ଘଣ୍ଟାରେ ଅବପାତ ରୂପନେବ ଏହାର ପ୍ରଭାବରେ ୩୦ରୁ ୪୦ କିଲୋମିଟିର ବେଗରେ ପବନ ହେବା ଆଶଙ୍କା କରାଯାଉଛି । ଯଦିଓ ସମ୍ଭାବ୍ୟ ବାତ୍ୟାର ଆକଳନ କରାଯାଇନାହିଁ ତଥାପି ବାହାର ସଂସ୍ଥାର ସୂଚନା ଅନୁଯାୟୀ ବାତ୍ୟାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ସେ ଯାହା ହେଉନା କାହିଁକି ଲୋକମାନେ ଆତଙ୍କିତ । କାରଣ ଅକ୍ଟୋବର ହେଉଛି ବାତ୍ୟାର ମାସ । ଅକ୍ଟୋବର ମାସ ଆସିଲେ ଓଡ଼ିଶା ମୁହାଁ ହୁଏ ବାତ୍ୟା ଜଳରୁ ସ୍ଥଳକୁ ଆସି ତାଣ୍ଡବ ରଚେ । ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ବାତ୍ୟା ଓଡ଼ିଶାକୁ ଧାଇଁ ଆସିବାର ନଜିର ରହିଛି । ଓଡ଼ିଶାକୁ ବଡବଡ ବାତ୍ୟା ହିଁ ଅକ୍ଟୋବର ମାସରେ ଆସିଛି । ଏବେ ଅକ୍ଟୋବର ମାସ ଆରମ୍ଭ ହୋଇଗଲାଣି । ସେ ୧୯୯୯ ମସିହାର ମହାବାତ୍ୟା ହେଉ କି ୨୦୧୩ର ଫାଇଲିନ, ୨୦୧୪ର ହୁଡୁହୁଡୁ, ୨୦୧୮ର ତିତିଲି, ୨୦୨୪ର ଦାନା ଓଡିଶାକୁ ଛୁଇଁ ତାଣ୍ଡବ ରଚିଛି । ୧୯୯୯ରୁ ୨୦୨୪ଯାଏ ୫ଟି ବଡ ବାତ୍ୟା ପ୍ରଳୟ ରଚିଥିବା ବେଳେ ଅନେକ ଛୋଟ ବାତ୍ୟା ମଧ୍ୟ ପ୍ରଭାବ ପକାଇଛି । ତେବେ ୧୯୯୯ର ମହାବାତ୍ୟାକୁ ଓଡିଶାବାସୀ କେବେବି ଭୁଲିପାରିବେ ନାହିଁ ଏହି ପ୍ରଳୟଙ୍କାରୀ ମହାବାତ୍ୟା ଅକ୍ଟୋବରରେ ଓଡିଶାକୁ ଆସିଥିଲା ଓ ତାଣ୍ଡବ ରଚିଥିଲା ।

ସୂଚନାଯୋଗ୍ୟ ଯେ, ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ । ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା । ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା। ବାତ୍ୟା ସ୍ଥଳଭାଗରେ ମାଡ ସମୟରେ ଘଣ୍ଟା ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା । ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ଛାରଖାର ହୋଇଯାଇଥିଲା । ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡି ଆସିଥିଲା । ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା । ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବେବେଚନା କରାଯାଉଛି । ଏହି ବାତ୍ୟାକୁ ଏବେ ୨୪ ବର୍ଷରେ ପହଞ୍ଚିଛି। ସେହିପରି ୧୯୯୯ ମହାବାତ୍ୟାକୁ ଛାଡ଼ି ଦେଲେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ୍ ଓ ୨୦୧୪ ଆକ୍ଟୋବର ୧୨ରେ ହୁଡୁହୁଡୁ ଓଡ଼ିଶାରେ ହା'ହା'କାର ସୃଷ୍ଟି କରିଥିଲା। ଏହିସବୁକୁ ରାଜ୍ୟବାସୀ ସାମ୍ନା କରିଛନ୍ତି ଓ ଏହି ଦିନ ଗୁଡ଼ିକ ଅଭୁଲା ସ୍ମୃତି ହୋଇ ରହିଛି।

ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା। ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟା ସାମ୍ନା କରିଛି ଓଡିଶା । ଏ ପ୍ରସଙ୍ଗରେ ଜଣାପଡିଛି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଯାଇଛି । ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ । ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି । ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି ।

ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି । ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତ । ଏହି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି । ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି । ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି। ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି । ୪ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି । ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି । ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି। ଚଳିତ ବର୍ଷ ଲଘୁଚାପ ବର୍ଷା ଓଡିଶା ପାଇଁ ବାତ୍ୟା ଓ ବନ୍ୟାଡର ସୃଷ୍ଟି କରିଛି । ସେପ୍ଟେମ୍ବର ଗୋଟିଏ ଲଘୁଚାପ ଓ ଲଗାଣ ବର୍ଷା ନଯାଉଣୁ ପୁଣି ୨୫ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ପରେ ବାତ୍ୟା ଗୁଲାବ ବିପଦ ଟଳିଯାଇଥିଲା ।ଚଳିତ ବର୍ଷ ବଙ୍ଗୋପ ସାଗରରୁ ବାରମ୍ବାର ଲଘୁଚାପ ସୃଷ୍ଟି ହେବାରେ ଲାଗିଛି।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା ।

ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି । ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଏହି ସମୟରେ ଉତ୍ତର ପଶ୍ଚିମ ମହାସାଗରରୁ ସୃଷ୍ଟି ବାତ୍ୟା ଆରବ ସାଗର ଅପେକ୍ଷା ବଙ୍ଗୋପସାଗରରେ ଅଧିକ ଶକ୍ତିଶାଳୀ ହୋଇ ତୁଳନାତ୍ମକ ଭାବେ ଅଧିକ ଶକ୍ତିଶାଳୀ ହୋଇ ବଡ ବାତ୍ୟା ସୃଷ୍ଟି କରିଥାଏ । ତେଣୁ ଏବେ ବି ଅକ୍ଟୋବର ଆସିଲେ ବାତ୍ୟାର ଭୟ ଆସେ ।


*ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର*
*ମୋ-୯୩୩୭୨୨୧୯୨୪*


# ଭାରତ ପାଇଁ ପୁତିନଙ୍କ ବଡଚାଲ - (୨)

**■ ସୌମେନ୍ଦ୍ର ଜେନା ■**

ଏବେ ପୁତିନ ଆଉ ଏକ ଚାଲ ଖେଳି ଭାରତକୁ ଉତ୍ତରମେରୁ ଗୋଷ୍ଠୀରେ ସାମିଲ କରିବାକୁ ନିମନ୍ତ୍ରଣ ଦେଇଛନ୍ତି । ସାଧାରଣତଃ ଉତ୍ତରମେରୁ ନିକଟବର୍ତ୍ତୀ ଅଞ୍ଚଳର ରାଷ୍ଟ୍ରଗୁଡିକ ସହ ଚୀନ ଏହି ଗୋଷ୍ଠୀରେ ସକ୍ରିୟ ଥିବା ସମୟରେ ପୁତିନ ପାଞ୍ଚହଜାର କିଲୋମିଟର ଦୂରରେ ରହିଥିବା ଭାରତକୁ ଏହି ଗୋଷ୍ଠୀରେ ସାମିଲ କରିବାକୁ ଚାହିଁଛନ୍ତି । ତା'ର କାରଣ ହେଲା ମେରୁ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଚୁର ପ୍ରାକୃତିକ ସଂପଦ ଯଥା ତୈଳ, ଗ୍ୟାସ, ମହାସାଗରୀୟ ଖଣିଜ ସଂପଦ ରହିଛି । ସେ ସବୁର ଉପଯୋଗ ଲାଗି ରୁଷିଆକୁ ଅର୍ଥବଳ ଏବଂ ଜନବଳ ଦରକାର ହେଉଛି । ମେରୁ ଅଞ୍ଚଳ ଦିନକୁଦିନ ଜନଶୂନ୍ୟ ହେଉଥିବାରୁ ରୁଷିଆର ଚିନ୍ତା ବଢିଛି । ଆଗାମୀ ଦିନରେ ପୂର୍ବ ରୁଷିଆରେ ଚୀନ ସମସ୍ୟା ସୃଷ୍ଟି କରିପାରେ ବୋଲି ରୁଷିଆର ଆଶଙ୍କା ରହିଛି । କାରଣ ଭ୍ଲାଡିଭୋଷ୍ଟକ ଉପରେ ଚୀନ ନିଜର ଦାବି ଉପସ୍ଥାପନ କରିସାରିଛି । ଚୀନର ବଢୁଥିବା ପ୍ରଭୁତ୍ୱକୁ କେବଳ ଭାରତ ଏକମାତ୍ର ରାଷ୍ଟ୍ରଭାବେ ସାମ୍ନା କରିବାକୁ ସକ୍ଷମ ହୋଇଛି । ତେଣୁ ଚୀନ ବିରୁଦ୍ଧରେ ଲଢିବାକୁ ଏକ ସହଯୋଗୀ ରାଷ୍ଟ୍ରକୁ ନିଜ ସହ ମେରୁଗୋଷ୍ଠୀରେ ରଖିବାକୁ ପୁତିନ ଚାହୁଁଛନ୍ତି । ମେରୁ ଅଞ୍ଚଳରେ ଉତ୍‌ଖନନ, ଗବେଷଣା ପାଇଁ ପୁତିନ ଭାରତରେ ବରଫକୁ ଭାଙ୍ଗିପାରୁଥିବା ପୋତ ନିର୍ମାଣ କରିବାକୁ ମତ ଦେଇଛନ୍ତି । ଭାରତ ଏହି ପୋତ ନିର୍ମାଣ କଲେ ମେରୁ ଅଞ୍ଚଳରେ ନିଜର ଦକ୍ଷତା ବୃଦ୍ଧି କରିପାରିବ ଚଏହାଛଡା ଭାରତରୁ ଦଶଲକ୍ଷ ଶ୍ରମିକଙ୍କୁ ମେରୁ ଅଞ୍ଚଳରେ ଖନନ ଏବଂ ନିର୍ମାଣ କାର୍ଯ୍ୟରେ ସାମିଲ କରିବାକୁ ପୁତିନଙ୍କ ଆଗ୍ରହ ରହିଛି । ଭାରତର ଜନଶକ୍ତି ରହିଥିବା ସମୟରେ ଆଗାମୀ ଦିନପାଇଁ ଇନ୍ଧନର ଆବଶ୍ୟକତା ରହିଛି । ତେଣୁ ଆଣବିକ ରିଆକ୍ଟର ସ୍ଥାପନାରେ ରୁଷିଆ ଭାରତକୁ ସହଯୋଗୀ କରି ତୈଳ ଓ ଗ୍ୟାସ ଉତ୍‌ଖନନ ଓ ବିକ୍ରୟକୁ ନିଶ୍ଚିତ କରିବାକୁ ଚାହୁଁଛି । ଏ କ୍ଷେତ୍ରରେ ଭାରତ ରୁଷିଆର ମେରୁ ଅଞ୍ଚଳରେ ପୂର୍ବରୁ ନିବେଶ କରିଥିବାରୁ ଆଗାମୀ ଦିନରେ ଅଧିକ ସକ୍ରିୟ ହେବା ପୁତିନଙ୍କ ଇଚ୍ଛା ରହିଛି । ଭାରତ ପାଇଁ ରୁଷିଆର ବଜାର ଖୋଲିବାକୁ ସେ କହିସାରିଛନ୍ତି । ଆମେରିକା, ନାଟୋ, ୟୁରୋପ ଓ ଚୀନ ବିରୁଦ୍ଧରେ ଭାରତକୁ ଶକ୍ତିଶାଳୀ ଏବଂ ବିଶ୍ୱାସଯୋଗ୍ୟ ସହଯୋଗୀ କରିବାକୁ ପୁତିନ ଆଗ୍ରହୀ ରହିଛନ୍ତି । କଠୋରରୁ କଠୋରତମ ପରିସ୍ଥିତିରେ ଅତୀତରେ ରୁଷିଆ ଯେପରି ଭାରତକୁ ସାହାଯ୍ୟ କରିଥିଲା ଏବେ ଭାରତ ମଧ୍ୟ ସେମିତି ରୁଷିଆକୁ ସାହାଯ୍ୟ କରୁଛି, ଯାହା ପୁତିନଙ୍କୁ ପ୍ରଭାବିତ କରିଛି । କାରଣ ପାଖପଡୋଶୀ ରାଷ୍ଟ୍ରଗୁଡିକ ରୁଷିଆର ବିରୋଧରେ ଯାଉଥିବା,ଏପରି କି ସୋଭିଏତ୍ ସଂଘ ଅନ୍ତର୍ଗତ ରାଷ୍ଟ୍ରଗୁଡିକ ପୁତିନଙ୍କୁ ବିରୋଧ କରିବା ସମୟରେ ଭାରତ ରୁଷିଆର ସମର୍ଥନରେ ହିମାଳୟ ପରି ଛିଡାହୋଇଛି ।

ରୁଷିଆ ବିଧିବଦ୍ଧ ଭାବେ ସୁଖୋଇ-୫୭ ଯୁଦ୍ଧବିମାନକୁ କିନ୍‌ଝଲ୍ ହାଇପରସୋନିକ କ୍ଷେପଣାସ୍ତ୍ର ସହ ଭାରତକୁ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଛି । ସୁଖୋଇ-୫୭ ଫେଲକନ ଭାବେ ପରିଚିତ ଏହି ଯୁଦ୍ଧ ବିମାନରେ କେଏଚ୍୪୨ ଏମ୍୨ କ୍ଷେପଣାସ୍ତ୍ର ଖଞ୍ଜାଯାଇଛି, ଯାହା ଦୁଇହଜାର କିମି ଦୂରକୁ ମାଡ କରିପାରିବ। ଭାରତୀୟ ବାୟୁସେନା ୬୩ଟି ବିମାନ ଜରୁରିକାଳିନ ଭିତ୍ତିରେ କିଣିବାକୁ ଚାହୁଁଛି। କାରଣ ବାୟୁସେନା ପାଇଁ ୪୨ଟି ସ୍କ୍ୱାଡ୍ରନ ବିମାନ ରଖିବାକୁ ବ୍ୟବସ୍ଥା ଥିଲେ ହେଁ ଏବେ ମାତ୍ର ୩୦ଟି ସ୍କ୍ୱାଡ୍ରନ ରହିଛି । ଭାରତର ନିଜସ୍ୱ ଏମ୍‌କା ଯୁଦ୍ଧ ବିମାନ ୨୦୩୫ ସୁଦ୍ଧା ତିଆରି ହେବାଲାଗି ଲକ୍ଷ୍ୟ ରହିଛି । ତେଣୁ ୨୦୨୮ ସୁଦ୍ଧା ୩୬ରୁ ୪୦ଟି ସୁଖୋଇ-୫୭ ଯୁଦ୍ଧବିମାନ ସିଧାସଳଖ ରୁଷିଆରୁ ଭାରତକୁ ଅଣାଯାଇପାରିବ । ୨୦୧୮ରେ ୩୦୦ ମିଲିଅନ ଡଲାର ଖର୍ଚ୍ଚ କଲାପରେ (ସୁଖୋଇ -୫୭ ପ୍ରକଳ୍ପରେ) ଭାରତ ସେଥିରୁ ବିଳମ୍ବ ଯୋଗୁ ବାହାରି ଆସିଥିଲା । ସେତେବେଳେ ଇଞ୍ଜିନ ଟେକ୍ନୋଲୋଜୀ ହସ୍ତାନ୍ତରଣ ଏବଂ ଗୁଣବତ୍ତାକୁ ନେଇ ସମସ୍ୟା ଉପୁଜିଥିଲା । ହେଲେ ଏବେ ରୁଷିଆ ପାଇଁ ବିମାନ ବିକ୍ରି କରିବା ଯେପରି ଜରୁରୀ, ଭାରତରେ କ୍ରୟ କରିବା ମଧ୍ୟ ସେମିତି ଜରୁରୀ ହୋଇପଡିଛି । ଏହି ବିମାନର ଇଞ୍ଜିନ ଓଡିଶାର କୋରାପୁଟସ୍ଥିତ ସୁନାବେଡାରେ ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି । ସୁଖୋଇ -୩୦ର ଇଞ୍ଜିନ ସୁନାବେଡାରେ ନିର୍ମିତ ହେଉଛି । ନାସିକଠାରେ ସୁଖୋଇ-୫୭ର ପୂର୍ଣ୍ଣ ନିର୍ମାଣ ବ୍ୟବସ୍ଥା ହୋଇପାରିବ । ପ୍ରତି ଯୁଦ୍ଧବିମାନର ମୂଲ୍ୟ ୮୦ରୁ ୧୦୦ ମିଲିଅନ ଡଲାର ରହିଛି । ଅନ୍ୟାନ୍ୟ ଆଧୁନିକୀକରଣର ଖର୍ଚ୍ଚ ଯାହା ଆବଶ୍ୟକ ଅନୁଯାୟୀ ବଢିପାରେ । ୨୦୩୦ରୁ ସୁଖୋଇ-୩୦ର ଆଧୁନିକୀକରଣ କରାଯିବ । ପ୍ରଥମେ ୮୪ଟି ବିମାନ ଏବଂ ପରେ ଅନ୍ୟଗୁଡିକର ହେବ । ଆଗାମୀ୧୫ବର୍ଷ ମଧ୍ୟରେ ୨୦୦ରୁ ୨୦୪ଟି ସୁଖୋଇ-୩୦ ବିମାନର ଆଧୁନିକୀକରଣ କରାଯିବ, ଯାହା ୨୦୫୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ । ଏହି କାର୍ଯ୍ୟ ମଧ୍ୟ ରୁଷିଆର ସହଯୋଗରେ ସଂପନ୍ନ ହେବ । ଏ ସଂକ୍ରାନ୍ତରେ ଆଲୋଚନା ଜାରିରହିଛି ।

ଡିସେମ୍ବର ମାସ ଗସ୍ତ ପୂର୍ବରୁ ପୁତିନ ଭାରତକୁ ଅନେକ ବିଷୟରେ ସ୍ୱଷ୍ଟ କରିବାକୁ ଚାହୁଁଛନ୍ତି। ରୁଷିଆ ସହ ଭାରତର ଜନମାନସ ରହିଥିବାରୁ ଭାରତ ସରକାର ତତ୍କାଳ ଦେଶର ବିଦେଶନୀତି ବଦଳାଇପାରିବେ ନାହିଁ ବୋଲି ପୁତିନଙ୍କୁ ଜଣାଅଛି । କିନ୍ତୁ ଫ୍ରାନ୍ସ ପୁତିନଙ୍କୁ ପ୍ରତିରକ୍ଷା ଯୋଗାଣ କ୍ଷେତ୍ରରେ ଭାରତରେ ଦୁର୍ବଳ କରିବାକୁ ଚେଷ୍ଟାକରିବ ବୋଲି ସ୍ୱଷ୍ଟ ଜଣାଅଛି । ତେଣୁ ଆଗାମୀ ଦିନରେ ଚେନ୍ନାଇ-ଭ୍ଲାଡିଭୋଷ୍ଟକ, ଚାବହର ମଧ ଦେଇ ଉତ୍ତର-ଦକ୍ଷିଣ ଯୋଗାଣ ମାର୍ଗ ମାଧ୍ୟମରେ ଭାରତ ସହ ରପ୍ତାନୀକୁ ଜାରି ରଖିବାକୁ ପୁତିନ ଯୋଜନା କରୁଛନ୍ତି । ସେଥିପାଇଁ ଆଞ୍ଚଳିକ ସୁରକ୍ଷା ଦୃଷ୍ଟିରୁ ଆଫଗାନ ସରକାରଙ୍କୁ ମଧ୍ୟ ମାନ୍ୟତା ପ୍ରଦାନକରି ଆଲୋଚନା ଆରମ୍ଭ କରିଛନ୍ତି । ଆମେରିକା ଆଫଗାନିସ୍ଥାନର ବାଗ୍ରାମ ବିମାନଘାଟୀକୁ ହାତକୁ ନେଇ ଦକ୍ଷିଣ ଏସିଆକୁ ନିୟନ୍ତ୍ରଣ କରିବାକୁ ଯୋଜନା ରଖିଥିଲାବେଳେ ଆଫଗାନ ସରକାର ତାର ବିରୋଧ କରୁଛନ୍ତି । ଭାରତକୁ ଭୟ ଦେଖାଇବା ପାଇଁ ପାକ୍- ସାଉଦି ମଧ୍ୟରେ ସୁରକ୍ଷାଗତ ବୁଝାମଣା ଟ୍ରମ୍ପଙ୍କ ଯୋଜନାରେ ହୋଇଛି । ତାଲିବାନ ବିଦେଶମନ୍ତ୍ରୀ ଓ୍ୱାକିଲ ଅହମ୍ମଦ ମୁତାକିଲଙ୍କ ଚଳିତ ଅକ୍ଟୋବର ମାସରେ ୯ରୁ ୧୬ ପର୍ଯ୍ୟନ୍ତ ଭାରତ ଗସ୍ତ କାଳରେ ଭାରତ ପକ୍ଷରୁ ସମାନ ଧରଣର ସୁରକ୍ଷା ଚୁକ୍ତି ପାଇଁ ଆଲୋଚନା ହୋଇପାରେ । ଏହା ହେଲେ ପାକକୁ ଦୁଇପଟରୁ ଘେରିବାକୁ ଭାରତ ପାଇଁ ସହଜ ହେବ । କାରଣ ପାକ୍ ସରକାର ଏବେ ସନ୍ତ୍ରାସବାଦୀ ଶିବିରଗୁଡିକୁ ଅଧିକୃତ କାଶ୍ମୀରଠାରୁ ହଟାଇ ଆଫଗାନସୀମାକୁ ନେଉଛନ୍ତି । ଭାରତ ପକ୍ଷରୁ ଆଫଗାନସୀମାରେ ନିର୍ମାଣ ହେଉଥିବା ସନ୍ତ୍ରାସବାଦୀ ଶିବିରକୁ ନଷ୍ଟ କରିବାକୁ ଚେତାବନୀ ଦିଆଯାଇଛି । ହେଲେ ଆଫଗାନିସ୍ଥାନରେ ଭାରତର ସେନାଙ୍କ ଉପସ୍ଥିତି କିମ୍ବା ଆଫଗାନ ସରକାରଙ୍କ ସହଯୋଗ ବିନା ଏସବୁ କରାଯିବା ସମ୍ଭବ ହେବ ନାହିଁ। ତେଣୁ ଏହି ବିଷୟରେ ପୁତିନ ମଧ୍ୟ ଆଫଗାନ ବିଦେଶମନ୍ତ୍ରୀଙ୍କୁ ଭାରତଗସ୍ତ କରିବା ପୂର୍ବରୁ ମସ୍କୋକୁ ଡାକିଛନ୍ତି । ମୁତାକିଲ ରାଜି ହେଲେ ପାକ୍-ସାଉଦିଭାରବ ପରି ଭାରତ ଆଫଗାନ ପ୍ରତିରକ୍ଷା ବୁଝାମଣା ସମ୍ଭବ ହେବ । ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ଅନ୍ୟଦେଶ ଉପରେ ଆକ୍ରମଣ ବୋଲି ଧରାଯିବ । ଯାହା ଫଳରେ ଆଫଗାନିସ୍ଥାନ ଉପରେ ଆକ୍ରମଣ ହେଲେ ଭାରତ ପାକ୍ ଉପରେ ଆକ୍ରମଣ କରିପାରିବ, ଆଫଗାନିସ୍ଥାନରେ ସୁରକ୍ଷା ଦେଇପାରିବ । ଉତ୍ତରମେରୁ ଅଞ୍ଚଳରେ ଏବେ ରୁଷିଆ ନିଜଶକ୍ତିକୁ ସୁଦୃଢ କରିବାକୁ ଚାହୁଁଛି । ଭାରତ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଇ ଆସୁଛି । ଏହି ଦୁଇ ଶକ୍ତିର ସହଯୋଗରେ ଏସିଆ, ଆଫ୍ରିକା, ଦକ୍ଷିଣ ଆମେରିକାରେ ନିଜର ଶକ୍ତି ବୃଦ୍ଧି କରିବାକୁ ପୁତିନ ଚାହୁଁଛନ୍ତି। ସେଥିପାଇଁ ସେ ଭାରତ ପାଇଁ ବଡ ଚାଲ ଖେଳିବାରେ ଲାଗିଛନ୍ତି ।


**ଭୁବନେଶ୍ୱର-୩**

# ସପ୍ତମ ଋତୁ ପଞ୍ଚମ ସ୍ୱର
## ସାହିତ୍ୟ ଆସର

## ଶୀତ, ତମେ ଭାରି ଇଏ

● **ବେବୀଲତା ଶତପଥୀ**

ଶୀତ
ତମେ କେବେ ଆସିବ କୁହ ତ,
ତମ ପାଇଁ ଢେର ଅପେକ୍ଷା,
ନ ଆସିବାକୁ ବାହାନା ଖୋଜୁଛ,
ଅନୁରୋଧ କଲେ,
ବାଧ କରନି କହୁଛ
ଅଭିମାନ କଲେ,
ମୋ ପାଇଁ ହୀରାର ଓଢଣୀ ଆଉ
ସ୍ମୃତି ଫରୁଆ ଧରି
ଡେରି ନ କରି ଆସି ଭେଟି ଦେବ ବୋଲି କଥା ଦେଉଛ
ଜାଣିଛି
ଅତିକ୍ରମ ମୋତେ କରି ପାରୁନ ବୋଲି
ବାରମ୍ବାର ଖାଲି ଝୁଣ୍ଟୁଛ ।

ତୁମ ସ୍ୱୀକାରୋକ୍ତି
ମଝିରେ ରହିଛି ସୁନା ଝରା ଧାନବିଲ
ଅଣ୍ଟା ନହକିଆ ସୋରିଷର କ୍ଷେତ
ହଳଦୀ ରଙ୍ଗର ଫୁଲ
ତୁମ ଅପେକ୍ଷା ରେ ବସିଛି ଆଜି ମୁଁ
ଅସ୍ତିତ୍ୱ ଗଳିଣି ଭୁଲି

ଭାବ ପ୍ରବଣତା ପ୍ରୀତି ଅନୁରାଗ
ଆବେଗ ଉଚ୍ଛ୍ୱାସ ଜାଣି ମୁଁ ନ ଥିଲି
ମିଛ ପ୍ରହେଳିକା ବୋଲି ।

ନାଲି, ଗୋଲାପି ର ସମ୍ପର୍କ ଭିତରେ
ଆକର୍ଷଣ ସିନା ଥାଏ
ସାୟାହ୍ନ ଜୀବନେ ମଧୁର ସପନେ
ମୁଲଚାଲ କିବା ହୁଏ ?
ଚା, ଖଟି ଠାରୁ ପ୍ରମୋଦ ଉଦ୍ୟାନ ଯାଏ
ସବୁଠି ତୁମ ଅପେକ୍ଷ୍ୟା ର ବାର୍ତ୍ତା କୁହେ
ତୁମରି ପ୍ରେମରେ ପଡିଗଲା ପରେ
କେତେ ପ୍ରଶ୍ନ ପୁଣି ମନକୁ ଛୁଏଁ
ମୋ ରାଣ ରହିଲା
ଜଲଦି ଆସିବ
ସତରେ
ଶୀତ, ତମେ ଭାରି ଇଏ ।

**ପଦ୍ମାଲୋକ, କେ-୪,**
**କଳିଙ୍ଗ ବିହାର, ଭୁବନେଶ୍ୱର**
**ମୋ. ୬୩୭୨୯୯୯୫୯୦**

## ଶୀତ ଆସିବ ଆସିବ ହେଉଛି



କଥା ଏତିକି

● **ସୁନୀଲ ବୋଷ**

**ଶୀ**ତ ଆସିବ ଆସିବ ହେଉଛି । ଶୀତର ଗୋଟେ ହାଲ୍‌କା ପରଶ ଅନୁଭବ କରିହେଲାଣି । ଶ୍ରୀମତୀଙ୍କୁ ଦ୍ୱିତୀୟ କପ୍ ଚା' ପାଇଁ ବରାଦ କରିବାକୁ ମନ ବଳିଲାଣି । ଶୀତ ନିବିଡ଼ ଭାବେ ଜଡେଇ ନେବାଠୁ ଏ ଶିହରଣ କେମିତି ଟିକେ ବେଶି ଭଲ ଲାଗେନି?

ପ୍ରେମିକା 'ଆଇ ଲଭ୍ ୟୁ' କହିବା ପୂର୍ବରୁ କହିବ କହିବ ହେଉଥିବାର ସୁରାକ୍ ମିଳିଲେ ମନ ଟିକେ ବେଶି କୁରୁଳି ଉଠେ ଯେମିତି । ତା'ପରେ କେତେ ଭାବନା ପୁଲକିତ କରିପକାଏ । କେତେ ମିଠା ମିଠା ସ୍ୱପ୍ନ ଆସେ ଆଖି ଖୋଲା ଥାଇ ବି ।

ଏବେ ଶୀତ ଠିକ୍ ସେମିତି । ଅଳ୍ପ ଅଳ୍ପ କରି ସେ ତା'ର ଆସିବାର ସଂକେତ ଦେଲାଣି । ବେଶି ରାତି ଯାଏ ବାଇକ୍ କିମ୍ବା ସ୍କୁଟର ବାହାରେ ରହିଗଲେ ସିଟ୍ ଉପରେ କାକରର ଗୋଟେ ଆସ୍ତରଣ ଜମିଯାଉଛି । ହାତରେ ପୋଛି ଆଣିଲେ ପାଣି ବୋହି ଯାଉଛି । ସିଟ୍ ଓଦା ହୋଇଛି ବୋଲି କ'ଣ ଶୀତକୁ ନିନ୍ଦିବାକୁ ମନ ଚାହୁଁଛି? ବରଂ ଶୀତ ଆସିବାର ଖୁସିରେ ମନ ପୂରିଯାଉଛି । ଗ୍ରୀଷ୍ମ ତ ଅନେକ କଲବଲ କରିଛି । ତେଣୁ ଶୀତ ଅପେକ୍ଷାରେ ସମସ୍ତେ ।

ହଁ, ଶୀତ ନିଶ୍ଚେ ଆସୁଛି, ନହେଲେ କ୍ୟାଲେଣ୍ଡରରେ କାର୍ତ୍ତିକ ମାସ କେମିତି ତା'ର ସ୍ଥିତି ଜମେଇ ନେଇଛି? ଜେଜେମା' ପୁରୀ ଯିବ ବୋଲି କହୁଥିଲା, କିନ୍ତୁ ବୟସ ବାଧକ ସାଜିଛି । ଘରେ କାର୍ତ୍ତିକ ପାଳୁଛି ।

ଜେଜେମା' ପୁରୀ ଯିବାକୁ ସଜବାଜ ହେଲେ ଜାଣିହୁଏ ଶୀତ ଆସିଗଲା । ଏଥର ସେ ଯାଇନି ବୋଲି ବୋଧେ ଶୀତ ଆସିବାକୁ ଡେରି କରୁଛି ।

ହଁ, ପାହାନ୍ତା ପହରକୁ ଫ୍ୟାନ୍ ବନ୍ଦ କରିବାକୁ ପଡୁଛି । ଗୋଟେ ପତଳା ଚାଦର ଶ୍ରୀମତୀ ସାଇତି ରଖିଲେଣି ଗୋଡ଼ ପାଖରେ, ଦରକାର ପଡ଼ିବ, ଏଇ ଆଶଙ୍କାରେ କିନ୍ତୁ ଏଯାଏ କାମରେ ଲାଗିନି । ଫ୍ୟାନ୍ ବନ୍ଦ କରିଦେଲେ ଯେତିକି ଶୀତ ହେଉଛି ସେତକ ବେଶ୍ ଭଲ ଲାଗୁଛି । ଦରକାର ହେଲେ ଶ୍ରୀମତୀ ତ ଅଛନ୍ତି । ଜଡେଇ ନେଲେ ଶୀତ କ'ଣ ବେଶି ହରକତ କରିପାରିବ?

ଶୀତ ଆସୁଛି... ରାଜପଥ ଦି'କଡ଼ର କାଶତଣ୍ଡୀରେ ଆଉ ସତେଜତା ନାହିଁ । ଚମକ ହରେଇଲାଣି କାଶତଣ୍ଡୀ । ଶୀତ ବୋଧେ କାଶତଣ୍ଡୀକୁ ପ୍ରଥମେ ଛୁଏଁ । କାଶତଣ୍ଡୀ ଜନ୍ମରୁ ବୟସ୍କ ହେଲେ ବି ସିଏ ଶିହରିତ କରିପାରେ ସବୁ ବୟସର ମଣିଷମାନଙ୍କୁ । ସେଇଥିପାଇଁ ବୋଧେ ଶୀତ ବି ଜଡେଇ ଧରେ ତାକୁ ।

ଶୀତ ଆସିବ ଆସିବ ହେଉଛି । ଶ୍ରୀମତୀ କହିଲେଣି– ସ୍ୱେଟର ଆଉ ଜ୍ୟାକେଟ୍ ଗୁଡ଼ାକ ଟିକେ ଡ୍ରାଏ କ୍ଲିନ୍ ପାଇଁ ଦେଇଦେଉନ ! ଆରବର୍ଷରୁ ସେମିତି ଝୁଲୁଛି ଆଲେଣାରେ । ଗମରା ଗନ୍ଧେଇଲାଣି ।

ହଁ, ଏକଥା ବି କହିଲେଣି– ଗୋଟେ ନୂଆ ସ୍ୱେଟର କିଣୁନ? ସେଇ ପୁରୁଣାଟାରେ କି ନିଖ ମରିଛି? ଆଜିକାଲି ହାତବୁଣା ସ୍ୱେଟର କିଏ ଆଉ ପିନ୍ଧୁଛନ୍ତି ଦେଖୁଛ?

ଶ୍ରୀମତୀ ବୋଧେ ଜାଣିନାହାନ୍ତି ସେ ସ୍ୱେଟର ପ୍ରତି ଏତେ ଦୁର୍ବଳତା କାହିଁକି? ତାକୁ ବୁଣିଥିଲା କିଏ? ମୁଁ କିନ୍ତୁ ତାକୁ ସବୁବେଳେ କହିଛି– ଏଇଟା ବୋଉ ବୁଣିଛି । ନହେଲେ ଶ୍ରୀମତୀ କେବେଠୁ ସେଇଟିକୁ ଦେଇସାରନ୍ତେଣି କାମବାଲୀର ସ୍ୱାମୀକୁ ।

ଶୀତ ଆସିବ ଆସିବ ହେଉଛି । ସେଇ ହାତବୁଣା ସ୍ୱେଟରଟି ପିନ୍ଧିବାର ସୁଯୋଗ ମିଳିବ ବୋଲି ତ ଶୀତ ବେଶି ଭଲଲାଗେ । ସେଇଟିକୁ କିଏ ବୁଣିଥିବ ସେ କଥା ଆପଣମାନେ ଠିକ୍ ଜାଣିସାରିଲେଣି । ଯିଏ କହିବ କହିବ ହେଇ କହିପାରି ନଥିଲା ତା' ମନର କଥା । ମୁଁ କିନ୍ତୁ ଜାଣିଥିଲି ସିଏ କହିବ କହିବ ହେଉଛି । ଠିକ୍ ଯେମିତି ଶୀତ ଆସିବ ଆସିବ ବୋଲି ଜାଣି ହେଉଛି ।

ଶୀତ ଆସିବ ଆସିବ ହେଉଛି । ଶ୍ରୀମତୀ ଏଥର କେଉଁ କୋଲ୍ଡକ୍ରିମ୍ କିଣିବେ ଠିକ୍ କରିନାହାନ୍ତି ବୋଧେ! ସିଏ ଯେଉଁଦିନ କୋଲ୍ଡକ୍ରିମ୍ କିଣିବା ପାଇଁ ବରାଦ କରିବେ ଆଉ ହାତକଟା ବ୍ଲାଉଜ ଛାଡ଼ି ଲମ୍ବା ହାତବାଲା ବ୍ଲାଉଜ୍ ପିନ୍ଧିବେ ସେଇଦିନ ଜାଣିହେବ ଶୀତ ଆସିଗଲା ।

## ପ୍ରେମିକାର ସାନ ଭଉଣୀ

● **ପ୍ରଶାନ୍ତ କୁମାର ନାୟକ**



ସ୍ୱପ୍ନ ସାଗରର ବିସ୍ତୀର୍ଣ୍ଣ କୂଳରେ
କେବେ ଯଦି ପ୍ରିୟା ହସୁଥିଲା,
ବାଟବଣା ହୋଇ ସପନ ତୂଳୀ ମୋ
ପ୍ରତିଛବି ତା'ର ଆଙ୍କୁଥିଲା ।

ହଜୁଥିଲା ଭିଜି ତନୁମନ ମୋର
ମୁକୁଳା ଆକାଶ ତଳେ ,
ଶ୍ରାବଣ ଗାଉଥିଲା ମେଘର ମହ୍ଲାର
ଆମର ମିଳନ ବେଳେ ।

ରୂପେଲି ପାଉଁଜି ତା' ଅଳତା ପାଦର
ଭିଡି ଧରୁଥିଲା ମୋତେ ,
ନାହିଁ ନାହିଁ କହି ତା' କାନ ଝୁମୁକା
ଲୋଟି ଯାଉଥିଲା ସତେ ।

ଶିଉଳି ସାଜିଲୁ ତୁ କାହା ଅଗଣାର
ମୁଁ ଯେ ମଉଳା ରଜନୀଗନ୍ଧା ,
ବୁଲୁଥିବୁ କାହା ଚଲାପଥେ ନିତି
ପୀରତିରେ ହୋଇ ବନ୍ଧା ।

ଜିଇଁ ଉଠିଲି ମୁଁ ବହୁଦିନ ପରେ
ଗୋଲାପି ଚିଠିଟେ ପାଇ ,
ଚିଠିଟି ଲେଖିଛି ତୋ ସାନଭଉଣୀ
ରାତି ଉଜାଗର ହୋଇ ।

ଭୁଲିଗଲୁ ତୁ ସ୍ୱାର୍ଥପର ହୋଇ
ଭୁଲିନି ତୋ ସାନ ଭଉଣୀ ,
ଭୁଲିଯାଏ ଯିଏ ପ୍ରେମିକା ବୋଲାଏ
ଭୁଲେନାହିଁ ଯିଏ...
ସେ ପ୍ରେମିକାର ସାନଭଉଣୀ ।

***ୟୁନିଟ୍-୫, ଭୁବନେଶ୍ୱର***
***ମୋ. ୮୨୪୯୬୫୦୪୧୪***

## ଲେଖିବି ଯେବେ ଶେଷ କବିତା

● **ନିରଞ୍ଜନ ସାହୁ**

ଯେଉଁଦିନ ଶେଷ କବିତା ଲେଖିବି
ସେଦିନ ଆସିବ ଯେବେ
ଶେଷ କବିତାରେ ତୁମ ଆମ କଥା
ଲେଖିବିନି ପଦେ କେବେ ।

କାହିଁକି କହୁନ ଲେଖିବି ସେକଥା
ଲେଖି ଅବା କେଉଁ ଲାଭ
ତୁମ ସାଥେ ଜନ୍ମଜନ୍ମାନ୍ତର ପାଇଁ
ବାନ୍ଧିବାର ନାହିଁ ଭାବ
ତୁମ ଆମ କଥା ଶେଷ କବିତାରେ
କାହିଁକି ଲେଖିବି ତେବେ?

କିଏ କାହା ସହ ଆସି ନଥିଲା କି
କା' ସହ ଯିବନି ଚାଲି
କିଏ ମଲା ପରେ କେଉଁ ଜନ୍ମ ନେବ
କେ' କହିବ ଆଜିକାଲି
ଈଶ୍ୱରଙ୍କ ଇଛା ପୂରଣ ହେଉ ହେ
ପ୍ରାର୍ଥନା ମୋହରି ଏବେ ।

ଜୀବନରୁ ସୁଖଶାନ୍ତି ହଜିଅଛି
ସ୍ୱପ୍ନ ଯାଇଅଛି ମରି
ମରଣ କେବଳ ବାକି ରହିଅଛି
ତା ଅପେକ୍ଷା ଅଛି କରି
ଜୀବନ ଦୀପରୁ ତେଲ ସରିଗଲେ
ମଶାଣିକୁ ମୋତେ ନେବେ ।

ଶେଷ କବିତାରେ ଏହାହିଁ ଲେଖିବି
ଯଦି ପୁନର୍ଜନ୍ମ ଥାଏ
କବିସତ୍ତା ନେଇ ଜନମ ଲଭିବି
ଯଦି ନର ଦେହ ପାଏ
ଆଶା ମୁଁ ବାନ୍ଧିବି ମୋ ପ୍ରାର୍ଥନା ଶୁଣି
ଈଶ୍ୱର ସଦୟ ହେବେ ।

***ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ***
***ମୋ. ୯୯୩୮୭୪୧୫୮୩***

## ସଂସ୍କାର

● **ନିର୍ବିକାର ପ୍ରଭାତ**



**ଭା**ଇ, ଆମ ବୋଉର ଶୁଦ୍ଧିଘର । ଏଗାର ଦିନ ଆମ ଦୁଆରେ ଟିକେ ପାଦ ପକେଇବ । ପାଞ୍ଚ ଗାଁର ଲୋକଙ୍କ ପାଇଁ ବ୍ୟବସ୍ଥା ହଉଛି । ସୋମବାର ସଂକ୍ରାନ୍ତି ରାତି ଆଠଟାରେ ପହଞ୍ଚିବ । ବ୍ରାହ୍ମଣ ଭୋଜନ ପରେ ପରେ ଗାଁ ଲୋକଙ୍କ ଖିଆପିଆ ହବ । ଭୁଲିବ ନାଇଁ ନେହୁଆଇ । ଛଅଶ' ଲୋକଙ୍କ ପାଇଁ ବାର ପ୍ରକାର ଆଇଟମ ହଉଛି । ଯେମିତି ହଉ ଆସିବ । ଗୁଣିଆ କହିଲା । ନେହୁଆ ହଁ କହି ସମ୍ମତି ଦେବାରୁ ସେ ଚାଲିଗଲା ।

ଗୁଣିଆ କଥାରେ ଆନ୍ତରିକତା ଠାରୁ ଅହଂକାର ବେଶି ଥିଲା ଭଳି ମନେ ହେଲା । ନେହୁଆ ମନେ ମନେ ଭାବିଲେ, ବାପ ତେଲ ବିହୁନେ ନଣ୍ଡା ପୁଅ ବୁଲେଇ ବେଣ୍ଟି ରଖୁଛି । ବାପାକୁ ଖାଇବାକୁ ଦେଇ ନପାରିବାରୁ ବାପା ଅଖିଆ ଅପିଆ ମଲା । ମାଆର ଚିକିତ୍ସା କରିବାକୁ ତିନି ପୁଅଙ୍କ ପାଖରେ ପଇସା ନଥିଲା । ବୁଢୀ କତରାଲଗା ହୋଇ ଗଲା । ଏବେ ଗୁଣିଆ କରିବ ବାର ପ୍ରକାର ଆଇଟମ୍ । ଆରେ ଅଲାଜୁକ ପଛରେ ବଥ ଉଠିଲେ କହେ ଛାଇ ହୋଇଛି । ସିଏ ସିନା କହିଦେଲା, କିଏ ଯାଉଛି ସେଠିକି ? ଅଧିକ ଆଇଟମ ହେଲେ ଲୋକଙ୍କ ଭିଡ ବଢିବ । ଠିକ୍ ବ୍ରାହ୍ମଣ ପଙ୍ଗତ ପରେ ଯେମିତି ଖାଇବାକୁ ଠେଲାପେଲା ଲାଗିବ ସେଠି ପାଲରେ ବସିବା କଷ୍ଟ । ଖାଇବ କିପରି?

ନେହୁଆ ଗାଁ କୋଠଘରେ ପହଞ୍ଚିଲା । ଚାରି ପାଞ୍ଚ ଜଣ କଥାବାର୍ତ୍ତା ହେଉଥିଲେ ।

ସନିଆ, ଗୁଣିଆ, ମାନିଆ ତିନି ଭାଇ ଚାଷବାସ କରି ଚଳନ୍ତି । ଗାଁର ସବୁ ପରିବାରର ଭଲମନ୍ଦରେ ସେମାନେ ହାଜର ହୁଅନ୍ତି । ବାପା ମଲାପରେ ଗାଁ ଲୋକଙ୍କୁ ଭଲରେ ମୁଠେ ଅବଢା ଦେଇ ନଥିବାରୁ ସମସ୍ତ ଗ୍ରାମବାସୀ ପରୋକ୍ଷରେ ତାଙ୍କୁ ତିରସ୍କାର କଲେ । ସେମାନଙ୍କ କାନରେ ପଡିଲା । ବୁଢୀଙ୍କର ଶୁଦ୍ଧି କ୍ରିୟାରେ ଭୁରି ଭୋଜନ ନଦେଲେ ଗାଁରେ ସେମାନେ ଋଣୀ ହୋଇଯିବେ । ମୁହଁ ଉପରେ କେତେ ଟିକା ଟିପଣୀ ଆସିବ । ସେଥିପାଇଁ ସେମାନେ ଘରବାଡି ଜମି ବିକି ଶୁଦ୍ଧ ହେବେ ।

ନେହୁଆଙ୍କୁ ଭଲ ଲାଗିଲା ନାହିଁ । ଘରଡିହ ବିକି ଏତେ ଆରେବା ମେଲାଇବା ବୁଦ୍ଧିମାନର କାମ ନୁହେଁ । ଅଳପ ସଳପରେ କାମ ନସାରି କାହା ପ୍ରରୋଚନାରେ ଏମିତି କରୁଛନ୍ତି ଜାଣିବା ପାଇଁ ସେ ସନିଆ ଘରେ ପହଞ୍ଚିଲେ ।

ମାନିଆ ପୁଅ ଜନ୍ମଦିନରେ କୋଡିଏ ହଜାର ଖର୍ଚ୍ଚ କରି ଭୋଜିଭାତ ଆୟୋଜନ କରିଥିଲେ । ବନ୍ଧୁବାନ୍ଧବ ଅତିଥି ଅଭ୍ୟାଗତ ଉପହାର ଆକାରରେ ଟଙ୍କା ଦେଇଥିଲେ । ସେଥିରୁ ପନ୍ଦର ହଜାର ଟଙ୍କାରେ ଦୋକାନ ବାକି ବୁକୁରା ସୁଝି ହୋଇଗଲା । ତେଣୁ ତିନିହେଁ ସେତେଟା ଅସୁବିଧାର ସମ୍ମୁଖୀନ ହୋଇ ନଥିଲେ । ବୋଉ ମରିଯିବାରୁ ଲୋକମାନେ ସମ୍ବେଦନଶୀଳ ହୋଇଛନ୍ତି । ମଲା ଗଲା ବେଳେ ଗାଁଲୋକଙ୍କ ଅନୁକମ୍ପା ସୃଷ୍ଟି ହୁଏ । ନିଶ୍ଚିତ ଅକୁଣ୍ଠ ସାହାଯ୍ୟ ଆସିବ । ସେହି ଆଶାରେ ସେମାନେ ବଡ ଭୋଜିର ଆୟୋଜନ କରିଛନ୍ତି । ବୁଢୀଙ୍କର ଦେହାନ୍ତ ପରେ ପୁଅ ଝିଅ ଏକାଠି ହେଲେ । ଦୁଇ ଭଉଣୀ ଜମିବାଡିରୁ ଭାଗ ନେବେନି କି ଶୁଦ୍ଧବାଡି ଖର୍ଚ୍ଚରେ ସାମିଲ ହେବେନି ବୋଲି ରୋକଠୋକ୍ ଜଣାଇ ଦେଲେ ।

ଭାଇମାନଙ୍କ ଭିତରେ ଜମି ଭାଗବଣ୍ଟା ଅସମ୍ଭବ ହେଲା । ଅମିନ ଆସି ମାପଚୁପ କରି ଶୂଳା ବାଡେଇବା ପରେ ମୌଖିକ ଭାବେ ଭାଗ ଛିଡିଗଲା । କିସମ ଅନୁସାରେ ଜମି ମୂଲ୍ୟକୁ ଭିତ୍ତି କରି କାହା ହାବୁଡରେ କେତେ ଭାଗ ପଡିବ, କିଏ କେଉଁ ଅଂଶ ନବ ତାହା ଫଇସଲା ହୋଇ ନପାରିବାରୁ ତିନିଭାଇ ଜମିବାଡି ଭାଗ କରିବା କଥା ମୁଣ୍ଡରୁ ପୋଛିଦେଲେ । ହେଲେ ବାର ଦୁଆରେ ପତ୍ର ପକାଇ ଭୋଜି ଖାଇ ତୃପ୍ତ ହୋଇ ଆସିଥିବା ଭାଇମାନେ ଗାଁ ଓ ଆଖପାଖ ଲୋକଙ୍କୁ ଖାଇବାକୁ ନଦେଲେ ସେମାନେ ଲଜ୍ଜିତ ହେବେ । ସେମାନଙ୍କର ଆଉ ଆତ୍ମ ସମ୍ମାନ ରହିବନି । ସେଥି ପାଇଁ ଚାଷଜମି ଓ ଘରଡିହ ବିକ୍ରି କରି ଭୋଜି କରିବାକୁ ସ୍ଥିର କଲେ । ଦଶ ଏଗାରରେ ଯେତେ ଟଙ୍କା ମିଳିବ, ସେଥିରୁ ଦୋକାନ ବାକି ପଇଠ କଲାପରେ ବଳକା ଟଙ୍କାକୁ ତିନିଭାଇ ବାଣ୍ଟି ନେବେ । ଜମି ରହିଲେ ତ ଭାଇ ଭଗାରି ଭିତରେ ଟଣା ଓଟରା ହେବ । ପରେ ମାଡ ଫୌଦାରି ନହେଲେ କୋର୍ଟ କଚେରିରେ ଟଙ୍କା, ସମୟ ଓ ଶ୍ରମ ବିନିଯୋଗ ହେବ । ଦେୱାନୀ ଅଦାଲତରୁ ନ୍ୟାୟ ଆସିଲା ବେଳକୁ ସମସ୍ତେ ଇହଧାମ ତ୍ୟାଗ କରି ସାରିଥିବେ । ଏତେ ମାମଲା ଭିତରେ ନପଶି ଜାଗା ବିକ୍ରି କରିବାକୁ ସେମାନେ ନିଷ୍ପତ୍ତି ନେଲେ । ବଳକା ଟଙ୍କାରେ ସହରରେ ବେପାର କରି ବଡଲୋକ ହେବେ । ଚାଷ ତରତର ବାଣିଜ୍ୟେ ମଠ । ବସି ଉଠି ବେପାର କଲେ ବର୍ଷେ କେଇଟାରେ ପୁନର୍ବାର ଜମି କିଣି ଆନନ୍ଦରେ ରହିବେ ।

ହରଷ ମାଣ୍ଡୁ ପଇସାବାଲା ଲୋକ । ସେ ଅଗ୍ରୀମ ଟଙ୍କା ଦେବେ । ଜାଗା ଦେବୋତ୍ତର ସମ୍ପତ୍ତି, ପଟ୍ଟା ମିଳିବ ନାହିଁ । କ୍ରିୟା କର୍ମ ପରେ ସମ୍ପତ୍ତି ଦଲିଲରେ ରେଜିଷ୍ଟ୍ରି କରାଯିବ ବୋଲି ମୌଖିକ ସିଦ୍ଧାନ୍ତରେ ସଭିଏଁ ଉପନିତ ହେଲେ । ଟଙ୍କା ବିଡା ତିନୋଟି ପାଇବା ପରେ ଆଇଟମ ଗୁଡିକର ତାଲିକା ଲମ୍ବି ଲମ୍ବି ଗଲା । ଯେତେ ଅଧିକ ବ୍ୟବସ୍ଥା ହବ ସେତେ ବିବେକକୁ ଡରି ବ୍ରାହ୍ମଣ ଖିଆ ନାମରେ ଟଙ୍କା ଅତିଥି ଅଭ୍ୟାଗତ ପ୍ରଦାନ କରିବେ । ତାହା ହିଁ ହେବ ମାଛ ତେଲରେ ମାଛ ଭଜା । ଜିନିଷ ପତ୍ର କିଣାଯିବା ଆଗରୁ ଗୁଣିଆ ବାର ପ୍ରକାର ବ୍ୟଞ୍ଜନର ଢେଙ୍ଗୁରା ପିଟିଦେଲା ।

ନେହୁଆ ସବୁ ଜାଣି ଗାଁର ଭଦ୍ରଲୋକଙ୍କୁ ଭେଟିଲେ । ତିନିହେଁ ଜମିବାଡ଼ି ବିକି ଗାଁରୁ ନିଶ୍ଚିହ୍ନ ହୋଇ ପାଖ ସହରକୁ ପଳାୟନ କରିବା କଥା ତାଙ୍କୁ ଜଣାଇଲେ । ତିନିଜଣଙ୍କୁ ନିଜ କୁବୁଦ୍ଧିରୁ ଉଦ୍ଧାର କରିବାକୁ ସମସ୍ତେ ବ୍ୟଗ୍ର ହେଲେ । ହରଷ ମାଣ୍ଡୁ ଜିହଲ ପକାଇ ବାଳିଆ ଧରିବ ବୋଲି ମନସ୍ଥ କରିଛି । ଏ କଥାକୁ କେହି ହଜମ କରି ପାରୁ ନାହାଁନ୍ତି । ଭଲାରେ ଭଲା ତେଲିଆ ମୁଣ୍ଡରେ ତେଲ ବୋଳା ହେବ, ଗାଁର ପଡୋଶୀ ନୁଖୁରା ହେବ । ଯଦି ତାଙ୍କ ଜମିବାଡ଼ି ଗାଁର ସମସ୍ତଙ୍କ କାମରେ ନଲାଗେ ତେବେ ବିକା କିଣା ହୋଇ ପାରିବନି । ନେହୁଆ ସେମାନଙ୍କୁ ଉସୁକାଇ ଭାଇ ତିନିଜଣଙ୍କୁ ବଞ୍ଚାଇବାକୁ ଚେଷ୍ଟା କଲେ ।

ଗାଁର ଯେଉଁମାନେ ଈର୍ଷାରେ ଜଳୁଥିଲେ ସେମାନେ ସନିଆ ଘରର ଦୁଃସ୍ଥ ଅବସ୍ଥାକୁ ଦର୍ଶାଇ ଗାଁରୁ ଟଙ୍କା ସଂଗ୍ରହ କରି ରଖିଲେ । ପରେ ତିନିଭାଇଙ୍କ ପାଖରୁ ଅଗ୍ରୀମ ଟଙ୍କା ଆଦାୟ କରି ହରଷ ପାଖରେ ପହଞ୍ଚିଗଲେ । ଜମିବାଡି କିଣାବିକାର କାଗଜପତ୍ର ହୋଇ ନଥିବାରୁ କାନମୁଣ୍ଡା ଆଉଁସି ଆଉଁସି ହରଷ ମାଣ୍ଡୁ ଟଙ୍କା ରଖିଲା ।

ଗ୍ରାମବାସୀଙ୍କ ଦାନରୁ ଅଳ୍ପ ଖର୍ଚ୍ଚରେ ତାଙ୍କର ପାରିବାରିକ ଶୁଦ୍ଧିକାର୍ଯ୍ୟ ସରିଗଲା । ଆଉ କେହି ଗାଁରେ ବଡ ଆଡମ୍ବର ସହକାରେ ମୃତ୍ୟୁଭୋଜି କରିପାରିବେନି ବୋଲି କମିଟିରେ ପାରିତ ହୋଇ ଘୋଷଣା କରାଗଲା ।

***ହାପିକଲୋନୀ, ଗୋପ, ପୁରୀ***
***ମୋ. ୭୯୭୮୬୩୫୨୭୬***

## ଆପଣା ବିଶ୍ୱାସ

● **ବୀରେଶ୍ୱର ମହାନ୍ତି**



**ପ୍ର**ତିଚୀର ଦୂର ଦିଗବଳୟରେ ଅସ୍ତଗାମୀ ଭାନୁଙ୍କର ସୁବର୍ଣ୍ଣୟୀ ଶୋଭାକୁ ଉପଭୋଗ କରିବାର ସୁବର୍ଣ୍ଣ ସୁଯୋଗକୁ କେବେ ବି ହାତଛଡ଼ା କରନ୍ତିନି ହରବାବୁ । ବିଶେଷତଃ ଚାକିରିରୁ ଅବସର ଉପରାନ୍ତେ ଏ ନିଶା ତାଙ୍କର ଆହୁରି ପ୍ରଗାଢ଼ ଧରିଛି । ଗୋଧୂଳି ଲଗନରେ ପଶ୍ଚିମାକାଶରେ ରକ୍ତିମ ଛିଟାକୁ ନିରୀକ୍ଷଣ କରୁକରୁ ଭାବପ୍ରବଣ ହୋଇପଡ଼ିବା ତାଙ୍କ ପାଇଁ ନିତ୍ୟନୈମିକ ଘଟଣା । ଏ ଅମୃତମୟ ସୃଷ୍ଟିର ବୈଚିତ୍ରମୟ ବିଭବ ପାଇଁ ସେ ସଦାସର୍ବଦା ମହିମାମୟ ଭଗବାନଙ୍କ ପଦାରବିନ୍ଦର ନିଜକୁ ସମର୍ପଣ କରିଦେଇଛନ୍ତି । ତାଙ୍କ ମତରେ ଜ୍ଞାନ-ବିଜ୍ଞାନ ଉପରେ ଭଗବାନ । ସେ ହିଁ ଏ ସମସ୍ତ ସୃଷ୍ଟିର ପରମ କାରଣ ।

ଆଜି କିନ୍ତୁ ହରବାବୁଙ୍କର ମତିଗତି, ଭାବଭଙ୍ଗୀ ଅଲଗା ରୂପ ଧରିଛି । ସୂର୍ଯ୍ୟାସ୍ତ ସମୟର ଶୋଭାକୁ ଉପଭୋଗ କରିବା ପରିବର୍ତ୍ତେ ଇତସ୍ତତଃ ଭାବରେ ବାଲକୋନିରେ ପଦଚାଳନା କରୁକରୁ ଅନମନସ୍କ ହୋଇ ହଠାତ ଚଉକିରେ ବସି ପଡୁଛନ୍ତି । ମୁହୂର୍ତ୍ତକ ପରେ ପୁନର୍ବାର ସେହି ଅସ୍ଥିର ପଦଚାଳନା ଆରମ୍ଭ ହୋଇଯାଉଛି । ସତେ ଯେପରି କୌଣସି ଏକ ଅପ୍ରୀତିକର ଘଟଣା ତାଙ୍କୁ ବିବ୍ରତ କରିଚାଲିଛି । ସ୍ୱାମୀଙ୍କର ଏତାଦୃଶ ଢ଼ଙ୍ଗଢ଼ାଙ୍ଗରେ ଗୌରୀଦେବୀ ଆଚମ୍ବିତ । ସଂଧ୍ୟା ସମୟରେ ପଶ୍ଚିମକାଶର ମନୋରମ ଦୃଶ୍ୟକୁ ଉପଭୋଗ କରୁକରୁ ସେ ଚା' ପାନର ମଜା ନେବାକୁ କସ୍ମିନକାଳେ ପଶ୍ଚାତପଦ ହୁଅନ୍ତିନାହିଁ । ଚା' କପ ଧରି ଉପସ୍ଥିତ ହେଉହେଉ ହାତରୁ କପ ଝାମ୍ପିନେବାକୁ ତର ସହେନି । ମାତ୍ର ଆଜି ସେଥିରେ ବ୍ୟତିକ୍ରମ ଘଟିଛି । ଟିପୟ ଉପରେ ଚା' କପ ଥୁଆ ହୋଇ ସାରିଥିଲେ ମଧ୍ୟ ସେ ଦିଗକୁ ତାଙ୍କର ଆଗ୍ରହ ନାହିଁ । ବରଂ ଫେରିଲେ ଚା' ପିଇବି କହି ଝଡ଼ ବେଗରେ ଘରୁ ବାହାରିଗଲେଣି ହରବାବୁ ।

ସ୍ୱାମୀଙ୍କ ପ୍ରସ୍ଥାନ ପରେ ଗୌରୀଦେବୀ ଟିଭିରୁ ପୁଲିସବାଲାଏ ଦୁଇଦଳଙ୍କ ମଧ୍ୟରେ ଗଣ୍ଡଗୋଳ, ଧସ୍ତାଧସ୍ତି କାରଣରୁ ଉଭୟ ଦଳର ମୁଣ୍ଡିମାନଙ୍କୁ କବଜା କରି ଥାନାରେ ଅଟକ ରଖିଥିବାର ସମ୍ବାଦ ଶୁଣି ଉଚ୍ଛନ୍ନ । ପୁଅ ତାଙ୍କର ସକାଳପହରୁ କେଉଁ ଆଡ଼େ ବାହାରି ଯାଇଛି ଯେ ସଞ୍ଜବୁଡ଼ ହେଲେ ମଧ୍ୟ ଫେରିବାକୁ ନାହିଁ । ମନ ପାପ ଛୁଉଁଥିଲା । କିଛି ନ କହି ସ୍ୱାମୀ ବି କେଉଁଆଡ଼େ ଉଭାନ ହୋଇଗଲେ, ତା'ର କିଛି ପତ୍ତା ନାହିଁ । ଶଙ୍କାଗ୍ରସ୍ତ ହୋଇ ବିମର୍ଷ ମନରେ ବାତାୟନ ଆରପାଖେ ହଜିଯାଇଥିଲେ ସେ ।

ଫାଟକ ଖୋଲା ହେବା ଶବ୍ଦ ଶୁଣି ପ୍ରକୃତିସ୍ଥ ହେଲେ । ଦେଖିଲେ ବାପ, ପୁଅ ହତା ମଧ୍ୟକୁ ଆଗପଛ ହୋଇ ପ୍ରବେଶ କରୁଛନ୍ତି । ପୁଅ ନୀରବରେ ମୁଖ ନିମ୍ନଗାମୀ କରି ତା' ପଢ଼ା ରୁମକୁ ଚାଲିଗଲାଣି । ଗୌରୀଦେବୀଙ୍କ ମନରେ ଉତ୍କଣ୍ଠା । ପ୍ରଶ୍ନବାଚୀ ମୁଦ୍ରାରେ ସ୍ୱାମୀଙ୍କୁ କିଛି ପଚାରିବାକୁ ଯାଉଥିଲେ ସେ । ଅଟକେଇ ଦେଇ ହରବାବୁ ଆହତ ସ୍ୱରରେ କହିଲେ– ଭଗବାନଙ୍କୁ ବିଶ୍ୱାସ କରେ ବୋଲି ପୁଅ ନାଁ ବିଷ୍ଣୁପଦ ଦେଇଥିଲି ଯେ ସେ ଭଗବାନଙ୍କୁ ମାନିବ କ'ଣ, ଦାଣ୍ଡରେ ଘାଟରେ ନାଁ ପକେଇଲାଣି ।

ବିସ୍ମିତ ହେଉଥିଲେ ଗୌରୀଦେବୀ । ପୁଅ ତାଙ୍କର ମେଧାବୀ ଛାତ୍ର । ଏସନ ପଦାର୍ଥ ବିଜ୍ଞାନରେ ଏମ.ଏସ.ସି ପରୀକ୍ଷା ଦେବ । ସେ ପୁଣି କ'ଣ ଏମିତି ଗଡ଼ବଡ଼ିଆ କାର୍ଯ୍ୟ କରିପକେଇଲା ଯେ ଦାଣ୍ଡରେ ଘାଟରେ ନାଁ ପଡ଼ିଗଲା । ହରବାବୁ ସ୍ତ୍ରୀଙ୍କର ମାନସିକ ଦ୍ୱନ୍ଦ୍ୱର ଆଭାସ ପାଇପାରୁଥିଲେ । ତାଙ୍କ ମନରେ ଚକାଭଉଁରୀ ଖେଳୁଥିବା ସନ୍ଦେହର ମୋଚନ ପାଇଁ କହିଲେ– ତୁମ ଗୁଣମଣି ପୁତ୍ର ଏବେ କେଉଁ ଗୋଟେ ହେତୁବାଦୀ ସଙ୍ଗଠନରେ ସାମିଲ ହୋଇଛି । ପରମ୍ପରାବାଦୀମାନଙ୍କ ସହ ଯୁକ୍ତିତର୍କ କଥା କଟାକଟି ଉପରାନ୍ତେ ଧସ୍ତାଧସ୍ତିରେ ଲିପ୍ତ ହୋଇ ଶାନ୍ତିଶୃଙ୍ଖଳା ଭଙ୍ଗ କରିଥିବା ଯୋଗୁଁ ତାକୁ ଥାନାରେ ଅଟକ ରହିବାକୁ ପଡ଼ିଛି । ଖବର ପାଇ ମୋତେ ଯାଇ ତାକୁ ମୁକୁଳେଇ ଆଣିବା ବ୍ୟତୀତ ମୋ ପାଖରେ ଆଉ ଅନ୍ୟ କିଛି ଉପାୟ ନଥିଲା । ସ୍ୱାମୀଙ୍କ କଥା ଶୁଣି ଗୌରୀଦେବୀଙ୍କର ବାତ ଘରେ ପୀତ ପଶିଗଲାଣି । ହରବର ହୋଇ ଧାଇଁଲେ ପୁଅ ପାଖକୁ ।

କଥା କ'ଣ କି ହେତୁବାଦୀଙ୍କ ମତରେ ସୂର୍ଯ୍ୟଗ୍ରହଣ ଏକ ନିରୋଳା ବୈଜ୍ଞାନିକ ପ୍ରକ୍ରିୟା । ହରବାବୁଙ୍କ ପୁତ୍ର ବିଷ୍ଣୁପଦ ଯୋଗଦେଇଥିବା ହେତୁବାଦୀ ସଙ୍ଗଠନର କର୍ମକର୍ତ୍ତାମାନେ ସୂର୍ଯ୍ୟଗ୍ରହଣ ସମୟରେ ଖାଦ୍ୟ ପଦାର୍ଥ ପାକ ଏବଂ ଖାଦ୍ୟଗ୍ରହଣ ନିଷେଧକୁ ଅନ୍ଧବିଶ୍ୱାସ ବୋଲି ବିବେଚନା କରି ତା' ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଦିନ ଗୋଟାଏରୁ ଦୁଇଟା ମଧ୍ୟରେ ସୂର୍ଯ୍ୟପରାଗ ସଂଘଟିତ ହୋଇଥିବା ସମୟରେ ବିଷ୍ଣୁପଦ ସହ ଅନ୍ୟ ହେତୁବାଦୀଏ ଏକ ମନ୍ଦିର ସମ୍ମୁଖସ୍ଥ ପ୍ରାନ୍ତରରେ ତମ୍ବୁ ସ୍ଥାପନ ପୂର୍ବକ କୁକୁଡ଼ାମାଂସ ବିରିଆନୀ ଭୋଜନର ଆୟୋଜନ କଲେ । ନିଜେ ତ ଭୋଜନ କଲେ, ଡାକବାଜି ଯନ୍ତ୍ର ମାଧ୍ୟମରେ କିଛି ପଥଚାରୀଙ୍କୁ ମଧ୍ୟ ଭୋଜନ କରିବାପାଇଁ ପ୍ରବର୍ତ୍ତାଇ ଚାଲିଲେ । ହେତୁବାଦୀଙ୍କ ଏତାଦୃଶ କାର୍ଯ୍ୟକଳାପରେ ପରମ୍ପରାବାଦୀଙ୍କୁ ଆଉ ସମ୍ଭାଳେ କିଏ ? ଦେଖୁଦେଖୁ ଉଭୟ ଦଳଙ୍କ ମଧ୍ୟରେ ବଚସା, ବାକବିତଣ୍ଡାର ସୂତ୍ରପାତ ହେବା ପରେ ଧସ୍ତାଧସ୍ତି, ମୁଷ୍ଟି ମରାମରି ପର୍ଯ୍ୟନ୍ତ କଥା ଚାଲିଗଲା । କ୍ଷତବିକ୍ଷତ ହୋଇ ଦଳେ ଡାକ୍ତରଖାନାକୁ ବୁହା ହୋଇ ଗଲେ ତ ଆଉ ଦଳଙ୍କୁ ପୁଲିସ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଛି । ଥାନାରେ ଅଟକ ଥିବାରୁ ହରବାବୁଙ୍କୁ ଏକ ଚୁକ୍ତି ପତ୍ରରେ ସ୍ୱାକ୍ଷର କରି ତାଙ୍କ ପୁତ୍ର ବିଷ୍ଣୁପଦକୁ ଜାମିନରେ ଆଣିବାକୁ ପଡ଼ିଛି ।

ହରବାବୁ ପରମ୍ପରାକୁ ସମ୍ମାନ ଦେଇ ସୂର୍ଯ୍ୟଗ୍ରହଣ ସମୟରେ ପାକଛାଡ଼ ବ୍ୟବସ୍ଥାକୁ ଜୀବନ ସାରା ପ୍ରାଧାନ୍ୟ ଦେଇ ଆସିଛନ୍ତି । ତାଙ୍କ ମତରେ କେବଳ ମାତ୍ର ପରମ୍ପରା ନୁହଁ, କିଛି ବୈଜ୍ଞାନିକ କାରଣରୁ ମଧ୍ୟ ପୂର୍ବପୁରୁଷମାନେ ଏପରି ପ୍ରଥା ପ୍ରଚଳନ କରିବାକୁ ଉଚିତ ମନେ କରିଛନ୍ତି । ସୂର୍ଯ୍ୟପରାଗ ସମୟରେ ବୃକ୍ଷମାନଙ୍କର ଅଙ୍ଗାରକାମ୍ଳ ଗ୍ରହଣ କ୍ଷମତା ଶତକଡ଼ା ଚଉଦ ଭାଗ ହ୍ରାସ ହେବା ସଙ୍ଗେସଙ୍ଗେ ଆଲୋକ ବିଶ୍ଳେଷଣ ସାମର୍ଥ୍ୟ ପାଞ୍ଚଭାଗରୁ ମାତ୍ର ଏକ ଭାଗ ହେଉଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ପାଉଥିବା ବେଳେ ଅମ୍ଳଜାନର ପରିମାଣ ବହୁ ପରିମାଣରେ କମିଯାଇଥାଏ । ରନ୍ଧନକାର୍ଯ୍ୟରୁ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବାରୁ ପରାଗ ସମୟରେ ରୋଷେଇ କରି ବାୟୁମଣ୍ଡଳକୁ ଅଧିକ ପ୍ରଦୁଷିତ କରିବା ପ୍ରାଣୀଜଗତ ପାଇଁ କସ୍ମିନକାଳେ ହିତକର ହୋଇନପାରେ ବୋଲି ଏହି ସମୟରେ ପାକକୁ ନିଷିଦ୍ଧ କରାଯାଇଛି ।

ପୁନର୍ବାର କେତେକ ବୈଜ୍ଞାନିକଙ୍କ ମତରେ ଯକୃତ, ଶ୍ୱାସନଳୀ ଏବଂ ଫୁସଫୁସକୁ ସହଜରେ ସଂକ୍ରମଣ କରିବାର କ୍ଷମତା ରଖୁଥିବା କେତେକ ଅହିତକାରୀ ଅଣୁଜୀବମାନଙ୍କର ସଂଖ୍ୟା ପରାଗ ପୂର୍ବରୁ ଏବଂ ପରାଗ ସମୟରେ ଖାଦ୍ୟରେ ଆଶାତୀତ ଭାବରେ ବୃଦ୍ଧିପାଏ । ସେଥିପାଇଁ ଉପରୋକ୍ତ ସମୟରେ ଖାଦ୍ୟଗ୍ରହଣକୁ ବାରଣ କରାଯାଇଅଛି । ମାତ୍ର ପରମ୍ପରାବାଦୀଏ ଏ ବିଷୟରେ ଅଭିହିତ ଅଛନ୍ତିକି ନାହିଁ ଜ୍ଞାତ ନ ଥିଲେ ମଧ୍ୟ ସେମାନେ ତାଙ୍କର ଜିଦ ପାଇଁ ହେତୁବାଦୀଙ୍କ ସହ ତର୍କବିତର୍କ ପଶ୍ଚାତ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ।

ପକ୍ଷାନ୍ତରେ ହେତୁବାଦୀଙ୍କ ବକ୍ତବ୍ୟ ହେଉଛି ଏ ବୈଜ୍ଞାନିକ ଯୁଗରେ ଅନ୍ଧବିଶ୍ୱାସକୁ ଭିତ୍ତିକରି ଜନସମାଜକୁ ବିଭ୍ରାନ୍ତ କରିବା କସ୍ମିନକାଳେ ଗ୍ରହଣୀୟ ହୋଇନପାରେ । ପରିହାସ କରି କହନ୍ତି, ହଇହୋ ଯଦି ଶିଶୁ, ବୃଦ୍ଧ, ରୋଗୀମାନଙ୍କ କ୍ଷେତ୍ରରେ ଗ୍ରହଣ ସମୟରେ ଖାଦ୍ୟ ଗ୍ରହଣକୁ ବାରଣ କରାଯାଉନାହିଁ, ତେବେ ଅନ୍ୟମାନଙ୍କ କ୍ଷେତ୍ରରେ ସେପରି ଆକଟ କରାଯାଇଛି କାହିଁକି ? ଏ ସବୁ କେବଳ ପ୍ରହସନ କହି ସେମାନେ ପରମ୍ପରାବାଦୀଙ୍କୁ ଛିଗୁଲେଇ ହୁଅନ୍ତି । ଏଇ ସାମାନ୍ୟ କଥାକୁ କେନ୍ଦ୍ରକରି ଝିମିଟି ଖେଳରୁ ମହାଭାରତ ପରି ଘଟଣା ଏବେ ଥାନାରେ ପହଞ୍ଚିଛି ।

ହରବାବୁ ବି ଭାବୁଥିଲେ ଏକ ସାମାନ କଥା ପାଇଁ ଏତେ ଲଙ୍କାକାଣ୍ଡ କିଆଁ ? ଯେବେ ହେତୁବାଦୀଙ୍କୁ କଥାଟିଏ ଅନ୍ଧବିଶ୍ୱାସ ବୋଲି ପ୍ରତ୍ୟୟ ହେଉଛି, ତେବେ ତାଙ୍କୁ ସେସବୁ ମାନିବାକୁ ବାଧ କରୁଛି କିଏ ? ମାତ୍ର ସେମାନେ ଅନ୍ୟମାନଙ୍କୁ ଉସୁକେଇ ଅଯଥା ବାଦବିବାଦ ସୃଷ୍ଟି କରି ପରିସ୍ଥିତିକୁ ଉତ୍ତେଜନାମୟ କରିବାର କାରଣ କ'ଣ ? ଏଥିପାଇଁ ଟିଭି, ରେଡ଼ିଓ, ସମ୍ବାଦପତ୍ରରେ ହୋହଲ୍ଲା କିଆଁ? ଅଯଥା ଅବୁଝାମଣା, ଯୁକ୍ତିତର୍କ ଗଣ୍ଡଗୋଳରୁ ଲାଭ କାହାର ? ବରଂ ଦୁଇପକ୍ଷ ସଂଯମତା ଆଚରଣ କରି ପ୍ରତିପକ୍ଷ ପ୍ରତି ସହନଶୀଳ ମନୋଭାବ ପୋଷଣ କଲେ ଘଟଣାର ସରଳ ସମାଧାନ ହୋଇପାରନ୍ତା । ନିଜନିଜ ଭିତରେ ଆପଣା ବିଶ୍ୱାସକୁ କାଏମ ରଖି ବୁଝାମଣାରେ କାର୍ଯ୍ୟ କଲେ ସବୁ ସମସ୍ୟା ସମାଧାନର ସୂତ୍ର ହାତ ପାଆନ୍ତାରେ ଥାଏ । ଏମିତି କେଉଁ ଏକ ସମସ୍ୟା ଅଛି, ଯାହାର ସମାଧାନ ନାହିଁ ଯେ ! ସେ କଥା ନ କରି ଅଯଥା ଲହୁଲୁହାଣ ହେବାରେ କି କାର୍ଯ୍ୟ ? ସୁଧି ପାଠକେ ଏ ବିଷୟ ମନକୁ ଘେନା କରିବେ ବୋଲି ଆଶା ।

***ସି- ୧୦୫, ଆପାର୍ଟମେଣ୍ଟ,***
***ଘାଟିକିଆ, ଭୁବନେଶ୍ୱର ।***
***ମୋ. ୯୯୩୮୬୧୫୬୭୧***

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୩ ଅକ୍ଟୋବର ୨୦୨୫ । ଗୁରୁବାର


## ୮୮ ବର୍ଷରେ ଗୁଲନଗର କାଳୀପୂଜା

**କେନ୍ଦ୍ରାପଡ଼ା:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଗୁଲନଗର ପଞ୍ଚାୟତର ଗୁଲନଗର ଗ୍ରାମରେ ଦୀର୍ଘ ୮୮ବର୍ଷ ହେବ ମା' ଦକ୍ଷିଣ କାଳୀଙ୍କର ମୂର୍ତ୍ତୀ ପୂଜାପାଇ ଆସୁଛନ୍ତି । ପ୍ରବାଦ ଅଛି ୧୯୩୭ ମସିହାରେ ଯେତେବେଳେ ଏହି ଅଞ୍ଚଳରେ ମହାମାରୀ ହଇଜା ବ୍ୟାପିଲା ଲେକମାନେ ଭୟଭିତ ହୋଇପଡିଥିଲେ । ଏହାର ପ୍ରତିକାର ପାଇଁ ଗୁଲନଗର ଗ୍ରାମର କାଳୀ ସାଧକ କାହ୍ନାଇ ଚରଣ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ସୁଦର୍ଶନ ଚକ୍ରବର୍ତ୍ତି, କୃତିବାସ ସାହୁ, ଇଶ୍ୱର ପୃଷ୍ଟି, ନିତ୍ୟାନନ୍ଦ ମହାରଣା, ପୂର୍ଣ୍ଣ ଚନ୍ଦ୍ର କର, ଜଳଧର କର ଓ ଗ୍ରାମବାସୀଙ୍କ ସହଯୋଗରେ କାଳୀପୂଜା ବିଧିବଦ୍ଧଭାବେ ଆରମ୍ଭ କରିଥିଲେ । ପ୍ରତି ବର୍ଷ ଇଚ୍ଛାପୁରର ଗୋପିମିସ୍ତ୍ରୀ ଏହି ମୂର୍ତ୍ତି କରିଆସୁଥିଲେ । ବର୍ତ୍ତମାନ ତାଙ୍କର ମୃତ୍ୟୁ ପରେ ତାଙ୍କ ପୁତ୍ର ଏହି ମୂର୍ତ୍ତି କରୁଛନ୍ତି । ୧୯୯୫ ମସିହାରେ କାହ୍ନାଇ ଚରଣ ଚକ୍ରବର୍ତ୍ତୀଙ୍କର ଦେହାନ୍ତ ପରେ ବର୍ତ୍ତମାନ ତାଙ୍କ ପୁତ୍ର ଭଗବତୀ ଚରଣ ଚକ୍ରବର୍ତ୍ତୀ ସେହି କାଳୀପୂଜା କରିଆସୁଛନ୍ତି । ଅମାବାସ୍ୟା ଠାରୁ ୫ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଛି । ସନ୍ତୋଷ ଚକ୍ରବର୍ତ୍ତି, ଜୟନ୍ତ ଚକ୍ରବର୍ତ୍ତି, ମନମଥ ଚକ୍ରବର୍ତ୍ତି ଓ ଗ୍ରାମବାସୀମାନେ କାଳୀ ପୂଜାରେ ସହାୟତା କରିଥାନ୍ତି । ଏହି ସମୟ ମଧରେ ଗୁଲନଗର ଗ୍ରାମବାସୀଙ୍କ ସହାୟତାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପାଲା, ଭଜନ ଓ ସ୍ଥାନୀୟ ଗୋବିନ୍ଦ ଜୀୟୁ ଡ୍ରାମାଟିକ କ୍ଲବର କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଉଛି । ଏହି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାପାଇଁ ସହର ଓ ପୁରପଲ୍ଲୀରୁ ବହୁ ଦର୍ଶକ ଆସିଥାନ୍ତି ।

## ବହୁବିଧ ସମସ୍ୟାରେ କୃଷକ

**ପଟ୍ଟାମୁଣ୍ଡାଇ:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାବେଳେ ସଂପ୍ରତି କୃଷି ବ୍ୟବସ୍ଥା ପ୍ରାୟ ଅବହେଳିତ । ଶିଳ୍ପବିହୀନ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଅର୍ଥନୀତୀ କୃଷି ଉପରେ ନିର୍ଭରଶୀଳ । ହେଲେ ଦୀର୍ଘ ବର୍ଷ ହେବ କୃଷିକୁ ସମ୍ପୂର୍ଣ୍ଣ ଉପେକ୍ଷିତ କରି ରଖାଯାଇଛି । ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କୋଟିକୋଟି ଟଙ୍କାର ବ୍ୟୟବରାଦ କରୁଛନ୍ତି । ହେଲେ ତାହା ତୃଣମୂଳସ୍ତରରେ କୃଷିର କୌଣସି କାର୍ଯ୍ୟରେ ଲାଗୁନାହିଁ । କୃଷିର ଉନ୍ନତି ପାଇଁ ଯେଉଁ ବିଭାଗ କାର୍ଯ୍ୟକରୁଛି ସେଗୁଡିକ ସ୍ଥାଣୁ ପାଲଟି ରହିଛି । ଅଧିକାରୀ ଅଛନ୍ତି ହେଲେ ସେମାନଙ୍କ ଦର୍ଶନ ମିଳୁ ନାହିଁ । ଫଳରେ ଚାଷୀ ବିଭିନ୍ନ ଯୋଜନା ବିଷୟରେ ଜାଣି ପାରୁ ନାହାନ୍ତି । କାଗଜପତ୍ର ବିଭାଗୀୟ ପୋର୍ଟାଲରେ ବିଭିନ୍ନ ଚାଷ ହେଉଥିବା ବେଳେ ବାସ୍ତବରେ ତାହା ହେଉ ନାହିଁ । କୃଷି କ୍ଷେତ୍ରର ବିକାଶ ପାଇଁ ସରକାର ଯେପରି ପରିଚାଳନା କରିବା କଥା ତାହା ଆଦୌ କରୁନାହାଁନ୍ତି । ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଚାଷ ଛାଡ଼ି ବାହାର ରାଜ୍ୟରେ ମୂଲିଆ ହେବାକୁ ପସନ୍ଦ କରୁଛନ୍ତି । ଗୋଟେ କୃଷିପ୍ରଧାନ ବ୍ଲକ ପାଇଁ ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ଶେଷ କୃତ୍ୟରେ ସହାୟତା କଲେ ସ୍ୱେଚ୍ଛାସେବୀ ସଂଗଠନ



**ଜଳେଶ୍ୱର:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଆଦି ଭାଷା ସଂସ୍କୃତ ରେ ଅଛି 'ରାଜ ଦ୍ୱାରେ ଶ୍ମଶାନ ଚ୍ ଜ ତିଷ୍ଠତି ସ ବାନ୍ଧବ' ଉକ୍ତ ନିରାଟ ସତ୍ୟ ଶ୍ଳୋକକୁ ଯଥାର୍ଥ କରି ଦେଖାଇଛନ୍ତି, ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ହେଲ୍ପ ଫର ୟୁ ଫାଉଣ୍ଡେସନ । ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଝାଡ ପିମ୍ପଳ ପଞ୍ଚାୟତ ସେହି ଗାଁର ରବିନ୍ଦ୍ର ଦଣ୍ଡପାଠ ଦୁଃଖ ଦାରିଦ୍ର ମଧରେ ଭିନ୍ନକ୍ଷମ ପୁଅକୁ ନେଇ ତେଲ ଲୁଣର ସଂସାର ଚଳାଇ ଆସୁଥିଲେ । ଦାରିଦ୍ର କଷାଘାତରେ କ୍ଷେତକୁ କୃଷି କାର୍ଯ୍ୟ କରିବାକୁ ଯାଇ ୩ଦିନ ତଳେ ସର୍ପାଘାତର ଶୀକାର ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ମଙ୍ଗଳବାର ରବିନ୍ଦ୍ର ଦଣ୍ଡପାଟଙ୍କ ପାର୍ଥିବ ଶରୀର ଘରେ ପହଞ୍ଚିବା ପରେ ସମ୍ବଳ ନଥିବାରୁ ପରିବାର ବେସାହାରା ହୋଇ ପଡ଼ିଥିଲେ । ଭିନ୍ନକ୍ଷମ ପୁଅ ବନମାଳୀ ଓ ବିଧବା ପତ୍ନୀ ପଙ୍କଜୀନି, ଅସହାୟ ହୋଇ ମ୍ରିୟମାଣ ହୋଇପଡିଥିବାରୁ ସ୍ଥାନୀୟ ବାସିନ୍ଦା ରତ୍ନାକର ଗିରି ହେଲ୍ପ ଫର ୟୁ ଫାଉଣ୍ଡେସନକୁ ସହାୟତା ଲାଗି ସୂଚନା ଦେଇଥିଲେ । ଫାଉଣ୍ଡେସନର ସଦସ୍ୟମାନେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆତ୍ମିୟ ସ୍ୱଜନ ସଦୃଶ, ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶବ ସତ୍କାର କରି ବିପଦର ବନ୍ଧୁ ସାଜିଛନ୍ତି । ଉକ୍ତ ପରିବାର ବେସାହାରା ହୋଇଥିବା ବେଳେ, ଦାରୁଣ ଦୁଃଖ ସମୟରେ ରବିନ୍ଦ୍ରଙ୍କ ଶୁଦ୍ଧିକ୍ରିୟା ଲାଗି ସମସ୍ତ ବ୍ୟବସ୍ଥା କରିବେ ବୋଲି ଫାଉଣ୍ଡେସନର କର୍ମକର୍ତ୍ତା ଭରସା ଦେଇଛନ୍ତି । ପ୍ରଚାର ସର୍ବସ୍ୱ ଦୁନିଆରେ ସ୍ୱେଚ୍ଛାସେବୀମାନଙ୍କର ନାଁ ଉଲ୍ଲେଖ ନକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବା ସହି ଦୀନ ଦୁଃଖିଙ୍କ ଆଶିର୍ବାଦ ପାଉଛନ୍ତି ।

## ତାଳଚୁଆରୁ ଓଭରଲୋଡିଂ ୧୬ ଚକିଆ ଟ୍ରକ ଜବତ



**ରାଜନଗର:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ତାରିଣୀ ଛକ ନିକଟରୁ ୧୬ଚକିଆ ଓଭର ଲୋଡିଂ ଗାଡି(ଟ୍ରକ)କୁ ସାମୁଦ୍ରିକ ଥାନା ପୋଲିସ ଜବତ କରିଛି । ଏପରିକି ଜବତ ହୋଇଥିବା ଗାଡି ରାସ୍ତାକୁ ଫଟାଇ ଦେବା ସହ ପାନୀୟ ଜଳ ପ୍ରକଳ୍ପରୁ ଜଣ ଯୋଗାଣ ହେଉଥିବା ପାଇପକୁ ଫଟାଇ ଦେଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ନିକଟରେ ଜିଲ୍ଲାର ଅଧିକାଂଶ ରାସ୍ତା ଓଭରଲୋଡିଂ ଗାଡି ଯୋଗୁଁ ନଷ୍ଟ ହୋଇଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ପୋଲିସ ଓ ପରିବହନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ତାରିଣୀ ମନ୍ଦିର ଛକଟରେ ଦାନା ବୋଝେଇ କରି ଆନ୍ଧ୍ରପ୍ରଦେଶରୁ ଆସିଥିବା ୧୬ ଚକିଆ ଟ୍ରକ (ଏପି-୮୯-ୟୁନ-୧୬୩୬)କୁ ଜବତ କରି ପରିବହନ ବିଭାଗକୁ ଅବଗତ କରାଇଛି । ଏନେଇ ସାମୁଦ୍ରିକ ଥାନାଧିକାରୀ ବିମଳକୁମାର ମଲ୍ଲିକଙ୍କୁ ପଚାରିବାରୁ ଆମେ ଗାଡିକୁ ଜବତ କରି ପରିବହନ ବିଭାଗକୁ ଜଣାଇଛୁ । ପରିବହନ ବିଭାଗ ଯାହା କିଛି ପଦକ୍ଷେପ ଗ୍ରହଣ କରିବ ବୋଲି କହିଛନ୍ତି ।

## ତମାଖୁ ମୁକ୍ତ ଅଭିଯାନ ୩.୦



**ଖୋର୍ଦ୍ଧା:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଅକ୍ଟୋବର ୧୦ ତାରିଖରୁ ଡିସେମ୍ବର ୯, ୨୦୨୫ ପର୍ଯ୍ୟନ୍ତ ୬୦ ଦିବସ ବ୍ୟାପୀ ଜିଲ୍ଲାରେ ସଚେତନତା ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି ଯୋଗଦେଇ କହିଲେ ଯେ ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମାଜରେ ମୁଣ୍ଡ ବ୍ୟଥାର କାରଣ ହୋଇଛି । ଯୁବକମାନେ ସଂଗରେ ପଡ଼ି ପଥ ଭ୍ରଷ୍ଟ ହୋଇ ନିଜର, ପରିବାରର, ସମାଜର ଓ ରାଷ୍ଟ୍ରର ହିତ ସାଧନରେ ପ୍ରତିବନ୍ଧକ ହେଉଛନ୍ତି । ତମାଖୁ ସେବନ ଦ୍ୱାରା କର୍କଟ ରୋଗରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ସାରା ବିଶ୍ୱରେ ୮୦ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁ ବରଣ କରୁଛନ୍ତି । ତମାଖୁର ବେଆଇନ କାରବାର ପାଇଁ ବ୍ୟାପକ ଚଢାଉ ଓ ତମାଖୁ ବ୍ୟବହାରର କ୍ଷତି ସୁଦୂର ପ୍ରଚାର ପ୍ରସାର ହେଲେ ସମାଜରେ ଏଭଳି ଭୟାନକ ରୋଗ ସଂକ୍ରମଣରୁ ସୁରକ୍ଷା ଦିଆଯାଇ ପାରିବ ବୋଲି କହିଥିଲେ । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର କହିଲେ ଯେ ତମାଖୁ ସେବନ ଦ୍ୱାରା ଭାରତ ବର୍ଷରେ ପ୍ରତିବର୍ଷ କର୍କଟ, ହୃଦରୋଗ, ଶ୍ୱାସ ଜନିତ ରୋଗ, ମଧୁମେହ ମସ୍ତିଷ୍କାଘାତ ରୋଗରେ ପଡି ୨୮ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ତମାଖୁ ଧୂଆଁରେ ୭୦୦୦ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥିରୁ ୬୯ ଗୋଟି କର୍କଟ ରୋଗର କାରଣ ଅଟେ । ଧୂମହିନ ତମାଖୁରେ ୩୦୦୦ରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି ସେଥିରୁ ୨୮ ଗୋଟି କର୍କଟ ରୋଗର କାରଣ ଅଟେ । ଏହି ପରିପ୍ରେକ୍ଷୀରେ ଡାକ୍ତର ରଞ୍ଜନ ମିତ୍ର କହିଥିଲେ ତମାଖୁ ସେବନ ଅଭ୍ୟାସ ଛାଡ଼ିବା ସମ୍ଭବ । ନିଜର ଦୃଢ଼ ମାନସିକତା ରଖି ନିଶା ଛାଡିବାର ଦିନ, ତାରିଖ ଶୀଘ୍ର ବାଛନ୍ତୁ, ବନ୍ଧୁ ଓ ପରିବାର ଜନକୁ ଜଣାନ୍ତୁ, ଧୂମ ପାନ ମୁକ୍ତ ସ୍ଥାନରେ ରୁହନ୍ତୁ, ଯୋଗ ଓ ଧ୍ୟାନ ଅଭ୍ୟାସ କରନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ, ଡାକ୍ତରଙ୍କ ପରାମର୍ଶ ନେଇ ନିଜର ଦୃଢ଼ ମାନସିକତା ବଜାୟ ରଖି ନିଶା ଛାଡ଼ି ପରିବାର ଓ ସମାଜର ଯୁବକମାନେ ଆଦର୍ଶ ହୋଇ ରାଷ୍ଟ୍ର ହିତ ସାଧନାରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆଗକୁ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ ।

## ଚଣ୍ଡିଖୋଲ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ମନୋନୀତ

**ଚଣ୍ଡିଖୋଲ:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲ୍ଲାର ସର୍ବପୁରାତନ ପ୍ରେସ କ୍ଲବ ଭାବେ ପରିଚିତ ଚଣ୍ଡିଖୋଲ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ମଙ୍ଗଳବାର ସଭା ଗୃହରେ ମନୋନିତ ହୋଇଯାଇଛି । ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡାଙ୍କୁ ମନୋନିତ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ହେମେଶ ଜେନା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ମହାନ୍ତି, ଆବାହକ ସଞ୍ଜୟ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ଜେନା, ସମରେନ୍ଦ୍ର ମହାଲା, କୋଷାଧ୍ୟକ ପ୍ରସନ୍ନ ବିଶ୍ୱାଳ, ସାହସମ୍ପାଦକ ସେକ ସବିରୁଦ୍ଦିନ, ସାଂସ୍କୃତିକ ସମ୍ପାଦକ ସୁରେନ୍ଦ୍ର ସାମଲ, ଉପଦେଷ୍ଟା ଭାବେ ନରେନ୍ଦ୍ର ରାଉତ, ଶିବରାମ ସାହୁ, ଦେବବ୍ରତ ଦେବତା, କାର୍ଯ୍ୟକାରୀ କମିଟିରେ ମୋହନ ଖିଲାର, ମହେଶ୍ୱର ରାଉତ, ଭାରତ ଭୂଷଣ ପଣ୍ଡା, ପ୍ରତାପ ରାଉତରାୟ, ମନୋଜ ସାହୁଙ୍କୁ ମନୋନିତ କରାଯାଇଛି । ନିର୍ବାଚନ ଅଧିକାରୀ ଭାବେ ଶିବାରାମ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା ଏବଂ ଶେଷରେ ସେକ ମସିର ଆଲାମ୍ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ତିନି ବର୍ଷ ପାଇଁ ଏହି ନୂତନ କମିଟି କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା ।

## ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ପକ୍ଷରୁ ନିର୍ବାଚନ

## ପୂର୍ବତନ ଅଧକ୍ଷ ପ୍ରଫେସର ପ୍ରଭାତ କୁମାର ପାଢୀ ଓଡିଶାରୁ ପରିଷଦ ସଦସ୍ୟ

**ଭୁବନେଶ୍ୱର:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ନିକଟରେ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ପକ୍ଷରୁ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଶାଖାର ପୂର୍ବତନ ଅଧକ୍ଷ ପ୍ରଫେସର ପ୍ରଭାତ କୁମାର ପାଢୀ ଓଡିଶାରୁ ପରିଷଦ ସଦସ୍ୟ ରୂପେ ନିର୍ବାଚିତ ହୋଇଛନ୍ତି । ସେ ତାଙ୍କର ୩ ପ୍ରତିଯୋଗୀ ମଧ୍ୟରୁ ନିକଟତମ ପ୍ରତିଦ୍ୱନ୍ଦୀ ନୂତନ କୁମାର ଦାଶଙ୍କଠାରୁ ଅଧିକ ଭୋଟରେ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ହେବା ପରେ ପ୍ରଫେସର ପାଢୀ ଓଡ଼ିଶା ରାଜ୍ୟର ୧୦ ହଜାର ସଭ୍ୟଙ୍କ ବିଜୟ ବୋଲି କହିବା ସହ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେମାନଙ୍କ ଶୁଭେଚ୍ଛାକୁ ପାଥେୟ କରି ଓଡ଼ିଶାର ସ୍ୱାର୍ଥକୁ ଜାତୀୟ ପରିଷଦରେ ଉପସ୍ଥାପନା କରିବେ ବୋଲି କହିଛନ୍ତି । ରାଜ୍ୟସ୍ତରୀୟ ନିର୍ବାଚନରେ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁ ଏବଂ ଇଂ.ଉମାକାନ୍ତ ସାହୁ (ମେକାନିକାଲ ଇଞ୍ଜିନିୟର), ଡ.ସବ୍ୟସଚୀ ପଟ୍ଟନାୟକ (କମ୍ପ୍ୟୁଟର ଇଞ୍ଜିନିୟର), ଡ.ସୁଶାନ୍ତ ତ୍ରିପାଠୀ ପ୍ରଧାନ (ପ୍ରଡକ୍ସନ ଇଞ୍ଜିନିୟର), ଡ.କାଶୀନାଥ ବାରିକ (କେମିକାଲ ଇଞ୍ଜିନିୟର), ପ୍ରଫେସର ବେଦରନାସ ଦାସ (ଟେକ୍ସଟାଇଲ ଇଞ୍ଜିନିୟର) ଓ ପ୍ରଫେସର ମନୋଜ ଘୋଷାଲ (ଏଗ୍ରିକଲଚ୍‌ର ଇଞ୍ଜିନିୟର) ଡିଭିଜନକୁ ନିର୍ବାଚିତ ହୋଇଛନ୍ତି ।

ସିଭିଲ ଇଞ୍ଜିନିୟର୍ସ ଡିଭିଜନର ଡ.ସୁନିଲ ପଟ୍ଟନାୟକ, ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ଇଂ ଅବିନାଶ ରାଉଳ, ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ସ ଡିଭିଜନରେ ଇଂ ଦିଲ୍ଲୀପ କୁମାର ସାହୁ, ଇଂ ସଂଗ୍ରାମ ରାଉତରାୟ, ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସରେ ଇଂ ଅସିତ୍ ଶତପଥ, ସୁଭାଙ୍ଗି କଳିଙ୍ଗାନି, ଆର୍କିଟେକଚ୍‌ର ଇଞ୍ଜିନିୟର୍ସରେ ଇଂ ପ୍ରିୟ ରଞ୍ଜନ ପାତ୍ର, ମାଇନିଂ ଇଞ୍ଜିନିୟର୍ସରେ ଇଂ ମାନସ କୁମାର ନନ୍ଦ ନିର୍ବାଚିତ ହୋଇଛନ୍ତି । ସେହିପରି ଡ. ଅନୀଲ ଚୁବେ, ଅମରେଶ ରାଉତରାୟ, ଡ. ନାରାୟଣ ତିଆଡି, ଇଂ ଅରବିନ୍ଦ ସ୍ୱାମୀ ନିର୍ବାଚିତ ହୋଇଛନ୍ତି ।

ନିର୍ବାଚନରେ ବିଜୟ ପରେ ସୋଆ ବିଶ୍ୱବିଦ୍ୟାଳୟ ଉପଦେଷ୍ଟା ପ୍ରଫେସର ଡି ଆଚାର୍ଯ୍ୟ, ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ.ମନୋଜରଞ୍ଜନ ନାୟକ, କୁଳପତି ପ୍ରଫେସର ପିକେ ନନ୍ଦ, ଆଇଟିଇଆର ଡିନ୍ ପ୍ରଫେସର ପିକେ ସାହୁ, ଆସୋସିଏଟ୍ ଡିନ୍ ପ୍ରଫେସର ରେଣୁ ଶର୍ମା, ସିଇଟିର ପୂର୍ବତନ ଡିନ୍ ପ୍ରଫେସର ଏସ୍ ସି ମିଶ୍ର, ଭିସୁଟ ପୂର୍ବତନ କୁଳପତି ପ୍ରଫେସର ଦୀପକ ସାହୁ, ଓୟୁଟିଆର କୁଳପତି ପ୍ରଫେସର ବିବି ବିଶ୍ୱାଳ, ବିପିୟୁଟି କୁଳପତି ପ୍ରଫେସର ଏକେ ରଥ, ଓୟୁ ଟିଆର, ନିଟ୍ ରାଉରକେଲା ଓ ଆଇଆଇଟି ଖଡ଼ଗପୁର ଛାତ୍ରଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ବିଶିଷ୍ଟ ଇଂରାଜୀ ଔପନ୍ୟାସିକ ପ୍ରଫେସର ଡ. ଧରଣୀଧର ସାହୁଙ୍କ ପରଲୋକ

**ଭୁବନେଶ୍ୱର:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ବିଶିଷ୍ଟ ଇଂରାଜୀ ସାହିତ୍ୟିକ ଓ କବି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ଧରଣୀଧର ସାହୁଙ୍କ ମଙ୍ଗଳବାର ରାତିରେ କେଶୁରାସ୍ଥ ମାକଲିନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ପ୍ରଫେସର ସାହୁ ଦୀର୍ଘ ତିନି ସପ୍ତାହ ଧରି ରକ୍ତ କର୍କଟ ଜନିତ ରୋଗରେ ପୀଡ଼ିତ ହୋଇ ସମ୍ ହସ୍‌ପିଟାଲ୍ ଓ ପରେ ମାକଲିନ୍ ହସ୍‌ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା । ୧୯୯୬ ମସିହାରେ ସ୍ୱର୍ଗତଃ ସାହୁଙ୍କର ପ୍ରଥମ ଇଂରାଜୀ ଉପନ୍ୟାସ 'ଦି ହାଉସ୍ ଅଫ୍ ସରପେଂଟସ୍' ଭାରତର ଓରିଏଂଟ ଲଙ୍ଗମ୍ୟାନ୍ ଏବଂ ଲଣ୍ଡନର ସଙ୍ଗମ ବୁକ୍‌ସ ଦ୍ୱାରା ଏକା ସାଙ୍ଗରେ ପ୍ରକାଶିତ ହୋଇଥିଲା । ୨୦୦୧ରେ ତାଙ୍କର ଦ୍ୱିତୀୟ ଇଂରାଜୀ ଉପନ୍ୟାସ 'ସିମ୍ପଲ୍ ଥିଙ୍ଗସ୍ ଅଫ୍ ଲାଇଫ୍' ଆଟ୍‌ଲାଂଟିକ୍ ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ ହୋଇଥିଲା । ତାପରେ ଦୁଇଟି ଇଂରାଜୀ ଗଳ୍ପ ସଙ୍କଳନ 'ହିରୋ ଆଣ୍ଡ ମନଷ୍ଟରର୍ସ' ଓ 'ଦି ଡେକାମେରନ୍ ଅନ୍ ଏ ଗାଁଓ ବିଚ୍' ଏବଂ 'ଏ ଡାଇଲଗ୍ ଇଉଥ୍ ଲାଇଫ୍' ପୁସ୍ତକ ଭାରତ ଓ ଭାରତ ବାହାରେ ପ୍ରକାଶିତ ହେବା ସହ ୨୦୦୩ରେ ନୂଆଦିଲ୍ଲୀସ୍ଥ ପେନ୍‌ମ୍ୟାନ୍ ପବ୍ଲିକେସନ୍ ଦ୍ୱାରା 'ଥ୍ରୀ ଶତକ ଅଫ ଭର୍ତ୍ତୃହରୀ' ପୁସ୍ତକ ସଂସ୍କୃତରୁ ଇଂରାଜୀ ଅନୁବାଦ ପ୍ରକାଶିତ ହୋଇଥିଲା । ୧୯୯୦ରେ ଦିଲ୍ଲୀର ଏକାଡେମିକ୍ ଫାଉଣ୍ଡେସନ୍ ଦ୍ୱାରା 'କ୍ୟାଟସ୍ ଅନ୍ ଏ ହଟ୍ ଟିନ୍ ରୁଫ୍' ପୁସ୍ତକ ସହ 'ସ୍ମୃତି ଓ ସଙ୍କେତ' ଓଡ଼ିଆ କବିତା ପୁସ୍ତକ ସେ ରଚନା କରିଯାଇଛନ୍ତି ।

ଶ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ଡିଗ୍ରୀ ହାସଲ କରି ପ୍ରଥମେ ଭୁବନେଶ୍ୱର ରିଜିଓନାଲ୍ କଲେଜ୍ ଅଫ୍ ଏଜୁକେଶନ୍‌ରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ତାହାପରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ, ଢେଙ୍କାନାଳ ମହାବିଦ୍ୟାଳୟ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଇତ୍ୟାଦିରେ ଅଧ୍ୟାପନା କରିଥିଲେ । ତାଙ୍କର ପୁସ୍ତକ ଗୁଡ଼ିକ ପୃଥିବୀର ବିଭିନ୍ନ ଦେଶରେ ଆଲୋଚିତ ହେବା ସହ ସେ ଦୀର୍ଘ ଦିନ ଧରି 'ଟାଇମ୍‌ସ୍ ଅଫ୍ ଇଣ୍ଡିଆ'ର 'ସ୍ପିକିଙ୍ଗ୍ ଟ୍ରି'ରେ ଲେଖୁଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା କନକ ମଞ୍ଜରୀ ସାହୁ, ପୁତ୍ର ଅୟସ୍କାନ୍ତ, ଦୁଇଝିଅ ମୋନାଲିସା ଓ ଲୋପାମୁଦ୍ରା ଉପସ୍ଥିତ ଥିଲେ । ସ୍ୱର୍ଗତଃ ସାହୁ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌ର କଲୋଣ ଗ୍ରାମରେ ୧୯୪୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ।

## ବସୁଧା ପକ୍ଷରୁ ଗିରିଗୋବର୍ଦ୍ଧନ ଉତ୍ସବ

**ବାଙ୍କୀ:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ଡମପଡା ବ୍ଲକ ରଗଡି ଗିରିଗୋବର୍ଦ୍ଧନ ପୀଠରେ ପ୍ରତ୍ୟୁଷରୁ ଗୋ ପୂଜନ, ଗୋପାଳଜୀଙ୍କ ପୂଜାର୍ଚ୍ଚନା କରି ଦିବା ୧୧ଘଟିକା ସମୟରେ ଗୋ ମହାତ୍ମା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବସୁଧା ଟ୍ରଷ୍ଟର ସଭାପତି ଆଇନଜୀବୀ ଅଭୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସଭାପତି ସିଦ୍ଧେଶ୍ୱର ପାଇକରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମୁଖ୍ୟବକ୍ତା ଭାବେ କବି କୌଶିକ ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁବଳ ବେହେରା, ବାଙ୍କୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସଦାନନ୍ଦ ବାରିକ, ସମାଜସେବୀ ଫକୀର ଚରଣ ଦାଶ, ବାରଙ୍ଗର ସମାଜସେବୀ ନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଗୋ ସୁରକ୍ଷା, ପ୍ରକୃତି ଓ ପର୍ଯ୍ୟାବରଣ ଉପରେ ଆଲୋକପାତ କରିଥିଲେ । ଗୋଶାଳା ପରିବାରର ସଦସ୍ୟ ସନ୍ତୋଷ କୁମାର ସ୍ୱାଇଁ, ପ୍ରଭାତ ମହାପାତ୍ର, କବିରାଜ ଦାସ, ପ୍ରିୟଦର୍ଶିନୀ ବେହେରା, ଜଗତମାତା ସାହୁ, ଅର୍ପିତା ଧଳ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପଦ୍ମଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।।

## ଭାଇଚାରାର ଗଣପର୍ବ ବାଲିଯାତ୍ରା ମହୋତ୍ସବର ଭୂମିପୂଜନ

**କେନ୍ଦ୍ରାପଡ଼ା:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାର ଜିଲ୍ଲାର ଶିକ୍ଷା-ସଂସ୍କୃତି ପ୍ରଥା ପରମ୍ପରା, ଧର୍ମପରାଣ ଓ ଭାଇଚାରାର ଅନନ୍ୟ ଗଣପର୍ବ ଜିଲ୍ଲା ବାଲିଯାତ୍ରା ମହୋତ୍ସବ - ୨୦୨୫ ଆଜି ଅପରାହ୍ନରେ କେନ୍ଦ୍ରାପଡା ବ୍ଲକ ଅନର୍ଗତ ଗରାପୁର, ଗୁଲନଗର, ସୁଜାନଗର ତଥା କେନ୍ଦ୍ରାପଡା ନୂତନ ବସଷ୍ଟାଣ୍ଡ ସର୍ନ୍ନିକଟ ବାଲିଯାତ୍ରା ପଡିଆରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ପରମ୍ପରା ଅନୁଯାୟୀ ଗୁରୁ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ମନ୍ଦିରରେ ଗୁରୁ ପୂଜାପରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରର ଆଜ୍ଞାମାଳ ଆଣାଯାଇଥିଲା । ଏଥି ସହିତ ପୀରବାବାଙ୍କର ପୂଜା ଅର୍ଚ୍ଚନା କରାଯାଇଥିଲା । ଚଳିତ ବର୍ଷ ନଭେମ୍ବର ୫ରୁ ୧୧ ଯାଏ ହେବାକୁ ଯାଉଥିବାରୁ ଏହି ଅବସରରେ ୩ୟ ପ୍ରସ୍ତୁତି ବୈଠକ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂପାଦକ ସରକାରୀ ଓକିଲ ସଂଜୟ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୋଷାଧକ୍ଷ ମନୋରଂଜନ ତ୍ରିପାଠୀ ଆୟବ୍ୟୟ ସଂପର୍କରେ ଆଲୋଚନା କରିଥିଲେ । ଉପସଭାପତି ଅଭିମନ୍ୟୁ ଗୋଛାୟତ, ରମଣୀରଂଜନ ରାଉତରାୟ, ଧିରେନ୍ଦ୍ର ଦାସ, ପତ୍ରିକା ସଂପାଦକ ଶୁଭାଂଶୁ କୁମାର ଦାସ, ଶ୍ରୀଧର କୁମାର ମହାନ୍ତି, ଉପଦେଷ୍ଟା ପଣ୍ଡିତ ହୃଷୀକେଶ ରଥ, କପାଳେଶ୍ୱର ସରପଞ୍ଚ ପ୍ରତିନିଧି ଲୋହିତ ମହାନ୍ତି, କେନ୍ଦ୍ରାପଡା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସମାଜସେବୀ ରବିନ୍ଦ୍ର ସାହୁ, ଉପକୋଷାଧ୍ୟକ୍ଷ ପଞ୍ଚାନନ ଗେରୁ, ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି, ଗୋଲଖ ପରିଡା, ସେକ୍ ସମସୁର, ଅଶୋକ କୁମାର ସାହୁ, ରାଜୁ କୁବେର, ଟୁକୁନା ନାୟକ, ଦୀପକ ସାହୁ, ମହେନ୍ଦ୍ର ଆଚାର୍ଯ୍ୟ, ପୀତବାସ ଦାସ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ବସନ୍ତ କୁମାର ଦାସ, ସତ୍ୟବ୍ରତ ସିଂହ, ମଧୁସୂଦନ ବେହେରା, ଅବନି କୁମାର ଦାସ, ଡଃ ଅଭୟ କୁମାର ରାଉତ, ସେକ୍ କଲିମ୍ ଖାଁ, ରଜନି କାନ୍ତ ଦାସ, ସାମ୍ବାଦିକ ଅଲେଖ ନାୟକ, ଅବଦୁଲ୍ ମୁସ୍ତା ଖାଁ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ଉପସ୍ଥିତ ରହି କିପରି ସାତଦିନ ବ୍ୟାପୀ ହେବାକୁ ଯାଉଥିବା ବାଲିଯାତ୍ରା ମହୋତ୍ସବକୁ ସାନ୍ତି ଶୃଙ୍ଖଳାର ସହ କରାଯିବାକୁ ମତାମତ ପୋଷଣ କରିଥିଲେ । ଏହି ଅବସରରେ ଅଭ୍ୟର୍ଥନା କମିଟି ବିଜ୍ଞାପନ ସଂଗ୍ରହ କମିଟି, ଶୃଙ୍ଖଳା କମିଟି, ପ୍ରତିଯୋଗିତା ଓ ପ୍ରତିଭା ଅନ୍ୱେଷଣ କମିଟି, ପ୍ରତିକା କମିଟି, ସାଂସ୍କୃତିକ କମିଟି, ଅର୍ଥ କମିଟି, ଷ୍ଟଲ ସଜ୍ଜୀକରଣ କମିଟି, ମିଡିଆ କମିଟି, ବୋଇତ ବନ୍ଦାଣ କମିଟି, ପରିଚାଳନା କମିଟି, ଅଡିଟ କମିଟି, ସମ୍ବର୍ଦ୍ଧନା କମିଟି, ସାଂସ୍କୃତିକ କମିଟି, ସଞ୍ଚୟ ପରିଚାଳନା କମିଟି, ପାର୍କିଂ କମିଟି ଇତ୍ୟାଦି ୧୫ଗୋଟି କମିଟି ଗଠନ କରଯାଇଥିଲା । ଏଥର ଆକର୍ଷଣ ରାମ ଦୋଳି, ଚକ୍ରି, ରଙ୍ଗବେରଙ୍ଗର ସାଜସଜା, ବିଭିନ୍ନ ଘର ସୌଖିନ ସାମଗ୍ରୀ, ଠୁଙ୍କାପୁରୀ, ମନୋହରୀ ଫାଟଫୁଡ ଓ ସ୍ଥାନୀୟ ଖାଦ୍ୟ ଷ୍ଟଲ, ଚିତାକର୍ଷକ ସାଂସ୍କୃତିକ ସାହିତ୍ୟ କାର୍ଯ୍ୟକ୍ରମ, ସଭା ସମିତି, ନୃତ୍ୟଗୀତରେ ଚମକିବ ମଞ୍ଚ ବୋଲି ସଭାପତିଙ୍କୁ ସୂଚନା ଦେଇଥିଲେ । ଏହାର ଆନନ୍ଦ ନେବା କେନ୍ଦ୍ରାପଡାବାସୀଙ୍କୁ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା ।

## ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ



**ବେତନଟୀ:୨୨।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବଡସାହି ବ୍ଲକ ଅନ୍ତର୍ଗତ ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ବୁଡ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ସିଆରସିସି କାହ୍ନୁଚରଣ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବନିତା ଗିରି ପ୍ରଧାନଶିକ୍ଷୟତ୍ରୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଲକ୍ଷ୍ମଣ ରାଉତ, ଉମାକାନ୍ତ ସାସମଲ, ଶିବଚରଣ ମଣ୍ଡଳ ଅତିଥି ବୃନ୍ଦ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଜଗନ୍ନାଥ ମିଶ୍ର ଓ ବିଷ୍ଣୁ ଦାସ ମଞ୍ଚ ପରିଚାଳନା କରିଥିଲେ । ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗ ସୁରଭି କାର୍ଯ୍ୟକ୍ରମର ପ୍ରମୁଖ ବିଷୟ 'ମୋ ସ୍ୱପ୍ନର ଓଡ଼ିଶା ୨୦୩୬'ର ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା ପ୍ରତିଯୋଗିତା, ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠଦଳ ଗଠନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ମଧୁସ୍ମିତା ଗିରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ମୁଖ୍ୟବକ୍ତା ରମାକାନ୍ତ ମିଶ୍ର ଅଧ୍ୟାପକ ବାବା କାଖାରୁଆ ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗଦେଇଥିଲେ । ଗ୍ରାମାଞ୍ଚଳ ପିଲାମାନଙ୍କର ପ୍ରତିଭା ବିକାଶ ପାଇଁ ସୁରଭି ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥାଏ । ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭାକୁ ବିକଶିତ ଓ ପ୍ରଦର୍ଶିତ କରିବାର ସୁଯୋଗ ପାଇଥାନ୍ତି । ସେଥି ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଭୂମିକାକୁ ଅତିଥି ବୃନ୍ଦ ଭୂୟସୀ ପ୍ରଶଂସା କରିଛନ୍ତି ।


**AFFIDAVIT**

By virtue of an affidavit sworn before Notary Public, Kendrapara, Dt..13/10/2025 I, Noshea Rowa, S/o: Shekh Arshad of Vill/Po : Damarpur, Ps: Pattamundai Rural, Dist: Kendrapara, Odisha-754217 declare that I have changed my name from Sk. Naserawa to Noshea Rowa. Henceforth I shall be known as Noshea Rowa for all purpose.

**Noshea Rowa**

**AFFIDAVIT**

By Virtue of an affidavit sworn before Executive Magistrate, Pattamundai, Kendrapara, on Dt. 22.10.2025. I, Bhramarbar Sethi Age 41, S/o-Mandardhar Sethi, Resident of At/Po -Kasananta, PS - Pattamundai, Dist-Kendrapara, affirm that: My real name is as Bhramarbar Sethi mentioned in my Aadhaar Card bearing serial No. 6544 2574 0969 & same name has also mentioned in my HSC Certificate. But in my passport Vide No J8015431 my name has been wrongly mentioned as Bhramarbar Sethy instead of my correct name Bhramarbar Sethi. In fact Bhramarbar Sethi and Bhramarbar Sethy is one and same person in the said village: Kasananta.

**Bhramarbar Sethi**
**Kasananta**

**IN THE COURT OF THE CIVIL JUDGE (S.D.), BALANGIR**
Civil Suit No. 313 of 2022
Abhaya Prasad Sarangi ... Plaintiff
Vrs.
Jagadish Sarangi & others .... Defendants

**NOTICE U/O 5, RULE - 20 C.P.C.**

1. Jagadish Sarangi, S/o late Dayanidhi Sarangi, aged about 66 years, Occupation - Cultivation, R/o Khaliapali, PO Khaliapali, PS -Loisingha, Dist. Balangir at present R/o - Rameswarnagar, Balangir, PO/PS/Dist. Balangir
2. Arabinda Mohanty, S/o Jitendranath Mohanty, Aged about 39 years, Occupation-Business, R/o Plot No. 251, Lingaraj Nagar, near Mulapatia Old Town, Bhubaneswar PO/PS Bhubaneswar, Dist. Khordha

Whereas, Abhaya Prasad Sarangi as plaintiff has filed a suit with a prayer of declaration of right, title and possession of the plaintiff over suit land i.e. Mouza - Khaliapali, P.S. - Loisingha, P.S. No. 109, Khata No. 111/46 Plot No. 868/1042; 867/1041; 866/1041; 863; 862 and 764 total measuring Ac.1.44 dec. and for declaration of e-registration Deed No. 10361500495 dated 14.10.2015 null and void and permanent injunction restraining the defendants from interfering in the possession of the plaintiff. But in-spite of summons were filed and issued several times, you are keeping yourself out of notice and thus you are hereby summoned through this publication to appear before this court on dated 10.11.25 at 10:00 am personally or through pleader or authorised agent, failing which the suit will be heard in your absence and necessary orders will be passed against you.

**Civil Judge (S.D.), Balangir**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୩ ଅକ୍ଟୋବର ୨୦୨୫ ● ଗୁରୁବାର


## ଘରୋଇ ହସ୍ପିଟାଲ୍ ସରକାରଙ୍କ ଟଙ୍କା ହଡପ୍ ଘଟଣା: ଆୟକର ବିଭାଗରେ ନାହିଁ ତଥ୍ୟ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସମେତ ସାରା ଓଡିଶାରେ ପ୍ରତ୍ୟେକ ଦିନ ଛତୁ ଫୁଟିଲା ବେଆଇନ ନର୍ସିଂହୋମ୍ ଓ ଘରୋଇ ହସ୍ପିଟାଲ୍ ଗଢି ଉଠୁଛି ଉଠୁଥିବାବେଳେ କେତେକଙ୍କର ନା ଅଛି ପାର୍କିଂ, ନା ଅଛି, ଫାୟାର ସେଫଟି, ନା ଅଛି ଗରିବ ରୋଗୀଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ଏବଂ କେଉଁ ସଂସ୍ଥା କେତେ ରୋଗୀଙ୍କ ପିଛା ଆୟବ୍ୟୟର ହିସାବ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ସହିତ କେଉଁ ନର୍ସିଂହୋମମାନଙ୍କରେ କେତେଜଣ ଡାକ୍ତର, ନର୍ସିଂହୋମ୍ ଷ୍ଟାଫ୍, କର୍ମଚାରୀ, ଓଉଟ ବ୍ୟବସ୍ଥା, କେଉଁ କେଉଁ ବିଭାଗର ଡାକ୍ତର, କେତେଜଣ ନୋଡାଲ୍ ଅଫିସର ନିଯୁକ୍ତି ହୋଇଛନ୍ତି ଏବଂ "ବିଜୁ ସ୍ୱାସ୍ଥ୍ୟ କାର୍ଡ" ଓ "ଆୟୁଷ୍ମାନ ଭାରତ" ଦ୍ୱାରା କେଉଁ କେଉଁ ରୋଗୀଙ୍କ ଠାରୁ କେତେ ଟଙ୍କା ରୋଜଗାର କରିଛନ୍ତି ଓ ସେଥିରୁ କେତେ ଅର୍ଥ ଆୟକର ବିଭାରେ ଦାଖଲ କରିଛନ୍ତି, ତାହାର ସମ୍ପୂର୍ଣ୍ଣ ତଥ୍ୟ ସୂଚନା ଆଇନ ବଳରେ ସମାଜସେବୀ ସୁକାନ୍ତ ସେଠୀ ତଥ୍ୟ ମାଗିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡିଶା ରାଜ୍ୟ ପୁରୀ ଜିଲ୍ଲା ପେଣ୍ଟକଟାସ୍ଥିତ ଭାରତ ସରକାରଙ୍କ ଆୟକର ବିଭାଗ ନିକଟରେ ତଥ୍ୟ ନାହିଁ ବୋଲି ଚିଠି ସଂଖ୍ୟା – ୧୦୯୪/ଆରଟିଆଇ/୨୦୨୫-୨୬, ପୁରୀ ଓ୍ୱାର୍ଡ ତାରିଖ ୨୦ ଅକ୍ଟୋବର ୨୦୨୫ରେ ଉତ୍ତର ମିଳିଛି । ତେଣୁ "First Appeal Authority"ଙ୍କ ଦ୍ୱାରସ୍ତ ହେବେ ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ଅବୈଧ ମଦ କାରବାର ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ




**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଣପୁର ପୋଲିସ ଏବଂ ବାଲୁଗାଁ ଅବକାରୀ ବିଭାଗ ଦ୍ୱାରା ଏକ ମିଳିତ ଅଭିଯାନରେ, ବାଣପୁର ଥାନା ଅଧୀନସ୍ଥ ବ୍ରହ୍ମପଦର କୋଟୁଆଳ ଗ୍ରାମରେ ଅବୈଧ ମଦ କାରବାର ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଚଢାଉ ସମୟରେ, ପ୍ରବର୍ତ୍ତନ ଦଳଗୁଡ଼ିକ ଘଟଣାସ୍ଥଳରୁ ପ୍ରାୟ ୧୧.୦୦୦ କେଜି ମହୁଲ ପୋଚୋ ଏବଂ ୧,୮୨୦ ଲିଟର ଅବୈଧ ଭାବରେ ପାତନ (ଆଇଡି) ମଦ ଜବତ ଏବଂ ନଷ୍ଟ କରିଥିଲେ।

ଏହି ଅଭିଯାନର ଲକ୍ଷ୍ୟ ଥିଲା ଦେଶୀ ମଦର ଅବୈଧ ଉତ୍ପାଦନ ଏବଂ ବିକ୍ରୟ, ଯାହା ଗୁରୁତର ସ୍ୱାସ୍ଥ୍ୟ ବିପଜ୍ଜନକ ଏବଂ ସାମାଜିକ ସଭାବକୁ ପ୍ରଭାବିତ କରିଥାଏ। ଖୋର୍ଦ୍ଧା ପୋଲିସ ଏକ ମଦମୁକ୍ତ ଏବଂ ଆଇନ ପାଳନକାରୀ ସମାଜ ବଜାୟ ରଖିବା ପାଇଁ ତାର ପ୍ରତିବଦ୍ଧତାକୁ ଦୋହରାଇଛି ଏବଂ ଆଗାମୀ ଦିନରେ ଏପରି ମିଳିତ ଅଭିଯାନ ଜାରି ରହିବ।

## ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ମାଣତ୍ରି ଗ୍ରାମର ଜଣେ ମହିଳାଙ୍କର ସ୍କୁଟିରେ ଦୁର୍ଘଟଣା ଘଟି ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଗ୍ରାମର ରବୀନ୍ଦ୍ର କୁମାର ଶିଅଳଙ୍କର ସ୍ତ୍ରୀ ମଞ୍ଜୁଲତା ଶିଅଳ(୪୯) ଗତ ୧୦ ତାରିଖ ଦିନ ସୋର ରେଳ ଓଭରବ୍ରିଜ ପାର ହୋଇ ନିଜ ସ୍କୁଟିରେ ଯିବା ସମୟରେ ଗାନ୍ଧିସେବାସଂଘ ଛକ ହମ୍ପସରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରଥାମେ ସୋର ଏବଂ ପରେ ବାଲେଶ୍ୱରକୁ ସ୍ଥାନାନ୍ତର ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବାନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗତ ସୋମବାର ଦିନ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଗ୍ରାମାରେ ଶୋକର ଛାୟା ଖେଳିଯାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ମରଣରୀରକୁ ନିଜ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି।

## କୋଶଳ ଗବେଷକ ମଣ୍ଡଳୀଙ୍କୁ ସ୍ୱାଗତ



**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

କାର୍ତ୍ତିକ ଚତୁର୍ଦ୍ଦଶୀ ଅବସରରେ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାସ୍ଥଳୀ ପବିତ୍ର ପ୍ରାଚୀ କ୍ଷେତ୍ରସ୍ଥ ପ୍ରମୁଖ ଦେବସ୍ଥଳୀ ସହ ପଦ୍ମସଂମ୍ଭବ ପୀଠ ଦର୍ଶନରେ ବଲାଙ୍ଗୀରୀର ବରିଷ୍ଠ କୋଶଳ ସଂସ୍କୃତି ଗବେଷକ ସୁନିଲ କୁମାର ଠାକୁର, ସୁଶ୍ରୀ ସଂଘମିତ୍ରା ପାଣିଗ୍ରାହୀ ଓ ସହଦେବ ସାହୁ ପ୍ରମୁଖ ଆସି ମା ମଙ୍ଗଳା ଓ ଶ୍ରୀ ମାଧବାନନ୍ଦ ଜୀଯୁଙ୍କୁ ଦର୍ଶନ କରିଛନ୍ତି। ବିଶ୍ୱରେ ଦ୍ୱିତୀୟ ବୁଦ୍ଧଭାବେ ପ୍ରସିଦ୍ଧ କୋଶଳ ଯୁବରାଜ ପଦ୍ମ ସଂମ୍ଭବଙ୍କ ତପସ୍ଥଳୀ ଦର୍ଶନକରି ଭାବବିହ୍ୱଳ ହୋଇଯାଇଛନ୍ତି। ପୀଠସ୍ଥଳୀରେ ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଠାରୁ ପ୍ରାଚୀତୀର୍ଥ ମହାତ୍ମ୍ୟ, ବୌଦ୍ଧସଂନ୍ଥ ପଦ୍ମ ସଂମ୍ଭବଙ୍କ ସାଧନା ବିଷୟ ଅବଗତ ହୋଇଛନ୍ତି। କୋଶଳ ଯୁବରାଜ ପଦ୍ମ ସଂମ୍ଭବ ଶ୍ରୀ ଜଗନ୍ନାଥଙ୍କ ପ୍ରିୟ ଲୀଳାକ୍ଷେତ୍ର ପ୍ରାଚୀତଟକୁ ଆସି ଏଠାରେ ତପସିଦ୍ଧ ହେବାପରେ ବିଶ୍ୱ ପ୍ରସିଦ୍ଧ ନାଳନ୍ଦା ବିଶ୍ୱ ବିଦ୍ୟାଳୟରେ ବୌଦ୍ଧ ଦର୍ଶନର ପ୍ରାଧ୍ୟାପକ ପଦ ତୁଲାଇଥିଲେ। ସେଠାରେ ବୌଦ୍ଧଗୁରୁ ମାନଙ୍କ ସମାବେଶରେ ସାଧକ ପଦ୍ମସଂମ୍ଭବଙ୍କୁ ଦ୍ୱିତୀୟ ବୌଦ୍ଧ ସମ୍ମାନ ମିଳିଥିଲା। ବରିଷ୍ଠ କୋଶଳ ସଂସ୍କୃତି ଗବେଷକ ମାନଙ୍କୁ ଉତ୍ତୋରୀୟ ପ୍ରଦାନ ପୂର୍ବକ ପ୍ରାଚୀ ପୀଠ ସ୍ଥଳରେ ସ୍ୱାଗତ କରାଯାଇଛି। ସେମାନେ ମଧ୍ୟ ପଣ୍ଡିତ ତ୍ରିଲୋଚନ ମିଶ୍ର ଓ ତାଙ୍କ ସହଧର୍ମିଣୀ ସୌଦାମିନୀ ମିଶ୍ରଙ୍କୁ ଭକ୍ତ ଜୟଦେବଙ୍କ ବଂଶଦ ଜାଣି ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗ ଲାଗି ଶ୍ରୀ ଗୀତଗୋବିନ୍ଦ ପାଟ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ଦାବିପତ୍ର



**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କଳାକାରଙ୍କ ଭତ୍ତା ମାସିକ ଦୁଇ ହଜାର ଟଙ୍କା ପରିବର୍ତ୍ତେ ୫ ହଜାରକୁ ବୃଦ୍ଧି, ୨୦୨୧-୨୨ ମସିହାରେ ଚୟନ କରାଯାଇଥିବା କଳାକାରଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଭତ୍ତା ପ୍ରଦାନ କରାଯାଉ, ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯିବା ନିମନ୍ତେ ୫୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ବୃଦ୍ଧି କରାଯାଉ, ବ୍ଲକସ୍ତରୀୟ ସଂକୀର୍ତ୍ତନ ପ୍ରଶିକ୍ଷଣ ନିମନ୍ତେ ସଂକୀର୍ତ୍ତ ନ ଭବନ ନିର୍ମାଣ କରିବା, ଗ୍ରାମାଞ୍ଚଳରେ ସଂକୀର୍ତ୍ତନ କଳାକାରଙ୍କୁ ସରକାରୀ ସଚେତନ ବାର୍ତ୍ତା ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର ନିମନ୍ତେ ସୁଯୋଗ ପ୍ରଦାନ କରାଯିବାକୁ ବ୍ଲକ ସଭାପତି ନୀଳମଣି ଦାସ, ସମ୍ପାଦକ ନଟବର ମହାନ୍ତି, ନାରାୟଣ ଚନ୍ଦ୍ର ରଣା, ଧ୍ରୁବଚରଣ ସେଠୀ, ପ୍ରଭାକର ସେଠୀ, ସାଧୁଚରଣ ମଲ୍ଲିକ, ଅନାଦି ମଲ୍ଲିକ, ଶିବରାମ ସେଠୀ, ନଟବର ମଲ୍ଲିକ, ମକର ଚରଣ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ବିପଦଶଙ୍କୁଳ ସ୍କୁଲଗୃହ ଦେଖିବାକୁ ଯାଇଥିବା ଜେଇଙ୍କୁ ବିରୋଧ

**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**




ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତର ଖୁଣ୍ଟାଗ୍ରାମର ଥିବା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ବିପଦ ସଂକୁଳନ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ୫୭ଜଣ କୁନିକୁନି ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଥିବା ବେଳେ ବୁଧବାର ଦିନ ବେତନଟୀ ବ୍ଲକର ଡିପିସି ଜେଇ ପ୍ରଶାନ୍ତ କୁମାର ବେହେରା ବିଦ୍ୟାଳୟ ଗୃହ ମରାମତି କରିବା ପାଇଁ ଦେଖିବାକୁ ଯାଇଥିବା ବେଳେ ଖୁଣ୍ଟା ଗ୍ରାମବାସୀଙ୍କ ଦ୍ୱାରା ବିରୋଧର ସମ୍ମୁଖୀନ ହୋଇଛନ୍ତି। ଏଭଳିକି ଗ୍ରାମବାସୀଙ୍କର ଅସନ୍ତୋଷକୁ ବୁଝାଇବାକୁ ଯାଇ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କୁ ମୋବାଇଲ ଫୋନ ଯୋଗେ କଥା କରାଇଥିଲେ ମଧ୍ୟ ବିଡ଼ିଓଙ୍କ କଥା ଶୁଣି ଗ୍ରାମବାସୀମାନେ ଅଧିକ ଉତ୍ତେଜିତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୦୦୨ ମସିହାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଥିବା ପାଞ୍ଚଟି ଶ୍ରେଣୀ ପାଇଁ ଦୁଇଟି ଶ୍ରେଣୀ ଗୃହ ଓ ଏକ ରୋଷେଇ ଗୃହ ନିର୍ମାଣ ହୋଇଛି। ସେହି ବିଦ୍ୟାଳୟରେ ମଧ୍ୟ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ପ୍ରାୟ ୮ବର୍ଷ ପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ରୋଷେଇ ଗୃହକୁ ଅଚଳ ଘୋଷଣା କରାଯାଇ ଅନ୍ୟ ଏକ ରୋଷେଇ ଘର ନିର୍ମାଣ କରାଯାଇଛି ବୋଲି ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଜୋସ୍ନା ସାହୁ ପ୍ରକାଶ କରିଛନ୍ତି। ମାତ୍ର ଗ୍ରାମବାସୀଙ୍କ କହିବା ଅନୁସାରେ ରୋଷେଇ ଗୃହ ଅଚଳ ଘୋଷଣା କରାଯାଇଥିବା ବେଳେ ବିଦ୍ୟାଳୟ ଗୃହ ମଧ୍ୟ ଏକ ସମୟରେ ନିର୍ମାଣ ହୋଇଥିବାରୁ ତାହା ଆଜି ପର୍ଯ୍ୟନ୍ତ ମରାମତି ମଧ୍ୟ ହୋଇପାରିନାହିଁ। ଏହି ବିଦ୍ୟାଳୟର ଦୁଇଟି ଶ୍ରେଣୀ ଗୃହ ଓ ବାରଣ୍ଡାର ଭିତର ଓ ବାହାର ପାର୍ଶ୍ୱ ସବୁ ସ୍ଥାନରେ ଫାଟ ପଡିଛି। ଅଧିକାଂଶ ଉପର ଛାତରୁ କଂକ୍ରିଟ ସିମେଣ୍ଟମାନ ଖସି ପଡିଥିବାର ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଓ ବାରଣ୍ଡା ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ଖସୁଥିବା ବେଳେ ଅଳ୍ପକେ ବିପଦରୁ ବର୍ତ୍ତୀ ଯାଉଛନ୍ତି ଆମ ବିଦ୍ୟାଳୟର ପିଲାମାନେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାର ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ଗୃହ ବହୁ ପୂର୍ବରୁ ମରାମତି ହେବାକୁ ଥିବା ବେଳେ ବହୁ ବିଳମ୍ବରେ ବ୍ଲକ ପ୍ରଶାସନ ଶ୍ରେଣୀ ଗୃହ ମରାମତି ପାଇଁ ଆସୁଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ମିନତୀ ମହାକୁଡ଼ ଓ ନଡପୁର ଗ୍ରାମପଂଚାୟତ ସମିତି ସଭ୍ୟ ସୁଦାମ ମହାକୁଡ଼ ଅଭିଯୋଗ ଉଠାଇ କହିଛନ୍ତି ଯେ ଖୁଣ୍ଟା ଗ୍ରାମରେ ନୂତନ ବିଦ୍ୟାଳୟ ଗୃହ ଗ୍ରାମବାସୀଙ୍କ ଦାବି ରହିଥିବା ବେଳେ ପଦକ୍ଷେପ ନିଆଯାଉନାହିଁ। ନୂତନ ଶ୍ରେଣୀ ଗୃହ ଦିଆନଯାଇ ବହୁ ବିଳମ୍ବରେ ପ୍ରଶାସନ ଶ୍ରେଣୀ ଗୃହ ମରାମତି ପାଇଁ ଆସୁଥିବା ବେଳେ ଛାତରୁ କଂକ୍ରିଟ ପଡି ପିଲାମାନଙ୍କର କିଛି କ୍ଷତି ହେଲେ ତାଙ୍କ ପିତାମାତାଙ୍କୁ ପିଲା ଫେରେଇ ପାରିବେ କି ପ୍ରଶାସନ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ନଡପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଷ ମହାନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି ମୁଁ ନୂଆ ଆସିଛି, ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ବିଷୟରେ ଜାଣିନାହିଁ ପରେ ଜଣାଇବି। ସେହିଭଳି ବେତନଟୀ ବ୍ଲକର ଡିପିସି ଜେଇ ପ୍ରଶାନ୍ତ ବେହେରା କହନ୍ତି ୨୦୧୪ମସିହା ପରେ ନୂତନ ବିଦ୍ୟାଳୟ ଗୃହ ଆସିନାହିଁ। ଏହାଠାରୁ ଅଧିକ ଖରାପ ଥିବା ବିଦ୍ୟାଳୟ ଗୃହରେ ପିଲାମାନେ ଅଧ୍ୟୟନ କରୁଛନ୍ତି, ମରାମତି ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ମରାମତି ପାଇଁ ଆସିଥିବା ବେଳେ ମୁଁ ବିଦ୍ୟାଳୟକୁ ଯାଇଥିଲି। ଗ୍ରାମବାସୀ କିଛି ନବୁଝି ମୋତେ ବିରୋଧ କରିଥିଲେ। ସରକାର ନୂତନ ଗୃହ ଯୋଗାଇ ନଦେଲେ ଆମେ କିଭଳି କରିବୁ ବୋଲି କହିଛନ୍ତି।

## ଜବରଦଖଲ ଉଚ୍ଛେଦ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ତହସିଲ ଅଧୀନ ଗରଜଙ୍ଗା ପଞ୍ଚାୟତ ବଡପାଳ ବଜାର ନିକଟସ୍ଥ ଏକ ସରକାରୀ ଜବର ଦଖଲ ଜମିକୁ ତହସିଲ ପ୍ରଶାସନ ମାର୍ଶାଘାଇ ପୋଲିସ ସହାୟତାରେ ଉଚ୍ଛେଦ କରିଛି। ଗରଜଙ୍ଗାରେ କୋର୍ଟ ଆଦେଶ ମୁତାବକ ସରକାରୀ ଜାଗା ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ ଗରଜଙ୍ଗା ଗ୍ରାମର ନିଶାମଣି ସେଠିଙ୍କ ପତ୍ନୀ କମଳା ସେଠୀଙ୍କ ଜାଗାକୁ ଅନୈତିକ ଭାବେ ପରକୁଳା ନାରଣପୁର ଗ୍ରାମର କାଞ୍ଚନ ମଲ୍ଲିକ ଓ କେଦାର ମଲ୍ଲିକ ମାଡିବସି ଅଧିକାର କରି ଚାଳଘର କରି ରହୁଥିଲେ। ଦଶବର୍ଷ କାଳଧରି କମଳା ଥାନା, ତହସିଲ ଓ କୋର୍ଟ କଚେରୀ ଧାଇଁବା ପରେ ଆଜି କେନ୍ଦ୍ରାପଡା ସିଭିଲ କୋର୍ଟ କମିଶନର ଜ୍ୟୋତିରଞ୍ଜନ ସାମଲ, ପ୍ରୋସେସ ସର୍ଭର ଗଣେଶ୍ୱର ନାୟକ, ମାଜିଷ୍ଟ୍ରେଟ ଭାବେ ମାର୍ଶାଘାଇ ଆଡିସନାଲ ତହସିଲଦାର ଲକ୍ଷ୍ମୀପ୍ରିୟା ଦାଶ, ସୁପରଭାଇଜର ଅଭିମନ୍ୟୁ ସେଠୀ, ରାଜସ୍ୱ ନିରୀକ୍ଷକ ପାଲୁରାମ କିସ୍କୁ ଓ ମାର୍ଶାଘାଇ ଥାନା ପୋଲିସକୁ ଧରି ଜବରଦଖଲ ଉଚ୍ଛେଦ କରିବାରେ ସଫଳ ହୋଇଛନ୍ତି। ମାର୍ଶାଘାଇ ଥାନା ଅଧିକାରୀ ଆଇଆଇସି ଇନ୍ସପେକ୍ଟର ତପନ କୁମାର ନାୟକ, ଇନ୍ସପେକ୍ଟର ନାରାୟଣ ସାହୁଙ୍କ ସହ ଘଟଣା ସ୍ଥଳରେ ଉପସ୍ଥିତ ରହିଥିଲେ।

## ସାଇବର ଅପରାଧ ନିରାକରଣ ସଚେତନତା




**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅଧୀନ ମଞ୍ଜରୀ ଦେବୀ ନର୍ସିଂ କଲେଜ ସମ୍ମିଳନୀ କକ୍ଷରେ ଆଜି କମିସନରେଟ ପୁଲିସ ଏବଂ ସାଇବର ପୁଲିସ ମିଳିତ ସହଯୋଗରେ ସାଇବର ଅପରାଧ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ବାଲିଅନ୍ତା ଥାନା ଅଧିକାରୀ ଅନୀଲ ପରିଡା ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ସାଇବର ଥାନା ଏସଆଇ (ଏକ୍ସପର୍ଟ) ପ୍ରତାପ ଦାଶ ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏଥିରୁ ଦୂରେଇ ରହିବା ପାଇଁ ସଚେତନ କରାଇଥିଲେ। ଏସଆଇ ମାନସ ମଲ୍ଲିକ ଏବଂ ବାଳକାଟି ଫାଣ୍ଡି ଅଧିକାରୀ ରାମାନନ୍ଦ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ମଞ୍ଜରୀ ଦେବୀ କଲେଜ ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ ଓ ଉପ ସଭାପତି ଜ୍ୟୋସ୍ନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ମଧ୍ୟରେ କୌଣସି ଅଜଣା ଭିଡିଓ କଲ ନଉଠାଇବା, ଅଜଣା ଫୋନ କଲ ହଠାତ ନୁଠାଇବା, ଓଟିପି ନଦେବା, ପ୍ରଲୋଭିତ ହୋଇ କୌଣସି ଅନଲାଇନ ଆପ କ୍ଲିକ କରି ଅର୍ଥ ଲଗାଣ ନକରିବା, ଅନଲାଇନ ଗେମ ଠାରୁ ଦୂରରେ ରହିବା ଏବଂ ଯଦି ଫୋନ ଚୋରିଗଲା କି ହଜିଗଲା ତାହେଲେ ତୁରନ୍ତ ସିମ ବ୍ଲକ କରିବା ସହ ଥାନାରେ ଜଣାଇବା, ଫୋନରେ ବିଭିନ୍ନ ବାହାନା ଦେଖାଇ ଟଙ୍କା ମାଗିବା, ଅଡିଓ ଓ ଭିଡିଓ ଅଛି କହି ଟଙ୍କା ଦାବି କରୁଥିବା ଠକ କିମ୍ବା ଠକ ସଂସ୍ଥା ଧମକରେ ଭୟଭୀତ ନହୋଇ ଅନୁସନ୍ଧାନ କରିବା ସହ ଭୟଭୀତ ନହେବା, ଦରକାର ପଡିଲେ ସାଇବର ଥାନାରେ ଅଭିଯୋଗ କରିବା ଆଦି ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ସାଇବର ରଥ ଏଲଇଡି ସହାୟତାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲା।

## ଝାଡେଶ୍ୱର କଲେଜ୍‌ରେ ସାଇବର ସଚେତନତା

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**



ବର୍ତ୍ତମାନ ସମୟରେ ଦେଶ ଓ ରାଜ୍ୟରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଅନଲାଇନ ଠକେଇ, ଫିସିଂ, ଫେକ୍ ଆକାଉଣ୍ଟ ଓ ଅନ୍ୟାନ୍ୟ ମାଧ୍ୟମରେ ସାଇବର ମାଫିଆ ଲୋକଙ୍କୁ ଠକିବା ଘଟଣା ଅବିରତ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓ ପୋଲିସ ବିଭାଗ ତରଫରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଗତ କାଲି ଟମକା ଛକରେ ସାଇବର ସୁରକ୍ଷା ବିଷୟରେ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ବିସ୍ତୃତ ଅବଗତ କରାଇଲେ। ସେହିପରି ଆଜି ବୁଧବାର ଟମକା ଥାନା ଅନ୍ତର୍ଗତ ଝାଡେଶ୍ୱର ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଳିଙ୍ଗନଗର ଅତିରିକ୍ତ ସୁପରିଣ୍ଟେଡେଣ୍ଟ ଓ ଟମକା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ଉପସ୍ଥିତ ହୋଇଥିଲେ। ସେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସାଇବର ସୁରକ୍ଷା ବିଷୟରେ ବିସ୍ତୃତ ଅବଗତ କରାଇ ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସତର୍କ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଉପସ୍ଥିତ ଅତିଥି କହିଥିଲେ, ସାଇବର ଅପରାଧରୁ ବଞ୍ଚିବାର ଏକମାତ୍ର ଉପାୟ ହେଉଛି ସଚେତନତା ଓ ସତର୍କତା। ଅଜଣା ଲିଙ୍କ କ୍ଲିକ କରିବା ନୁହେଁ, ବ୍ୟାଙ୍କ ସୂଚନା ଅନଲାଇନରେ ଶେୟର ନକରିବା ଓ ଫେକ୍ କଲର ଜାଲରେ ପଡ଼ିବାରୁ ରକ୍ଷା ପାଇବା ଆବଶ୍ୟକ। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସାଇବର ସୁରକ୍ଷା ରଥ ଅଭିଯାନ ଅନୁସାରେ ୩୪ଟି ରଥ ସାରା ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ ଓ ପଞ୍ଚାୟତ ଅଞ୍ଚଳ ଭ୍ରମଣ କରି ଲୋକମାନଙ୍କ ମଧ୍ୟରେ ସଚେତନତା ଗଢ଼ି ତୁଳୁଛି। ପ୍ରତିଦିନ ଅତି କମେ ଦୁଇଟି ଶିକ୍ଷାନୁଷ୍ଠାନରେ ସାଇବର ଆୱାରନେସ ପ୍ରୋଗ୍ରାମ ଆୟୋଜିତ ହେଉଛି। ସେଥିରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଓ ଚର୍ଚ୍ଚା ସଭା ମାଧ୍ୟମରେ ସଚେତନତା ବଢ଼ାଯାଉଛି। ଏହି ଅଭିଯାନରେ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟ, ସ୍କୁଲ ଓ ଉଚ୍ଚଶିକ୍ଷା ବିଭାଗ, ପଞ୍ଚାୟତିରାଜ ଓ ସୂଚନା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଭାଗ ହେଉଛନ୍ତି।

## କଏଦୀ ଫେରାର ଘଟଣାର ସ୍ଥିତି ଅନୁଧ୍ୟାନ କଲେ ଏସପି

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ସୋର ସବ ଜେଲରୁ କଏଦୀ ଫେରାର ଘଟଣାରେ ଆଜି ପୂର୍ବାହ୍ନରେ ଜେଲ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ବାଲେଶ୍ୱର ଏସ୍ପି ପ୍ରତ୍ୟୁଷ ଦିବାକର। ଗତ ୧୯ ତାରିଖରେ ସିମୁଳିଆ ପୁଲିସ ପକ୍ଷରୁ ଜଣେ ଝାଡଖଣ୍ଡ ଅଂଚଳର କଏଦୀଙ୍କୁ ସୋର ସବ ଜେଲକୁ ଅଣାଯାଇଥିଲା। ଗତକାଲି ସନ୍ଧ୍ୟାରେ ଜେଲ ପାଚେରୀ ଡେଇଁ କଏଦୀ ଜଣଙ୍କ ଫେରାର ହୋଇଯାଇଥିଲା। ଏନେଇ ଆଜି ବାଲେଶ୍ୱର ଏସପି ଜେଲର ସ୍ଥିତି ପରିଦର୍ଶନ କରିବା ସହିତ ଜେଲରେ ଥିବା ସମସ୍ୟା ବାବଦରେ ଜେଲରଙ୍କ ସହ ଆଲୋଚନା କରିଥିଲେ। ଫେରାର କଏଦୀଙ୍କୁ ଖୋଜିବା ପାଇଁ ଝାରଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଛି। ଖୁବଶୀଘ୍ର ଫେରାର କଏଦୀକୁ ଧରାଯିବା ବୋଲି ଏସପି ସୂଚନା ଦେଇଛନ୍ତି।

## କୁସୁମୀ ମାଳବନ୍ଧ ରାସ୍ତା ମରଣଯନ୍ତା

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ନଦୀ ପାର୍ଶ୍ୱସ୍ଥ ମାଳବନ୍ଧ ରାସ୍ତାର ଦୁରାବସ୍ଥାକୁ ନେଇ ଅଞ୍ଚଳବାସୀ ପ୍ରତି ମୁହୂର୍ତ୍ତରେ ଏବେ ପ୍ରମାଦ ଗଣୁଥିବା ଜଣାପଡିଛି। ଉକ୍ତ ମାଳବନ୍ଧ ରାସ୍ତାର ବିଭିନ୍ନ ସ୍ଥାନ ବର୍ଷାଦିନ ପରେ ବିପଦଶଙ୍କୁଳ ହୋଇପଡିଛି। ଲଗାଣ ବର୍ଷାର ପ୍ରଭାବରେ ମାଳବନ୍ଧ ରାସ୍ତାରେ ୨ଟି ବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଉକ୍ତ ରାସ୍ତାଦେଇ ଯାତାୟତ ନିମନ୍ତେ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରକାଶଥାଉକି ରାଜ୍ୟ ସରକାର ଜଳସେଚନ ବିଭାଗ ଜରିଆରେ ଉକ୍ତ ମାଳବନ୍ଧ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ପ୍ରତିବର୍ଷ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି। ମାତ୍ର ଅନୁଦାନ ଅର୍ଥ ଠିକ ରୂପେ ବିନିଯୋଗ ନହୋଇ ବାଟମାରଣା ହେଉଥିବାରୁ ମାଳବନ୍ଧ ରାସ୍ତା ସମୟାନୁକ୍ରମ ସୁଦୃଢ ହେବା ପରିବର୍ତ୍ତେ ଦୁର୍ବଳ ହେବାରେ ଲାଗିଛି। ଫଳରେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ଅନୁଦାନ ଅର୍ଥ ପାଣିରେ ପଡିବା ସାର ହୋଇଛି। ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ମାଳବନ୍ଧ ରାସ୍ତା ଉନ୍ନତିକରଣ କାର୍ଯ୍ୟରେ ନିୟୋଜିତ ଠିକାଦାରମାନେ ମନଇଚ୍ଛା କାର୍ଯ୍ୟ କରୁଥିବାରୁ କୁସୁମୀ ମାଳବନ୍ଧ ରାସ୍ତା ଅବସ୍ଥା ସୁଧୁରୁ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମରଣଯନ୍ତା ପାଲଟିଥିବା ଉକ୍ତ ମାଳବନ୍ଧ ରାସ୍ତା ଦେଇ ଯାତାୟାତ କରିବାକୁ ଆଖପାଖ ଅଞ୍ଚଳର ଜନସାଧାରଣ ଏବେ ଅନିଚ୍ଛା ପ୍ରକାଶ କରୁଥିବା ବେଳେ ସାମାନ୍ୟ ଅସରାଏ ବର୍ଷା ହେଲେ ମାଳବନ୍ଧ ରାସ୍ତା ଗମନାଗମନ ନିମନ୍ତେ ସଂପୂର୍ଣ୍ଣରୂପେ ଅନୁପଯୁକ୍ତ ହୋଇ ପଡୁଛି। ନୟାଗଡ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଓ ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ଇଟା ଫ୍ୟାକ୍ଟ୍ରିରେ କ୍ରୋମାଇଟ ଗଚ୍ଛିତକୁ ନେଇ ସନ୍ଦେହ

**ବ୍ୟାସନଗର:ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲ୍ଲାରେ ଖୁଲୁମଖୁଲା ଚାଲିଛି କ୍ରୋମାଇଟ ଚୋରା ଚାଲାଣ। ଅଧିକାରୀମାନଙ୍କର ନିରବତାକୁ ନେଇ ସାଧାର ଲୋକଙ୍କର ଭରସା ସରକାରଙ୍କ ଉପରୁ ଉଠିଲାଣି। ବର୍ତ୍ତମାନ ଚାରିଆଡେ ଲଘୁ ଖଣିଜର ଅବାଧ ଚୋରା ଚାଲାଣ ହଉଥିବା ବେଳେ କ୍ରୋମାଇଟ ପରି ମୂଲ୍ୟବାନ ଖଣିଜ ପଦାର୍ଥ ଗ୍ରାମାଞ୍ଚଳମାନଙ୍କରେ ଗଚ୍ଛିତ ରହୁଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଂଚାୟତ ଆଦମପୁର ନିକଟରେ ଥିବା ଏକ ସିମେଣ୍ଟ ଇଟା ଫ୍ୟାକ୍ଟ୍ରିରେ ଗତ କାଲିଠାରୁ ଗୋଟିଏ ଟ୍ରିପ କ୍ରୋମାଇଟ ଗଚ୍ଛିତ ଥିବା ନେଇ ସାଧାରଣ ଲୋକଙ୍କ ସନ୍ଦେହ ହୋଇଛି। ଏ ସମ୍ପର୍କରେ ଖବର ନେବାରେ ଜଣାଯାଏ ଯେ ଗତ ଦୁଇଦିନ ପୂର୍ବରୁ ଏକ କ୍ରୋମାଇଟ ବୋଝେଇ ଟ୍ରକ ଏହି ଥାନା ଅନ୍ତର୍ଗତ ଟିକରପଡା ପଂଚାୟତର ହିଙ୍ଗୁଳା ପଡିଆରେ ଠିଆ ହୋଇଥିଲା। ମାଲ ବୋଝେଇ ଗାଡ଼ିଟି କାହିଁକି ପଡିଆରେ ଏତେ ଦିନ ଧରି ଛିଡା ହୋଇଛି ଲୋକେ ସନ୍ଦେହ କରିବାରୁ ଗତକାଲି ରାତିରେ ଅଚାନକ ଗାଡ଼ିକୁ ନେଇ ଆଦମପୁର ସ୍ଥିତ ଜନୈକ ଇଟା ଫ୍ୟାକ୍ଟ୍ରି ଭିତରେ ତରବରିଆ ଭାବେ ଜେସିବି ଦ୍ୱାରା ଅନଲୋଡ଼ କରି ଗାଡ଼ିଟି ଚାଲିଯାଇଛି ବୋଲି ଜଣାପଡିଛି। ଆଜି ସକାଳେ ଘଟଣା ସମ୍ପର୍କରେ ଫ୍ୟାକ୍ଟ୍ରିର ମାଲିକ ସହିତ ଯୋଗାଯୋଗ କରାଯିବାରୁ ମାଲିକ ଜଣଙ୍କ ବାହାରେ ଥିବା ଘଟଣା ବିଷୟରେ ଅବଗତ ନଥିବା ଏବଂ ସନ୍ଧ୍ୟାରେ ଫ୍ୟାକ୍ଟ୍ରି ଗଲେ ବୁଝିବି ନେଇ ସନ୍ତୋଷଜନକ ଉତ୍ତର ମିଳିନଥିଲା। କୁଆଖିଆ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇ ଥିଲେହେଁ କୌଣସି ଉତ୍ତର ମିଳି ପାରିନଥିଲା। ତେବେ କ୍ରୋମାଇଟ ପରି ମୂଲ୍ୟବାନ ପଦାର୍ଥ ଜାତୀୟ ରାଜପଥରେ ନଯାଇ କୋଉ ପରିସ୍ଥିତିରେ ଗ୍ରାମାଞ୍ଚଳରେ ଗଚ୍ଛିତ ରହୁଛି ଏ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହକୁ ନେଇ ଆଲୋଚନା ହେଉଛି। ଯାହାକୁ ନେଇ ଜିଲ୍ଲା ଖଣିଜ ବିଭାଗ, ପୋଲିସ ଏବଂ ଅସାଧୁ ବ୍ୟବସାୟୀଙ୍କ ବୁଝାମଣାରେ ଏପରି ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ନୃସିଂହଜୀଉ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ମାଣିକପୁର ନୃସିଂହଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପର୍ଶୁରାମ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେରୁହାଁ ପଞ୍ଚାୟତ ସରପଞ୍ଚ ବାବାଜୀ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ସୁରଭି ମାଧ୍ୟମରେ କିପରି ଛାତ୍ରଛାତ୍ରୀଙ୍କ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଓ କ୍ଲଷ୍ଟର ସ୍ତରୀୟ ଶିକ୍ଷକ ଶିକ୍ଷ୍ୟୟତ୍ରୀ ଯୋଗଦେଇଥିଲେ। ମୁରଲୀଧର ସାହୁ ସଭାପତିତ୍ୱ କରିଥବା ବେଳେ ପାଇଲୋ ବଜ୍ରମହାକାଳୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଗାଁକୁ ନାହିଁ ରାସ୍ତା: ୪୦ ପରିବାର ହେଉଛନ୍ତି ହନ୍ତସନ୍ତ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ଜଲାରପୂର ପଂଚାୟତ ୪ ନମ୍ବର ଓ୍ୱାର୍ଡ ଭୋଇ ସାହିରେ ୪୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ଗାଁକୁ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ପକ୍କା ରାସ୍ତା ତ ଦୂରର କଥା ମାଟି ରାସ୍ତାଟିଏ ବି ନାହିଁ। ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିକରି ନିରାଶ ହେଲେଣି। ଏମାନଙ୍କ ଗ୍ରାମକୁ ଯିବାକୁ ହେଲେ ଜଣେ ଘରୋଇ ବ୍ରାହ୍ମଣଙ୍କ ଠାକୁର ଜାଗା ଦେଇ ଯିବାକୁ ପଡୁଛି। ପ୍ରତ୍ୟେକ ସମୟ ଜାଗାବାଲାଙ୍କ ସହିତ କଳି କଜିଆ କରିବାକୁ ପଡୁଛି। ପ୍ରତି ୫ ବର୍ଷରେ ବଦଳୁଛନ୍ତି ସରପଞ୍ଚ, ବିଧାୟକ। ନିର୍ବାଚନ ଆସିଲେ ରାସ୍ତା ପାଇଁ ପ୍ରତିଶୃତି ଦେବାକୁ ପଛାନ୍ତି ନାହିଁ ନେତାମାନେ। ହେଲେ ପ୍ରତିଶୃତି କେବଳ ପ୍ରତିଶୃତି ହୋଇ ରହିଯାଏ। ଦ୍ୱୀପ ତଳ ଅନ୍ଧାର ଭଳି ନିଆଳି ବ୍ଲକରୁ ମାତ୍ର ୨ କିଲୋମିଟର ଦୂର ଜଲାରପୁର୍ ପଂଚାୟତ ୪ ନମ୍ବର ଓ୍ୱାର୍ଡର ଦୃଶ୍ୟ। ଏହି ଗାଁରେ ପିଲାମାନେ ସ୍କୁଲ କଲେଜ ଓ ଟ୍ୟୁସନ ଯିବା ପାଇଁ ସାଇକେଲ ନେଇ ଯିବା ତ ଦୂରର କଥା ଚାଲିଚାଲି ଯିବା ବି କଠିକର ପାଠ ହେଉଛି। ଯେଉଁ ବାଟେ ଯାଉଛନ୍ତି ଘରୋଇ ଲୋକଙ୍କ ଚାଷ ବିଲ ଅଟେ। ସେମାନେ ଜାଗା ଛାଡିବା ପାଇଁ ନାରାଜ। ଏ ନେଇ ଗ୍ରାମବାସୀଙ୍କ କହିବା କଥା କେତେଦିନ ଘରୋଇ ଜାଗାରେ ଆଉ ଯାତାୟାତ କରିବୁ। ଶହଶହ ବର୍ଷ ହେଲା ଆମ ପରିବାର ପୂର୍ବ ପୁରୁଷ ରହି ଆସିଛୁ। ସରକାର ଆମକୁ ଯେନେତେନେ ଉପାୟରେ ରାସ୍ତାଟିଏ କରିଦିଅନ୍ତୁ ବୋଲି ପ୍ରଶାସନ ପାଖରେ ଗୁହାରି କରିଛନ୍ତି। ଏ ନେଇ ଜଲାରପୁର୍ ସରପଞ୍ଚ ମଞ୍ଜୁଲତା ପଣ୍ଡାଙ୍କୁ ପଚାରିବାରୁ 'ଘରୋଇ ଜାଗା ସମସ୍ୟା ସୃଷ୍ଟି କରିଛି, ସରକାରୀ ରାସ୍ତା ନଥିବାରୁ ପଂଚାୟତ ଓ ବ୍ଲକ ପଇସା ଖର୍ଚ୍ଚ ହୋଇପାରୁନାହିଁ। ଘରୋଇ ଜାଗା ମାଲିକମାନଙ୍କ ଜାଗାରେ ଭୋଇ ସାହି ଲୋକମାନେ ଜୋର ଜବରଦସ୍ତ କରିବାରୁ କୋର୍ଟରେ ମାମଲା ବିଚାରାଧୀନ ରହିଛି, ଆମେ ସେଠାରେ ଗୋଟିଏ ବି ଟଙ୍କା ଖର୍ଚ୍ଚ କରିପାରୁ ନାହୁଁ।'

## ଟ୍ୟାଙ୍କର ପଛରେ ଧକ୍କା ଦେଲା ବାଇକ: ଚାଳକ ଗୁରୁତର

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଟ୍ୟାଙ୍କର ପଛକୁ ଧକା ଦେଇ ଜଣେ ଯୁବକ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଖଇରା ଥାନା ଡଗରପଡା ମଙ୍ଗଳପଡା ଗ୍ରାମର ବିକାଶ ରଞ୍ଜନ ଜେନା(୧୯) ବାଇକ ଯୋଗେ ବାଲେଶ୍ୱରରୁ ଘରକୁ ଫେରୁଥିବା ବେଳେ ଛପୋଲିଆ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ତେଲ ଟ୍ୟାଙ୍କରକୁ ପଛରୁ ଧକା ଦେଇ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ନୂଆଗାଁ ଗ୍ରାମର ଶରତ ଜେନା ଅଟୋ ନେଇ ଯାଇଥିବା ବେଳେ ଏହା ଦେଖି ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ମେଡ଼ିକାଲରେ ପହଞ୍ଚି ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 23rd October, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଲେଫ୍ଟନାଣ୍ଟ କର୍ଣ୍ଣେଲ ହେଲେ ନୀରଜ




**ନୂଆଦିଲ୍ଲୀ,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ସେନାରେ ନୀରଜ ଚୋପ୍ରାଙ୍କୁ ବଡ଼ ଦାୟିତ୍ୱ। ଭାରତୀୟ ଜାଭଲିନ୍ ଖେଳାଳି ନୀରଜ ଚୋପ୍ରା ସେନାରେ ହୋଇଛନ୍ତି ଲେଫ୍ଟନାଣ୍ଟ କର୍ଣ୍ଣେଲ। ବୁଧବାର ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୀରଜ ଚୋପ୍ରାଙ୍କ କର୍ଣ୍ଣେଲ ପଦରେ ସମ୍ମାନିତ କରାଯାଇଛି। ଏହାପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦ୍ୱୀ ନୀରଜଙ୍କୁ ଅଭିନନ୍ଦନ ଜଣାଇଥିଲେ। ତେବେ କ୍ରୀଡ଼ା କ୍ଷେତ୍ରରେ ନୀରଜଙ୍କ ସଫଳତା ପାଇଁ ଏପ୍ରିଲ ୧୬ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଟେରିଟୋରିଆଲ୍ ସେନାରେ ସମ୍ମାନଜନକ କମିସନ ପ୍ରଦାନ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୀରଜଙ୍କୁ ଆନୁଷ୍ଠାନିକ ଭାବେ ତାଙ୍କ ନୂଆ ପଦବୀରେ ସମ୍ମାନିତ କରାଯାଇଥିଲା। ତେବେ ନୀରଜ ଜଣେ କେବଳ ମହାନ କ୍ରୀଡ଼ାବିତ ନୁହଁନ୍ତି, ବରଂ ସେ ଭାରତୀୟ ସେନାର ମଧ୍ୟ ଜଣେ ଉତ୍ସର୍ଗୀକୃତି ସୈନିକ ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।

ସୂଚନାଯୋଗ୍ୟ ଯେ, ନୀରଜ ଚୋପ୍ରା ୨୪ ଡିସେମ୍ବର ୧୯୯୭ରେ ହରିୟାଣାର ପାନିପତ ଜିଲ୍ଲାର ଖଣ୍ଡ୍ରା ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୬ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ ଏବଂ ରାଜପୁତାନା ରାଇଫଲ୍ସ ରେଜିମେଣ୍ଟରେ ସେବା କରିଥିଲେ। ସେନା ତାଙ୍କୁ କ୍ରୀଡ଼ା ପାଇଁ ସୁଯୋଗ ଦେଇଥିଲା ଏବଂ ନୀରଜ ଏହି ସୁଯୋଗର ଫାଇଦା ଉଠାଇଥିଲେ। ଆଉ ଏବେ ସେ ଜଣେ ଅନ୍ତର୍ଜାତୀୟ ସ୍ତରର ଖେଳାଳି, ଯିଏ ଦେଶପାଇଁ ଅନେକ ଗୌରବ ଆଣିଛନ୍ତି। ନୀରଜ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ସେ ୨୦୨୩ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ସେ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଡାଇମଣ୍ଡ ଲିଗରେ ମଧ୍ୟ ଅନେକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କର ବ୍ୟକ୍ତିଗତ ସର୍ବୋତ୍ତମ ଥ୍ରୋ ହେଉଛି ୯୦.୨୩ ମିଟର। କ୍ରୀଡ଼ା କ୍ଷେତ୍ରରେ ନୀରଜଙ୍କ ସଫଳତା ପାଇଁ ତାଙ୍କୁ ପଦ୍ମଶ୍ରୀ, ମେଜର ଧ୍ୟାନଚାନ୍ଦ ଖେଳରତ୍ନ, ଅର୍ଜ୍ଜୁନ ପୁରସ୍କାର ଭଳି ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି।

# ରାତାରାତି ବଦଳି ଯାଉଛି ଗ୍ରାମସାଥିଙ୍କ ତାଲିକା

**ରାଜନଗର,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମନରେଗା ବିଭାଗରେ ରାତାରାତି ବଦଳି ଯାଉଛି ଗ୍ରାମସାଥିଙ୍କ ନାମ। ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦେଇ ରାଜନଗର ବ୍ଲକରେ କାର୍ଯ୍ୟରତ ଆସିଷ୍ଟାଣ୍ଡ ପ୍ରୋଗ୍ରାମ ଅଫିସର ଗ୍ରାମସାଥୀ ବଦଳ କରୁଥିବା ନେଇ ଅଭିଯୋଗ ହୋଇଛି। ଦୀର୍ଘ ୧୫ ବର୍ଷ ତଳୁ ବିବାହ କରି ଜିଲ୍ଲା ବାହାରେ ରହୁଥିବା ମହିଳାଙ୍କ ନାଁରେ ଆପ ଆକ୍ଟିଭ କରି ଭାଇ କରୁଛନ୍ତି ଗ୍ରାମସାଥି କାମ ବୋଲି ଅଭିଯୋଗ ହୋଇଛି। ଜଣେ ସରକାରୀ ଅଧିକାରୀ କିପରି ମନଇଛା ଗ୍ରାମସାଥୀଙ୍କୁ ବଦଳ କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି।

ରାଜନଗର ବ୍ଲକ ରାଜନଗର ପଞ୍ଚାୟତର ମଲିଆବୁଦା ଗାଁ। ଏହି ଗ୍ରାମ ପାଇଁ ଗ୍ରାମସାଥୀ ଭାବେ ସ୍ନେହଲତା ରାଉତ କାର୍ଯ୍ୟ କରୁଥିଲେ। ୨୦୦୯ ମସିହାରୁ ସେହ୍ନଲତା ମହିଁଷାସୁର ପଞ୍ଚାୟତର ତରପଦା ଗ୍ରାମରେ ବିବାହ କରିଛନ୍ତି। ବିବାହ ପରେ ସେହ୍ନଲତା




ବାଙ୍ଗାଲୋରରେ ରହୁଥିଲେ ଓ ଏବେ ଭୁବନେଶ୍ୱରରେ ରହୁଛନ୍ତି। ସେହ୍ନଲତା ବିବାହ କରିଯିବା ପରେ ତାଙ୍କ ଆଇଡିରେ ତାଙ୍କ ଭାଇ କାମ କରୁଥିଲେ। ୨୦୨୨ ମସିହାରେ ରାଜନଗର ପଞ୍ଚାୟତ ବୈଠକରେ ସେହ୍ନଲତା ଗାଁରେ ରହୁନଥିବାରୁ ମନରେଗା କାମ ଠିକ ଭାବେ ହୋଇପାରୁ ନାହିଁ, ତେଣୁ ନୂତନ ଗ୍ରାମସାଥୀ ଚୟନ କରିବାକୁ ନିଷ୍ପତ୍ତି ନିଆଯିବା ସହିତ ସେହି ଗାଁର କନକଲତା ବିଶ୍ୱାଳଙ୍କୁ ନୂତନ ଗ୍ରାମସାଥୀ ଭାବେ ନିଯୁକ୍ତି ପାଇଁ ରେଜୁଲେସନ କରାଯାଇଥିଲା। ଏହା ପରେ କନକଲତାଙ୍କ ନାଁରେ ବ୍ଲକରେ ଆଇଡି ଖୋଲାଯିବା ପରେ ସେ ଗ୍ରାମସାଥୀ ଭାବେ କାମ କରିଆସୁଥିଲେ। ଏପରିକି ଗାଁରେ ହୋଇଥିବା ମାଟି କାମ ନିଜେ ଛିଡା ହୋଇ କରାଇଥିଲେ। ଏବେ ସରକାରଙ୍କ ପକ୍ଷରୁ ପୂର୍ବରୁ କାମ କରିଥିବା ଜବ କାର୍ଡଧାରୀଙ୍କର ଜବକାର୍ଡର ଇକେୱାଇସି କରାଯାଉଛି। ଗ୍ରାମସାଥୀମାନେ ଜବକାର୍ଡଧାରୀଙ୍କୁ ଭେଟି ତାଙ୍କର ସମସ୍ତ କାଗଜପତ୍ର ଆଣିବା ସହିତ ଜବକାର୍ଡଧାରୀଙ୍କର ଫଟୋ ଗ୍ରାମସାଥୀ ଆକ୍ଟିଭ ହୋଇଥିବା ମୋବାଇଲରେ ଉଠାଉଛନ୍ତି। ମଲିଆବୁଦା ଗାଁରେ ଜିଲ୍ଲା ବାହାରେ ରହୁଥିବା ସ୍ନେହଲତାଙ୍କ ନାଁରେ ତାଙ୍କ ଭାଇ ନୀଳାମ୍ବର ରାଉତଙ୍କ ମୋବାଇଲ ନମ୍ବରକୁ ଆକ୍ଟିଭ କରି କାର୍ଡଧାରୀଙ୍କର ଜବକାର୍ଡର ଇକେୱାଇସି କରିବାକୁ ଦିଆଯାଇଛି ବୋଲି ଗ୍ରାମସାଥୀ କନକଲତା ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜନଗର ବ୍ଲକର ମନରେଗା ବିଭାଗର ଆସିଷ୍ଟାଣ୍ଡ ପୋଗ୍ରାମ ଅଫିସର (ଏପିଓ)ଙ୍କୁ ପଚାରିବାରୁ ପ୍ରଥମେ ସରପଞ୍ଚ ଯେଉଁ ତାଲିକା ଦେଇଛନ୍ତି ସେହି ଅନୁସାରେ ଗ୍ରାମସାଥୀଙ୍କୁ ଆମେ କାମରେ ଲଗାଇଛୁ ବୋଲି କହିଥିଲେ। ପରେ ଟେମ୍ପରାରି ଭାବେ ଆମେ ସ୍ନେହଲତା ରାଉତଙ୍କୁ କାମରେ ଲଗାଇଛୁ, ପରେ ତାଙ୍କୁ କାଟିଦେବୁ ବୋଲି କହିଛନ୍ତି। ସ୍ନେହଲତାଙ୍କୁ ୨ ବର୍ଷ ତଳୁ ବାହାର କରି ନୂତନ ନିଯୁକ୍ତି ଦିଆଯାଇଥିବା ବେଳେ ଓ ସ୍ନେହଲତା ଜିଲ୍ଲା ବାହାରେ ରହୁଥିବା ବେଳେ କିପରି ତାଙ୍କ ଭାଇଙ୍କ ମୋବାଇଲ ନମ୍ବର ଆକ୍ଟିଭ କରି ମହିଳା ଗ୍ରାମସାଥୀ ଭାବେ କାମ କରାଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର
## ଠେଲିଠେଲି ବାହାର କଲେ ସୁରକ୍ଷାକର୍ମୀ



**କୋଚି,୨୨।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ହେଲିପ୍ୟାଡରେ ଲ୍ୟାଣ୍ଡିଂ କରିବା ପରେ ଫସିଗଲା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହେଲିକପ୍ଟର। ନୂଆ କରି ତିଆରି ହୋଇଥିବା କଂକ୍ରିଟ୍ ହେଲିପ୍ୟାଡ ଚପର ଲ୍ୟାଣ୍ଡ କରିବା ବେଳେ ଧସି ଯାଇଛି। ଏହି କାରଣରୁ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଚକା ଏହା ମଧ୍ୟରେ ଫସି ଯାଇଥିଲା। କେରଳର ପଥନାମଥିତ୍ତର ପ୍ରମଦମରେ ଲ୍ୟାଣ୍ଡିଂ ବେଳେ ଏପରି ଅଘଟଣ ଘଟିଛି। ଅଘଟଣ ପରେ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀମାନେ ଠେଲିଠେଲି ଚପରକୁ ଧସି ଯାଇଥିବା ସ୍ଥାନରୁ ବାହାର କରିଛନ୍ତି। ଏହାର ଭିଡିଓ ମଧ୍ୟ ବେଶ ଭାଇରାଲ ହେବାରେ ଲାଗିଛି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କେରଳକୁ ଚାରି ଦିନିଆ ସରକାରୀ ଗସ୍ତରେ ବାହାରି ମଙ୍ଗଳବାର ସନ୍ଧ୍ୟାରେ ଥିରୁଅନନ୍ତପୁରମରେ ପହଞ୍ଚିଥିଲେ। ବୁଧବାର ସକାଳେ ରାଷ୍ଟ୍ରପତି ହେଲିକପ୍ଟର ଯୋଗେ ସାବରୀମାଳା ଅଭିମୁଖେ ବାହାରିଥିଲେ। ରାଷ୍ଟ୍ରପତିଙ୍କୁ ଧରି ବାୟୁସେନାର ହେଲିକପ୍ଟର ପ୍ରମାଦମର ରାଜୀବ ଗାନ୍ଧି ଇନଡୋର ଷ୍ଟାଡିୟମରେ ନୂଅ କରି ତିଆରି ହୋଇଥିବା କଂକ୍ରିଟ୍ ହେଲିପ୍ୟାଡରେ ଅବତରଣ କରିଥିଲା।

କିନ୍ତୁ ଅବତରଣ କରିବା ବେଳେ ହେଲିପ୍ୟାଡର କଂକ୍ରିଟ୍ ସ୍ଥାନଟି ହଠାତ୍ ଧସି ଯାଇଥିଲା। ଏଥିଯୋଗୁ ଚପରର ଚକ ଗାତରେ ଫସି ଯାଇଥିଲା। ଏହା ଭିତରୁ ହେଲିକପ୍ଟର ଆଉ ବାହାରି ପାରିନଥିଲା। ଶେଷରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପାଇଁ ହାତରେ ଠେଲି ଠେଲି ହେଲିକପ୍ଟରକୁ ଗାତରୁ ବାହାର କରିଥିଲେ। ଏଥିଯୋଗୁ ବଡ ଅଘଟଣ ଟଳି ଯାଇଛି।

କୁହାଯାଉଛି ଯେ ଏହି ହ୍ୟାଲିପ୍ୟାଡ୍ ମଙ୍ଗଳବାର ହିଁ ତିଆରି କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ତରବରିଆ ଭାବେ ଏହାକୁ ନିର୍ମାଣ କରାଯାଇଥିଲା। କଂକ୍ରିଟ୍ ଭଲରେ ଶୁଖି ନଥିବା ଓ ବର୍ଷା ପାଗ ଥିବାରୁ ସକାଳେ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଲ୍ୟାଣ୍ଡିଂ ବେଳେ ଏହା ଓଜନ ସହି ପାରିନଥିଲା। ଫଳରେ ଚପରର ଚକ ଗୁଡିକ କଂକ୍ରିଟ୍ ଭିତରେ ଫସି ଯାଇଥିଲା।

ରାଷ୍ଟ୍ରପତି ମୁର୍ମୁ ସଡ଼କ ପଥରେ ପାମ୍ବା ଅଭିମୁଖେ ଯାତ୍ରା କରିଥିଲେ। ରାଷ୍ଟ୍ରପତି ସେଠାରୁ ଯିବା ପରେ ଅନେକ ପୁଲିସ ଓ ଅଗ୍ନିଶମ କର୍ମଚାରୀ ହେଲିପ୍ୟାଡର ଗାତରୁ ରାଷ୍ଟ୍ରପତିଙ୍କ ହେଲିକପ୍ଟରର ଚକ ବାହାର କରୁଥିବାର ଦେଖାଯାଇଥିଲା।

ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ରାଷ୍ଟ୍ରପତିଙ୍କ ହେଲିକପ୍ଟର ଅବତରଣ ସ୍ଥାନ ଶେଷ ମୁହୂର୍ତ୍ତରେ ଚୂଡ଼ାନ୍ତ କରାଯାଇଥିଲା। ଏଥିଯୋଗୁ ମଙ୍ଗଳବାର ବିଳମ୍ବିତ ରାତିରେ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା। ନୂଆ ନିର୍ମାଣ ହୋଇଥିବା ହେଲିପ୍ୟାଡ ଠିକ ଭାବେ ଶୁଖି ନଥିବାରୁ ହେଲିକପ୍ଟର ଅବତରଣ କରିବା ମାତ୍ରେ ଏହା ଓଜନ ସହିପାରି ନ ଥିଲା। ସୌଭାଗ୍ୟବଶତଃ, ଆଉ କୌଣସି କ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପୀତବାସ ହତ୍ୟା...

ଯୋଗୀ ଓ ଉମାଙ୍କ ନିର୍ଦ୍ଦେଶରେ ମୋଟ୍ ୪ ଜଣ ଏକ ଅଳକାପୁରୀରେ ଏକ ଭଡା ଘରେ ରହୁଥିଲେ।

ମଳୟ ବିଷୋୟୀଙ୍କ ପରିଚିତ ଶୂନ୍ୟଚନ୍ଦ୍ର ଦାସଙ୍କୁ କୁହାଯାଇଥିଲା ଯେ, ଏକ ମେଡିକାଲ କାମ ପାଇଁ ସେମାନେ ଆସିଛନ୍ତି। ଏଠାରେ କିଛି ଦିନ ରହିବେ। କିନ୍ତୁ ଉକ୍ତ ୪ ଜଣଙ୍କୁ ପଚାରିବାରୁ ସେମାନେ ଏକ ଘରୋଇ ହସ୍ପିଟାଲରେ କାମ ଥିଲା ବୋଲି କହିଥିଲେ। ଯାହା ପରେ ଶୂନ୍ୟଚନ୍ଦ୍ରଙ୍କ ସନ୍ଦେହ ବଢିଥିଲା। କିନ୍ତୁ ମଳୟ ବିଷୋୟୀ କହିଥିବାରୁ ସେ ବେଶୀ କିଛି କହିନଥିଲେ। ମାତ୍ର ଶୂନ୍ୟଚନ୍ଦ୍ର ଦାସଙ୍କର ଏହି ହତ୍ୟାକାଣ୍ଡରେ କୌଣସି ସମ୍ପୃକ୍ତି ନାହିଁ। ଏହି ୪ ଜଣଙ୍କ ରହିବା ଖାଇବା ଓ ଗାଡି ସୁବିଧା ମଧ୍ୟ ଉମା ଓ ଯୋଗୀ ବୁଝିଥିଲେ। ଏସବୁ ଭିତରେ ସେମାନେ ରେକି କରିଥିଲେ। ଆଉ ପୀତବାସଙ୍କ ଚ୍ୟାମ୍ବର ଦେଖିଥିଲେ। କିପରି ହତ୍ୟା କରିବେ ଓ ପରେ କିପରି ଘଟଣାସ୍ଥଳରୁ ଫେରାର ହେବେ। ସେନେଇ ପୁରା ପ୍ଲାନ କରିଥିଲେ। ହେଲେ ବିହାରରୁ ଆସିଥିବା ଜଣେ ସୁଟରର ସ୍ତ୍ରୀଙ୍କ ଦେହ ଖରାପ କହି ନିଜ ରାଜ୍ୟକୁ ଫେରିଯାଇଥିଲେ। ତେଣୁ ସେପ୍ଟେମ୍ବର ୧୦ରୁ ୧୪ ମଧ୍ୟରେ ହୋଇଥିବା ଷଡଯନ୍ତ୍ର କାର୍ଯ୍ୟକାରୀ ହୋଇନଥିଲା। ପ୍ରଥମ ପ୍ଲାନ ଫେଲ ପରେ ସେମାନେ ସବୁ ରେକି କରି ଅକ୍ଟୋବର ୬ରେ କାର୍ଯ୍ୟକାରୀ କରିଥିଲେ। ଏଥିପାଇଁ ସେମାନେ ଆଉ ଏକ ଟିମ୍ ଆଣିଥିଲେ। ନିଜ ଘର ବନ୍ତପଲେଇରୁ ଦୁଇଜଣ ପିଲାଙ୍କୁ ଠିକ୍ କରିଥିଲେ ଉମା ବିଷୋୟୀ। ସେମାନେ ହେଲେ କ୍ଷୁପତି ଭୂୟାଁ ଓ ଟିଣ୍ଟୁ ପ୍ରଧାନ। ଟିଣ୍ଟୁ ପ୍ରଧାନ ବେଙ୍ଗାଲୁରୁରେ କାମ କରୁଥିବା ବେଳେ ସେଠାରୁ ଆସିଥିଲେ। ଏହା ପରେ ତାଙ୍କ ସହ ଯୋଡି ହୋଇଥିଲେ କ୍ଷୁପତି ଭୂୟାଁ। ପୀତବାସଙ୍କ ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ଏକ ଘର ନେଇଥିଲେ। ସେଠାରେ ସେମାନେ ପୁଣି ଥରେ ରେକି କରିଥିଲେ। ଏହାପରେ ଯୋଗୀ ଓ ଉମା ସେମାନଙ୍କୁ କହିଥିଲେ ଯେ, ଯିଏ ଗାଡି ଚଳାଇବେ ତାଙ୍କୁ ୩ ଲକ୍ଷ ଓ ଯିଏ ଗୁଳି ଚଳାଇବ ତାଙ୍କୁ ୫ ଲକ୍ଷ ଦିଆଯିବ। ଘଟଣା ଦିନ ସେମାନେ ଏକ ନିର୍ମାଣାଧୀନ ବିଲ୍ଡିଂରେ ରହିଥିଲେ। ସେମାନଙ୍କୁ ନୂଆ ଡ୍ରେସ, ନୂଆ ଜୋତା ଓ ଦୁଇଟି ନୂଆ ବନ୍ଧୁକ ଦେଇଥିଲେ। ସେମାନେ ବାଇକରେ ଆସିଥିଲେ। ପୀତବାସଙ୍କ ଘର ପାଖରେ ଗାଡି ଅଟକାଇଥିଲେ। ପୀତବାସ ଚ୍ୟାମ୍ବରରୁ ବାହାରିବା ପରେ, ଠିକ୍ ୧୦ଟା ୧ରେ ଗୁଳି ଚଳାଇଥିଲେ। ପ୍ରଥମେ ସେମାନେ ପୀତବାସଙ୍କୁ ଅଟକାଇ ନମସ୍କାର ହୋଇଥିଲେ। ଏହା ପରେ ପୀତବାସ କିଏ ବୋଲି ପଚାରିବାରୁ ପଏଣ୍ଟ ବ୍ଲାଙ୍କରୁ ଫାୟାରିଂ କରିଥିଲେ। ଟିଣ୍ଟୁ ପ୍ରଧାନ ଗାଡି ଚଳାଇଥିଲେ, କ୍ଷୁପତି ଭୂୟାଁ ଗୁଳି ଚଳାଇଥିଲେ। ସେଠାରୁ ସିଧା ରାମେଶ୍ୱରମ ଅଭିମୁଖେ ଯାଇଥିଲେ। ପୁରୀରେ ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। ଉମା ବିଷୋୟୀ ପାଖରେ ସବୁ ଡିଲ୍ ଟଙ୍କା ରହିଛି। ସେହିପରି ବ୍ରହ୍ମପୁର ଏସପ କହିଛନ୍ତି ଯେ, ପିଣ୍ଟୁ ଦାସଙ୍କ ନାଁରେ ୩୮ଟି ମାମଲା ରହିଛି। ବିକ୍ରମ ପଣ୍ଡାଙ୍କ ନାଁରେ ଅପରାଧୀକ ଷଡଯନ୍ତ୍ର ପ୍ରମାଣ ମିଳିଛି। ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କୁ ଗିରଫ କରାଯାଇଛି, ଆଉ ୩ ଫେରାର ଅଛନ୍ତି।

### ଭିଏନାରେ ଆଇଆରୟୁର...

କରିଛନ୍ତି। ନାଫସ୍କବର ପରିଚାଳନା ନିର୍ଦ୍ଦେଶକ ତଥା ଆଇସିବିଏର ପ୍ରେସିଡ଼େଣ୍ଟ ଭିମ ସୁବ୍ରମନିୟମ ମଧ୍ୟ ଭାରତ ପକ୍ଷରୁ ବୋର୍ଡ଼ ମିଟିଂରେ ଅଂଶ ଗ୍ରହଣ କରି ଆଇସିବିଏର ସାଂପ୍ରତିକ କାର୍ଯ୍ୟକ୍ରମ ଓ ପଦକ୍ଷେପ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆନ୍ତର୍ଜାତୀୟ କୋଅପରେଟିଭ୍ କଂଗ୍ରେସରେ ସମବାୟ କ୍ଷେତ୍ରରେ ଗୋଷ୍ଠୀ ବିକାଶର ସାମାଜିକ ପ୍ରଭାବ, ବହୁମୁଖୀ ସମବାୟ ବ୍ୟବସ୍ଥାରେ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି, ସମବାୟ ଅନୁଷ୍ଠାନ ଗୁଡ଼ିକର ସ୍ୱୟଂଶାସିତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଏଥିକାଲ ବ୍ୟାଙ୍କିଂ ସିଷ୍ଟମ ଆଦି ପ୍ରସଙ୍ଗ ଉପସ୍ଥାପିତ ହୋଇଛି।

ଏହି ଅବସରରେ ସମବାୟ କ୍ଷେତ୍ର ପାଇଁ ଭବିଷ୍ୟତ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଏଥିରେ ଅଷ୍ଟ୍ରିୟାର ଜଣେ ବରିଷ୍ଠ ସମବାୟ ନେତା ବକ୍ତବ୍ୟ ପ୍ରଦାନ କରି ଅଷ୍ଟ୍ରିୟାନ ସମବାୟ ବ୍ୟବସ୍ଥାର ସଫଳତା ସପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ସମବାୟ କ୍ଷେତ୍ରରେ ଅଂଶୀଦାର ସଭ୍ୟଙ୍କ ସକ୍ରୀୟ ଯୋଗଦାନ ଓ ଆବଶ୍ୟକ ପ୍ରଶିକ୍ଷଣ ଏବଂ ଗ୍ରାମାଂଚଳର ବିକାଶ ପାଇଁ ସମବାୟକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମବାୟ କଂଗ୍ରେସ ଆସନ୍ତା ୨୩ତାରିଖ ଯାଏ ଚାଲିବ। ଡ଼ିଜିଟାଲ ଆର୍ଥୀକ ବ୍ୟବସ୍ଥାରେ ସର୍ବସାଧାରଣଙ୍କ ସମ୍ପତ୍ତିର ସୁରକ୍ଷା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିବା ଜଣାଯାଇଛି।

### ଏସ୍‌ଆଇ ନିଯୁକ୍ତି...

ପୁଲିସ ଡିଜିଙ୍କ କୋହଳ ଆଭିମୁଖ୍ୟକୁ ଦେଖି ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଠୋର ଆଭିମୁଖ୍ୟ ପୋଷଣ କରି ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

ଓଡିଶା ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ ଦାୟିତ୍ୱ ଦୀର୍ଘ ୨୩ଦିନ ଧରି କ୍ରାଇମବ୍ରାଂଚ ପାଖରେ ରହିଛି। ଚାକିରି ଆଶାରେ ଲାଂଚ ଦେଇଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କୁ ଜେଲ୍ ପଠାଇଥିବା କ୍ରାଇମବ୍ରାଂଚ କେବଳ ଛୋଟ ମୁଣ୍ଡ (୯ଜଣ ଦଲାଲ)ଙ୍କୁ ଗିରଫ ମଧ୍ୟରେ ନିଜର ତଦନ୍ତକୁ ସୀମିତ ରଖିଛି।

ଏହି ଦୁର୍ନୀତି ସହ ଜଡିତ ଓପିଆରବି, ଗୃହ ବିଭାଗର ଅଧିକାରୀ, ଆଇଟିଆଇ ଲିମିଟେଡ ଓ ସିଲିକନ୍ ଟେକଲାବ୍ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦୂରର କଥା ସାମାନ୍ୟ ଜେରା କରିବାରେ ସକ୍ଷମ ହୋଇପାରିନାହିଁ। ଏପରିକି କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର ଓ ପୁଲିସ ଡିଜି ୱାଇବି ଖୁରାନିଆ ଏହି ମାମଲାର ନିୟମିତ ସମୀକ୍ଷା କରୁଥିଲେ ମଧ୍ୟ ଲାଂଚ ନେଇଥିବା ବଡମୁଣ୍ଡଙ୍କୁ କାହିଁକ ତଦନ୍ତ ପରିସରଭୁକ୍ତ କରାଯାଉନଥିଲା ତାହା ଏବେ ସାଧାରଣରେ ସନ୍ଦେହ ବଢାଇଛି। ସମୟ ଗଡାଇ କେସକୁ ଚାପି ଦେବା ଓ 'ଦୁର୍ନୀତି ସିଣ୍ଡିକେଟ'କୁ ସୁରକ୍ଷା ଦେବାକୁ କସରତ ଚାଲିଥିବା ନେଇ ମଧ୍ୟ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଥିଲା।

ଏପଟେ ତଦନ୍ତର ଏଭଳି ଦିଶାହୀନ ଗତିକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ୍ଷୁବ୍ଧ ହେବା ସହ ସିବିଆଇକୁ ତଦନ୍ତଭାର ଦେବାକୁ ନିଷ୍ପତ୍ତି ନେଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ଅକ୍ଟୋବର ୬ ତାରିଖରେ ନୂଆପଡା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ନିଯୁକ୍ତି ପରୀକ୍ଷା ଦୁର୍ନୀତି ସିଣ୍ଡିକେଟରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଛଡାଯିବ ନାହିଁ ଓ ପାତାଳରୁ ଖୋଜି ବାହାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ପରୋକ୍ଷରେ 'ସିବିଆଇ' ତଦନ୍ତର ସଙ୍କେତ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ବହୁଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷାର ତଦନ୍ତ ଭାର ସିବିଆଇକୁ ଅର୍ପଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପିଥାଇପାରେ। ଏହି ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ ଅପରାଧୀ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି।

ଏହି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କରିବା ଓ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର ପାଇଁ ନିଷ୍ପତ୍ତି ନେଇଥିବା ତାଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ପୁଲିସ୍ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା କର୍ମଚାରୀ ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ସରକାର ଓପିଆରବି ବଦଳରେ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ବିଚାର କରୁଥିବା ମଧ୍ୟ ଜଣାପଡିଛି।

ବିରୋଧୀ ବିଜେଡି ଖୋଲାଖୋଲି ଭାବେ ପ୍ରଥମଦିନରୁ ଓପିଆରବି ଅଧ୍ୟକ୍ଷ, ଗୃହ ସଚିବ ଓ ସିଲିକନ୍ ଟେକଲାବ ମାଲିକଙ୍କୁ 'ଢେଙ୍କାନାଳ ଲିଙ୍କ୍' କହି କାଠଗଡାରେ ଛିଡା କରିବା ସହ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ ପାଇଁ ଦାବି କରିଥିଲେ ମଧ୍ୟ କ୍ରାଇମବ୍ରାଂଚ ଏମାନଙ୍କୁ କାହାରିକୁ ଛୁଇଁ ପାରିନଥିଲା। ଏପରିକି ଆଇଟିଆଇ ଲିମିଟେଡ କିଭଳି ଘରୋଇ ସଂସ୍ଥାଗୁଡିକୁ ସବଲେଟ୍ ଦେଇଥିଲା ଓ ଏହି ଟେଣ୍ଡର ଅନିୟମିତତା ପଛର କାରଣକୁ ମଧ୍ୟ ପର୍ଦ୍ଦାଫାସ କରିବାରେ ସକ୍ଷମ ହେଲାନି। ଏପଟେ ଓପିଆରବି ନିଜର ବାହାଦୂରୀ ଦେଖାଇବାକୁ ଯାଇ ପ୍ରେସ୍ ରିଲିଜ୍ ମାଧ୍ୟମରେ ରାଜନୀତିକ ଦଳ ଭଳି ବୟାନବାଜି କରିବାକୁ ପଛାଇଲା ନାହିଁ।

ଏହି ଦୁର୍ନୀତି ପର୍ଦ୍ଦାଫାସ ହୋଇଥିଲେ ମଧ୍ୟ ଆଜିସୁଦ୍ଧା ଆଇଟିଆଇ ଲିମିଟେଡ-ସିଲିକନ୍ ସହ ହୋଇଥିବା ଚୁକ୍ତିକୁ ମଧ୍ୟ ବାତିଲ କରିବାକୁ ଆଗ୍ରହ ଦେଖାଇନାହିଁ। ପୁଲିସ ଏସଆଇ ପରୀକ୍ଷା ପରିଚାଳନା ପାଇଁ ଓପିଆରବି-ଆଇଟିଆଇ ଲିମିଟେଡ-ସିଲିକନ ଟେକଲାବ-ପଂଚସପ୍ଟ ମଧ୍ୟରେ ଅଘୋଷିତ ଡିଲ ଓ ଆଉଟସୋର୍ସିଂ ପଛର ରହସ୍ୟକୁ ଭେଦ କରିବାକୁ କ୍ରାଇମବ୍ରାଂଚ ବିଗତ ୨୩ଦିନ ମଧ୍ୟରେ ସାମାନ୍ୟତମ ପ୍ରୟାସ କରିନଥିବା ଜଣାପଡିଛି।

ନାମକୁ ମାତ୍ର ସିଲିକନ୍ ନିର୍ଦ୍ଦେଶକ ସୁରେଶ କୁମାର ନାୟକଙ୍କୁ ଡାକି ୨ଘଣ୍ଟା ପଚରାଉଚରା କରି ଛାଡି ଦେବା ଓ ଓପିଆରବି କର୍ତ୍ତୃପକ୍ଷଙ୍କ ଅକ୍ଟୋବର ୧୧ତାରିଖର ପ୍ରେସ୍ ରିଲିଜ୍ ଏବଂ ଗୃହ ବିଭାଗର ନିରବତା ହିଁ କ୍ରାଇମବ୍ରାଂଚର ତଦନ୍ତର ଦିଶାହୀନ ଦିଗକୁ ପଦାରେ ପକାଇ ଦେଇଥିଲା ।

ପୁଲିସ ନିଯୁକ୍ତି ପ୍ରକ୍ରିୟାରେ ଏତେବଡ ଦୁର୍ନୀତିର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଂଚ କରୁଥିବାବେଳେ କାହିଁକି ଆଖିଦୃଶିଆ ସଫଳତା ମିଳୁନାହିଁ ତା'ର ମଧ୍ୟ ଆବଶ୍ୟକ ନିୟମିତ ସମୀକ୍ଷା ମଧ୍ୟ ପୁଲିସ ଡିଜି ଶ୍ରୀ ଖୁରନିଆ କିମ୍ବା ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସ୍ତରରେ ହୋଇନଥିବା ଜଣାପଡିଛି।

ନିଯୁକ୍ତି ଅନିୟମିତତା ସିଣ୍ଡିକେଟ୍ ସହ ଜଡିତ ବ୍ୟକ୍ତିମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ କଠୋର ଆଭିମୁଖ୍ୟ ଯୋଗୁ ସିବିଆଇ ଏବେ ଏହି ମାମଲାର ତଦନ୍ତ ଭାର ନେବାକୁ ଯାଉଥିବାରୁ ପୁଲିସ ଶୀର୍ଷ ପଦାଧିକାରୀ ଓ ଗୃହ ବିଭାଗର ଅଧିକାରମାନଙ୍କ ମଧ୍ୟରେ ଛନକା ପଶିଛି। ଆଇଟିଆଇ ଲିମିଟେଡକୁ କିଏ ଓ କାହିଁକି ବାରମ୍ବାର ନିଜର ପାର୍ଟନର ପରିବର୍ତ୍ତନ କରିବାକୁ ଅନୁମତି ଦେଉଥିଲା ତଥା ଏଥିରେ ଗୃହ ବିଭାଗ ଓ ଓପିଆରବି କର୍ତ୍ତୃପକ୍ଷଙ୍କ ଭୂମିକା କ'ଣ ଥିଲା, କାହା ଅନୁମତିରେ ସିଲିକନ୍ ଏହି ପରୀକ୍ଷା ପରିଚାଳନାକୁ ପଂଚସପ୍ଟକୁ ଆଉଟସୋର୍ସିଂରେ ଦେଇଥିଲା, ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ କାହିଁକି ଅଚାନକ ଇସ୍ତଫା ଦେଇ ପଳାଇଲେ, ଚାକିରି ଆଶାୟୀଙ୍କଠୁ ଆଦାୟ ଦେଇଥିବା କୋଟି କୋଟି ଟଙ୍କାରୁ କିଏ କେତେ ନେଇଛି ସେସବୁର ଖୋଳତାଡ ସିବିଆଇ କରିବ ବୋଲି ଆଶା କରାଯାଉଛି।

### ମହିଳା ଏସ୍‌ଆଇଙ୍କୁ...

ପାଇ ଏବେ କଳାହାଣ୍ଡିକୁ ଯାଇଥିଲେ। ମହିଳା ଏସ୍‌ଆଇ କହିଛନ୍ତି, ଦୀର୍ଘ ୮ ବର୍ଷ ହେବ ସେ ଆଇଆଇସି ଯଶୋବନ୍ତ ଆଚାର୍ଯ୍ୟଙ୍କ ସମ୍ପର୍କରେ ଥିଲେ। ମହିଳାଙ୍କ ଘରକୁ ଆସି ବିବାହ ପାଇଁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଯେଉଁଯେଉଁ ସ୍ଥାନରେ ତାଙ୍କର ପୋଷ୍ଟିଙ୍ଗ ହେଉଥିଲା ସେହିସେହି ଜିଲ୍ଲାକୁ ଯାଇ ଆଇଆଇସି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୧୮ରେ କେନ୍ଦ୍ରାପଡା ଟାଉନ ଥାନାରେ ପୋଷ୍ଟିଙ୍ଗ ବେଳେ ପ୍ରଥମେ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୧୯ରେ ଗଞ୍ଜାମ ଜିଲ୍ଲରେ ପୋଷ୍ଟିଙ୍ଗ ହୋଇଥିଲା। ପ୍ରାୟ ୭ ବର୍ଷ ଧରି ଚାକିରି ଭିତରେ ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲୁ। ପାରଳାଖେମୁଣ୍ଡିରେ ୩ ଏସ୍‌ଏସ୍ ବାଟାଲିଅନ ଆର୍ମସରେ ଏସଆଇ ଭାବରେ କାର୍ଯ୍ୟ କରୁଥିଲେ। ଏପରିକି ଭୁବନେଶ୍ୱରରେ ପୋଷ୍ଟିଙ୍ଗ ପାଇବା ପରେ ବି ସମ୍ପର୍କରେ ଥିଲେ। ଗର୍ଭବତୀ ଥିବା ବେଳେ ଗର୍ଭନଷ୍ଟ କରଥିଲେ।

ମହିଳା ଏସ୍‌ଆଇ କହିଛନ୍ତି, ଅଭିଯୁକ୍ତ ଆଇଆଇସି ପୂର୍ବରୁ ବିବାହିତ ଏବଂ ତାଙ୍କର ୭ ମାସର ସନ୍ତାନ ଥିବା ପରେ ଜାଣିବାକୁ ପାଇଲି। ଏନେଇ ତାଙ୍କୁ କହିବା ପରେ ସେ ଧୀରେଧୀରେ ଦୁରେଇ ରହିଲେ। ମିଛ ପ୍ରତିଶ୍ରୁତି ଏବଂ ଶାରୀରିକ ନିର୍ଯାତନାର ଶିକାର ହେଲା ପରେ ମହିଳା ଥାନାରେ ଅଭିଯୋଗ କରିଛି।

### ଫସାଇ ଦିଆଯାଇଛି...

ଦେବାକୁ ଯାଇ ବିକ୍ରମଙ୍କୁ ବଳି ପକାଯାଇଛି। ବିକ୍ରମଙ୍କୁ ବଳି ପକାଇ ବିଜେଡିକୁ ବଦନାମ କରିବାକୁ ଚକ୍ରାନ୍ତ ରଚାଯାଇଛି। ତଦନ୍ତକୁ ବାଟବଣା କରିବାକୁ ବିଜେପି ସରକାର ବାଧ୍ୟ କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେହିପରି ପୀତବାସ ପଣ୍ଡାଙ୍କୁ ମାରିବା ପାଇଁ ଯେତେବଡ଼ ପ୍ଲଟ୍ ହୋଇନଥିଲା, ସତ୍ୟକୁ ଲୁଚାଇବା ପାଇଁ ତା'ଠାରୁ ବଡ଼ ପ୍ଲଟ ହୋଇଥିବା କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର। ପ୍ରକୃତ ଆସାମୀକୁ ବଞ୍ଚାଇବା ପାଇଁ ନୂଆ ଆସାମୀ ତିଆରି କରାଯାଇଛି। ବିକ୍ରମ ପଣ୍ଡାଙ୍କର ଏହି ଘଟଣା ସହ କ'ଣ ସମ୍ପୃକ୍ତି ରହିଛି ତାହା ଏସ୍‌ପି କହିପାରି ନଥିଲେ।

### ଜଳିଗଲା ୪୦...

ସମୟ ମଧ୍ୟରେ ନିଆଁ ଚାରିଆଡେ ବ୍ୟାପିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। କେଉଁଠାରୁ ଏହା ଆରମ୍ଭ ହେଲା ଏନେଇ ବର୍ତ୍ତମାନ ପରିପ୍ରେକ୍ଷୀରେ କୁହାଯାଇପାରିବ ନାହିଁ।

ସୂଚନାଯୋଗ୍ୟ, ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରେ ଅଗ୍ନିକାଣ୍ଡ ଘଟଣା ନୂଆ କଥା ନୁହେଁ। ଏହା ପୂର୍ବରୁ ମଧ୍ୟ ଏହି ବିଶାଳ ବଜାରରେ ଅଗ୍ନିକାଣ୍ଡ ଘଟି ଅନେକ ଦୋକାନ ଜଳି ଯାଇଥିଲା। ବୃହତ୍ ମାର୍କେଟ ଭିତରେ ହଜାର ହଜାର ଦୋକାନ ଲାଗିଲାଗି ରହିଥିବାରୁ ଏଠାରେ ଅଗ୍ନିକାଣ୍ଡ ଘଟିଲେ କମ୍ ସମୟ ମଧ୍ୟରେ ଏହା ବହୁ ଜିନିଷପତ୍ର କ୍ଷତି ପହଞ୍ଚାଇଥାଏ।

### ୨ ଅଭିଯୁକ୍ତଙ୍କୁ ଜାମିନ...

ନ୍ୟାୟ ପାଇବାକୁ ଜୁଲାଇ ୧୨ ତାରିଖରେ ପୀଡ଼ିତା ପ୍ରିନିସପାଲଙ୍କ ଚାମ୍ବର ଆଗରେ ପେଟ୍ରୋଲ ଢ଼ାଳି ଆତ୍ମହୃତି ଉଦ୍ୟମ କରିତ୍ଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ପ୍ରାୟ ୯୫ % ପୋଡ଼ି ଯାଇଥିଲା । ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କୁ ନେଇ ଗଠିତ ୮ ଜଣିଆ ବିଶେଷଜ୍ଞ ଟିମ ପୀଡ଼ିତାଙ୍କ ଉପରେ ୨୪ ଘଣ୍ଟା ନଜର ରଖିଥିଲେ। ୨ ଦିନ ଧରି ଜୀବନ ମରଣ ସହ ସଂଘର୍ଷ ପରେ ଜୁଲାଇ ୧୪ ତାରିଖରେ ପୀଡ଼ିତା ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହା ପରେ ପୀଡ଼ିତାଙ୍କ ପୈତୃକ ଗ୍ରାମ ଭୋଗରାଇ ପଳାସିଆ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ସ୍ୱର ତୀବ୍ର ହୋଇଥିବା ବେଳେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଉପରେ ସଠିକ ତଦନ୍ତ ନକରି ଦାୟିତ୍ୱରେ ଅବହେଳା କରିଥିବା ଯୋଗୁଁ ପ୍ରିନିସପାଲ ଦିଲ୍ଲୀପ ଘୋଷଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଆସିଷ୍ଟାଣ୍ଟ ପ୍ରଫେସର ସମୀର ସାହୁଙ୍କୁ ମଧ୍ୟ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପୀଡ଼ିତାର ପରିବାରଙ୍କୁ ଭେଟିବା ସହ ୨୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ସେହି ସମୟରେ ପୀଡ଼ିତାକୁ ବଂଚାଇବାକୁ ଯାଇ ଭଦ୍ରକ ଦୁବଲାଗଡ଼ି ଅଂଚଳର ଜ୍ୟୋତିପ୍ରକାଶ ବିଶ୍ୱାଳ ଗୁରୁତର ହୋଇଥିଲେ। ସେହିପରି ଭଦ୍ରକ ଚୂଡ଼ାମଣି ଅଂଚଳର ଶୁଭ୍ରସମ୍ମିତ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଥିଲେ। କିନ୍ତୁ ପରେ ଉଭୟଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ୧୦୮/୬, ୨-ଏ ବିଏନଏସ ଭଳି ସଂଗୀନ ଦଫା ଲଗାଇଥିଲା। ଉଭୟ ଛାତ୍ରୀଙ୍କୁ ଆତ୍ମାହୂତି ପାଇଁ ଉସୁକାଇଥିବା ଅଭିଯୋଗରେ ଗିରଫ କରାଯାଇଥିଲା। ଆଜି ହାଇକୋର୍ଟରୁ ଜ୍ୟୋତିପ୍ରକାଶ ଓ ଶୁଭ୍ରସମ୍ମିତଙ୍କୁ ଜାମିନ ମିଳିଛି।

### ଭାରତୀୟ ଚାଉଳ...

ପ୍ରକ୍ରିୟାକରଣରେ ନିବେଶ ଆକର୍ଷିତ କରିବା ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର କୃଷକମାନଙ୍କ ପାଇଁ ଏକ ଦୃଢ଼ ସ୍ଥିତି ସୁନିଶ୍ଚିତ କରିବାର ଏକ ସୁଯୋଗ ଭାବରେ ଦେଖୁଛନ୍ତି।

ବିଆଇଆରସି-୨୦୨୫ ପାଇଁ ଓଡ଼ିଶା ସରକାରଙ୍କ ସହମତି ସମ୍ପର୍କରେ ପ୍ରତିକ୍ରିୟା ଦେଇ, ଶ୍ରୀ ଲାଲ ମହଲ ଗ୍ରୁପର ଅଧ୍ୟକ୍ଷ ଏବଂ ଆଇଆରଇଏଫ୍‌ର ଜାତୀୟ ସଭାପତି ପ୍ରେମ ଗର୍ଗ କହିଛନ୍ତି ଯେ: ବିଆଇଆରସି-୨୦୨୫ ପାଇଁ ଓଡ଼ିଶା ସରକାରଙ୍କ ସମର୍ଥନ ପାଇ ଆମେ ବେଶ୍ ଆନନ୍ଦିତ। ଏହି ସହମତି ଭାରତୀୟ ଚାଉଳ କ୍ଷେତ୍ର ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏହା ଆମର କୃଷି ଅର୍ଥନୀତିରେ ସମବାୟ ଏବଂ ତୃଣମୂଳ ସ୍ତରର ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଏକ ବଡ ସମର୍ଥନ।

ଭାରତ ମଣ୍ଡପମରେ ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୮୦ ରୁ ଅଧିକ ଦେଶରୁ ୧,୦୦୦ରୁ ଅଧିକ ଆନ୍ତର୍ଜାତୀୟ କ୍ରେତା, ୨,୫୦୦ ଭାରତୀୟ ରପ୍ତାନିକାରୀ, ୫,୦୦୦ ଚାଷୀ ଏବଂ ଗବେଷଣା ସଂସ୍ଥା, ଆର୍ଥିକ ପ୍ରତିଷ୍ଠାନ, ମିଲର୍ସ, ଲଜିଷ୍ଟିକ୍ସ ପ୍ରଦାନକାରୀ ଏବଂ କୃଷି-ପ୍ରଯୁକ୍ତି ଉଦ୍ଭାବକ ସମେତ ୨୦୦ରୁ ଅଧିକ ପ୍ରତିଷ୍ଠାନ ଏକତ୍ରିତ ହେବାର ଆଶା କରାଯାଉଛି।

## ନଦୀରେ ବୁଡ଼ି ୨ ମୃତ: ଜଣେ ନିଖୋଜ

**ଜଗତସିଂହପୁର,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ନିକଟସ୍ଥ ପାଇକା କୂଳ ଠାରେ ପାଇକା ନଦୀରେ ଗାଧୋଉଥିବା ବେଳେ ଭାସିଗଲେ ୩ ଜଣ ଯୁବକ। ମୃତ ଅବସ୍ଥାରେ ଦୁଇ ଜଣଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଛନ୍ତି। ତିନି ଜଣଙ୍କର ଘର କ୍ରିଷ୍ଣାନନ୍ଦପୁର ଗାଁରେ। ସେମାନେ ହେଉଛନ୍ତି ଶିଶିର ବେହେରା, ଅମନଜିତ ମଲ୍ଲିକ ଓ ଅନ୍ୟ ଜଣେ ହେଉଛନ୍ତି ସୌରଭ ମଲ୍ଲିକ। ପ୍ରଥମେ ଶିଶିର ବେହେରାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଗ୍ନିଶମ ବାହିନୀ ସୌରଭ ମଲିକଙ୍କର ମୃତଦେହ ଉଦ୍ଧାର କରିଛନ୍ତି। ରଘୁନାଥପୁର ଓ ତିର୍ତ୍ତୋଲ ଅଗ୍ନିଶମ ବାହିନୀଙ୍କ ସହ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନ୍ୟ ଜଣେ ନିଖୋଜ ଥିବା ଅମନଜିତଙ୍କୁ ଖୋଜାଖୋଜି ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳିପାରିନାହିଁ।

ବେଆଇନ ବାଲି ଖୋଳା ଯୋଗୁ ଏପରି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ହଜାର ହଜାର ଲୋକ ନଦୀ କୂଳରେ ରୁଣ୍ଡ ହୋଇ ଅପେକ୍ଷା କରି ରହିଛନ୍ତି।

## ଅବକାରୀ ଚଢ଼ାଉ: ୧୬୦ ଗ୍ରାମର ବ୍ରାଉନସୁଗାର ଜବତ

**କଟକ,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ସ୍କ୍ୱାର୍ଡ଼ ବୁଧବାର ସ୍ଥାନୀୟ ସିଆରଆରଆଇ ଥାନା ଅନ୍ତର୍ଗତ ବିରିବାଟୀ ଛକରେ ୨ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା କିଶନନଗର ଥାନା ଅନ୍ତର୍ଗତ ବରଦା ଗ୍ରାମର ଜଗନ୍ନାଥ ଦାସ (୨୦) ଓ ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଅଂଚଳର ରୌନକ ଦୁବେ (୨୫)। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ୧୬୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାଛଡ଼ା ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବାଇକ ଜବତ କରିଛି। ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଏସଆଇ ଅବନି ମହାପାତ୍ର, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ କିଶନ ସବୁତ, କନେଷ୍ଟବଳ ଦୀପକ ସାହୁ ଓ ବିଶ୍ୱନାଥ ଭୋଇ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି

**କେନ୍ଦ୍ରାପଡ଼ା,୨୨।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନିକିରାଇ ଥାନା ଅନ୍ତର୍ଗତ କୋରୋ ଗ୍ରାମର ଦିବାକର ଜେନାଙ୍କ ପୁଅ ଗୋଲେଖ ଚନ୍ଦ୍ର ଜେନାଙ୍କ ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୁତ ତାଙ୍କ କବାଟ ତାଡି ଘରେ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛି। ଚୋରି ହୋଇଥିବା ଜିନିଷ ମଧ୍ୟରେ ଗୋଟିଏ ସୁନାହାର, ୨ଟି ସୁନା ଚେନ, ୧୨ଟା ସୁନା ମୁଦି ସମେତ ନଗଦ ୫ହଜାର ଟଙ୍କା ରହିଛି। ପଚ୍ଚାମୁଣ୍ଡାଇର ରଘୁନାଥ ପରିଡ଼ା ନିକିରାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଭିଣୋଇ ଗୋଲେଖ ସପରିବାର ବାଙ୍ଗାଲୋରରେ ରୁହନ୍ତି। ତାଙ୍କ କୋର ଗ୍ରାମରେ ଥିବା ପୈତୃକ ଘରେ କେହି ନଥିବାର ସୁଯୋଗନେଇ କୌଣସି ଦୁର୍ବୁତ ଘରର କବାଟ ତାଲା ଭାଙ୍ଗି ଘରେ ପଶି ଘର ଭିତରେ ଥିବା ୨ଟି ଗୋଦରେଜ ଆଲମୀରା ଓ ୨ଟି ଟିଣ ବାକ୍ସ ଭାଙ୍ଗି ସେଥିମଧ୍ୟରେ ଥିବା ଉପରୋକ୍ତ ସୁନା ଅଳଙ୍କାର ଓ ନଗଦ ଅର୍ଥ ସହ ଅନ୍ୟାନ୍ୟ ସମସ୍ତ ଜିନିଷ ଚୋରି କରିନେଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ